ISSN-0971-8397

# ଯୋଜନା

ଜାନୁଆରୀ ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ଅଭିନବତା

**ଅଭିନବତା: ପ୍ରଗତି ଓ ନୂତନତ୍ୱର ବାହକ**
ଅଜୟ ଲେଲେ

**ନୂଆ ପ୍ରଯୁକ୍ତି ଦ୍ୱାରା କୃଷି ଉତ୍ପାଦନ ଓ ଲାଭ ବୃଦ୍ଧି**
ଏମ୍.ଏସ୍. ସ୍ୱାମୀନାଥନ

**ଭାରତୀୟ ମହାକାଶ କାର୍ଯ୍ୟକ୍ରମ**
ଜି. ମାଧବନ ନାୟର





**ବିଶେଷ ପ୍ରସଙ୍ଗ**
**ଅଟଳ ଇନୋଭେସନ ମିଶନ**
ଆର୍. ରମଣନ

**ଫୋକସ୍**
**ଅଭିନବତା ମାଧ୍ୟମରେ ସାଧାରଣ ସେବା ପ୍ରଦାନ ବ୍ୟବସ୍ଥା ପରିଚାଳନାରେ ଉନ୍ନତି**
ସି. ଅଚଲେନ୍ଦ୍ର ରେଡ୍ଡୀ, ଅଭିକ୍ ଚକ୍ରବର୍ତ୍ତୀ

# ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ କେତେକ ଚୟନିତ ଭାଷଣ ସମ୍ବଳିତ ପୁସ୍ତକ ‘ଦ ରିପବ୍ଲିକାନ୍ ଏଥିକ୍’ ଏବଂ ‘ଲୋକତନ୍ତ୍ର କେ ସ୍ୱର’ ଉପରାଷ୍ଟ୍ରପତିଙ୍କ ଦ୍ୱାରା ଉନ୍ମୋଚିତ




*ଉପରାଷ୍ଟ୍ରପତି ଶ୍ରୀ ଏମ୍. ଭେଙ୍କେୟା ନାଇଡୁ ୮ ଡିସେମ୍ବର ୨୦୧୮, ନୂଆଦିଲ୍ଲୀରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ରାଷ୍ଟ୍ରପତିଙ୍କ ପ୍ରମୁଖ ଭାଷଣର ପୁସ୍ତକ ‘ଦ ରିପବ୍ଲିକାନ୍ ଏଥିକ୍’ ଏବଂ ‘ଲୋକତନ୍ତ୍ର କେ ସ୍ୱର’କୁ ଉନ୍ମୋଚିତ କରୁଛନ୍ତି। ବୈଦେଶିକ ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜ, ଯୁବ ବ୍ୟାପାର ଏବଂ କ୍ରୀଡ଼ା ତଥା ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ରାଠୋର୍, ପ୍ରସାର ଭାରତୀ ଅଧ୍ୟକ୍ଷ ଡ. ଏ. ସୂର୍ଯ୍ୟପ୍ରକାଶ ତଥା ସୂଚନା ପ୍ରସାରଣ ସଚିବ ଶ୍ରୀ ଅମିତ୍ ଖାରେ ଉପସ୍ଥିତ*

ଭାରତର ଉପରାଷ୍ଟ୍ରପତି ଶ୍ରୀ ଏମ୍. ଭେଙ୍କେୟା ନାଇଡୁ ଗତ ୨୦୧୮ ମସିହା ଡିସେମ୍ବର ୮ ତାରିଖରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୁଇଟି ପୁସ୍ତକ ‘ଦ ରିପବ୍ଲିକାନ୍ ଏଥିକ୍’ ଓ ‘ଲୋକତନ୍ତ୍ର କେ ସ୍ୱର: ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ପ୍ରମୁଖ ଭାଷଣ (ଜୁଲାଇ-୨୦୧୭-ଜୁଲାଇ-୧୮)’ର ଲୋକାର୍ପଣ କରିଥିଲେ। ଏହି ପୁସ୍ତକଦ୍ୱୟ ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ହୋଇଥିଲା। ଏହି ଅବସରରେ ବୈଦେଶିକ ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜ, ସୂଚନା ଓ ପ୍ରସାରଣ ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ରାଠୋର୍, ପ୍ରସାର ଭାରତୀ ଅଧ୍ୟକ୍ଷ ଡ. ଏ. ସୂର୍ଯ୍ୟପ୍ରକାଶ, ସୂଚନା ଓ ପ୍ରସାରଣ ସଚିବ ଶ୍ରୀ ଅମିତ୍ ଖାରେ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଉପରାଷ୍ଟ୍ରପତି ଶ୍ରୀ ଭେଙ୍କେୟା ନାଇଡୁ ଏହି ପୁସ୍ତକଦ୍ୱୟର ଡିଜାଇନିଂ ଓ ଲେଆଉଟ୍‌କୁ ପ୍ରଶଂସା କରିବା ସହ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରକାଶନ ବିଭାଗକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ, ମାନ୍ୟବର ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ଚିନ୍ତାଧାରାର ବ୍ୟାପକତା ଅତି ଉଚ୍ଚକୋଟିର ଅଟେ। ଏକ ରାଷ୍ଟ୍ରମୁଖ୍ୟ ଏବଂ ଏକ ମଜବୁତ୍ ଗଣତନ୍ତ୍ରର ପ୍ରଥମ ନାଗରିକ ଭାବେ ତାଙ୍କର ରାଷ୍ଟ୍ର ପ୍ରତି ଥିବା ଆଶା, ଆକାଂକ୍ଷା ଓ ବିଚାରଧାରା ଏଥିରେ ପ୍ରତିଫଳିତ ହୋଇଛି। ଆହୁରି ମଧ୍ୟ କହିଥିଲେ ଯେ, ‘ଦ ରିପବ୍ଲିକାନ୍ ଏଥିକ୍’ ପୁସ୍ତକ ସମସାମୟିକ ଭାରତ ଓ ବିଶ୍ୱ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ସମ୍ପର୍କିତ ତଥ୍ୟ ରାଷ୍ଟ୍ରପତିଙ୍କ ବିଚାରଧାରାର ଏକ ଅମୂଲ୍ୟ ସଂଗ୍ରହ। ଶ୍ରୀ ଭେଙ୍କେୟା ନାଇଡୁ କହିଥିଲେ ଯେ, ସବୁଠାରୁ ଜରୁରୀ ଏହା ଯେ ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ସବୁବେଳେ ସାଧାରଣ ମଣିଷ ହୃଦୟର ଭାଷାକୁ ଉପଲବ୍ଧି କରିପାରନ୍ତି।

ବୈଦେଶିକ ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜ ଏହି ପୁସ୍ତକକୁ ପ୍ରକାଶିତ କରିଥିବା ପ୍ରକାଶନ ବିଭାଗ ଏବଂ ସୂଚନା ପ୍ରସାରଣ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ଏହି ଭାଷଣ ସଂକଳନରେ ରାଷ୍ଟ୍ରପତି ଶ୍ରୀ କୋବିନ୍ଦଙ୍କର ଜ୍ଞାନ ଓ ବିଭିନ୍ନ ବିଷୟରେ ଥିବା ଅଗାଧ୍ୟ ପାଣ୍ଡିତ୍ୟର ପ୍ରତିଫଳନ ହେଉଛି। ଆହୁରି ମଧ୍ୟ ଜଣାଇଥିଲେ ଯେ, ବୈଦେଶିକ ମନ୍ତ୍ରଣାଳୟ ଆମ ରାଷ୍ଟ୍ରର ସଂସ୍କୃତି, ପରମ୍ପରା ଓ ବିକାଶ ସମ୍ପର୍କିତ ପୁସ୍ତକଗୁଡ଼ିକ ନିୟମିତ ଭାବେ ବିଦେଶରେ ଥିବା ଭାରତୀୟ ଦୂତାବାସ ଏବଂ ପୁସ୍ତକାଳୟକୁ ପ୍ରେରଣ କରାଯାଇଛି। ‘ଭାରତ ଏକ ପରିଚୟ’ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରକାଶନ ବିଭାଗର ବିଭିନ୍ନ ମହତ୍ୱପୂର୍ଣ୍ଣ ପୁସ୍ତକ ମଧ୍ୟ ବିଦେଶ ପଠାଇଯାଇଥିବା ପୁସ୍ତକ ତାଲିକାରେ ଅନ୍ତର୍ଭୁକ୍ତ।

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ରାଠୋର୍ କହିଥିଲେ ଯେ, ଆମର ନେତା ନୀତି ନିର୍ଦ୍ଧାରଣ କରିବା ସହ ଦେଶର ଭବିଷ୍ୟତ ମଧ୍ୟ ଗଢୁଛନ୍ତି। ଆମେ ଏହି କଥା ପାଇଁ ଗର୍ବ ଅନୁଭବ କରୁଛେ ଯେ ଆମର ନେତୃବୃନ୍ଦ ନିମ୍ନ ସ୍ତରରୁ ଆସିଛନ୍ତି ଏବଂ ପରବର୍ତ୍ତୀ ସମୟରେ ଉପରକୁ ଉଠି ନୀତି ନିର୍ଦ୍ଧାରଣ ସ୍ତରକୁ ପହଞ୍ଚି ପାରୁଛନ୍ତି। ଆହୁରି ମଧ୍ୟ କହିଥିଲେ ଯେ, ଏଥିଯୋଗୁଁ ଆମ ଦେଶର ନେତୃବୃନ୍ଦ ଜନସାଧାରଣଙ୍କ ସହ ଯୋଡ଼ିହୋଇ ରହିଛନ୍ତି।

ଜାନୁଆରୀ ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ବ୍ୟବସାୟ ପରିଚାଳନା: ସୂର୍ଯ୍ୟକାନ୍ତ ଶର୍ମା
ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଥୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଶମୀମା ସିଦ୍ଦିକୀ
ବରିଷ୍ଠ ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ
ସମ୍ପାଦକ: ମନୋଜ କୁମାର ଜାଲି

ଷଡ଼ବିଂଶ ବର୍ଷ / ଚତୁର୍ଥ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ/ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୪ |
| ● ଅଭିନବତା: ପ୍ରଗତି ଓ ନୂତନତ୍ୱର ବାହକ<br>*ଡ. ଅଜୟ ଲେଲେ* | ୫ |
| ● ନୂଆ ପ୍ରଯୁକ୍ତି ଦ୍ୱାରା କୃଷି ଉତ୍ପାଦନ ଓ ଲାଭ ବୃଦ୍ଧି<br>*ଏମ୍.ଏସ୍. ସ୍ୱାମୀନାଥନ୍* | ୧୦ |
| ● ଭାରତୀୟ ମହାକାଶ କାର୍ଯ୍ୟକ୍ରମ ପାଇଁ ଆହ୍ୱାନ<br>*ଡକ୍ଟର ଜି. ମାଧବନ ନାୟର* | ୧୫ |
| ● ବିଶେଷ ପ୍ରସଙ୍ଗ<br>ଅଟଲ ଇନୋଭେସନ ମିଶନ<br>*ଆର୍. ରମଣନ୍* | ୨୦ |
| ● ଫୋକସ୍<br>ଅଭିନବତା ମାଧ୍ୟମରେ ସାଧାରଣ<br>ସେବା ପ୍ରଦାନ ବ୍ୟବସ୍ଥା ପରିଚାଳନାରେ ଉନ୍ନତି<br>*ସି. ଅଚଳେନ୍ଦ୍ର ରେଡ୍ଡୀ, ଅଭିକ ଚକ୍ରବର୍ତ୍ତୀ* | ୨୪ |
| ● ଏସ୍‌ଏମ୍‌ଇ କ୍ଷେତ୍ରରେ ଅଭିନବତାର ପ୍ରଭାବ<br>*ମଞ୍ଜୁଳା ୱାଧ୍ୱା* | ୨୯ |
| ● ଉଚ୍ଚଶିକ୍ଷା କ୍ଷେତ୍ରରେ ଅଭିନବ ପ୍ରୟାସ<br>*ଇନ୍ଦ୍ରନୀଳ ମାନ୍ନା* | ୩୩ |
| ● ଆର୍ଥିକ କ୍ଷେତ୍ରରେ ଅଭିନବତା<br>*ଶିଶିର ସିହ୍ନା* | ୩୮ |
| ● ନବୋନ୍ମେଷ ଓ ଓଡିଶାରେ ଏହାର ସମ୍ଭାବନା<br>*କମଳାକାନ୍ତ ଜେନା* | ୪୨ |
| ● ବୈଷୟିକ ଜ୍ଞାନକୌଶଳ ସମୃଦ୍ଧ ଓଡ଼ିଶା<br>*ଡକ୍ଟର ପ୍ରମୋଦ କୁମାର ମହାପାତ୍ର* | ୪୬ |
| ● ଆପଣ ଜାଣନ୍ତି କି ? | ୪୯ |
| ● ସାମ୍ପ୍ରତୀକି | ୫୧ |

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ଅଭିନବତା ଦ୍ୱାରା ଭିନ୍ନତା ସୃଷ୍ଟି

**ଆ**ର୍କିମେଡିସ୍ ଯେତେବେଳେ 'ୟୁରେକା' ବୋଲି ଚିତ୍କାର କଲେ ସେତେବେଳେ ଏହା ତାଙ୍କର ଏକ ନୂଆ ଉଦ୍ଭାବନ ଜନିତ ଉତ୍ସାହର ଅଭିବ୍ୟକ୍ତି କେବଳ ନ ଥିଲା; ଏହା ବରଂ ଥିଲା ଉଦ୍ଭାବନ ଓ ଆବିଷ୍କାର ସଂକ୍ରାନ୍ତ ତାଙ୍କ ସକଳ ଅନୁଭୂତିର ଏକ ସ୍ୱାଭାବିକ ପରିତୃପ୍ତ ବୃତ୍ତାନ୍ତ।

ମାନବଜାତିର ସମଗ୍ର ବିକାଶର କେନ୍ଦ୍ରରେ ରହିଛି ଅଭିନବତା ବା ଉଦ୍ଭାବନ, ଯାହାକୁ ଇନୋଭେସନ କୁହାଯାଉଛି। ନିଆଁର ଆବିଷ୍କାର, ଚକର ଉଦ୍‌ଭାବନ, ଶିକାର ପାଇଁ ଅସ୍ତ୍ରଶସ୍ତ୍ର ତିଆରି କରିବାର କୌଶଳ ହାସଲ, ଚାଷବାସ କରିବାର ବୃଦ୍ଧି ବିଚାର ଏସବୁ ପଛରେ ରହିଛି ବିଚାରବୁଦ୍ଧି ଓ ପର୍ଯ୍ୟବେକ୍ଷଣ ଗତ ଅଭିନବତା। ଏବେ ମଧ୍ୟ ମାନବସମାଜର ପ୍ରତ୍ୟେକ କ୍ଷେତ୍ରରେ ନୂଆ ନୂଆ କଥା ବା ଅଭିନବତା ବାହାରୁଛି। କୃଷି, ମହାକାଶ ବିଜ୍ଞାନ, ଜୈବ ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଆଦି ପ୍ରତ୍ୟେକ କ୍ଷେତ୍ରରେ ନୂଆନୂଆ ଉଦ୍ଭାବନ ଓ କୌଶଳ ବିକଶିତ ହେଉଛି। ଏହି ଅଭିନବତା ଦ୍ୱାରା ପ୍ରତ୍ୟେକ କ୍ଷେତ୍ର ଉପକୃତ ହେଉଛି।

ଏହା ନିଃସନ୍ଦେହ ଯେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ର ଅଭିନବତାରେ ସର୍ବଦା ଆଗରେ ରହିଛି। ଏସବୁ ଉଦ୍ଭାବନ ଓ ଆବିଷ୍କାର ମୂଳତଃ ସାଧାରଣ ମଣିଷର ଜୀବନ ସହିତ ସଂପୃକ୍ତ। ମଣିଷ ଜୀବନକୁ ସୁଖଦ ଓ ନିରାମୟ କରିବା ପାଇଁ ଏହା ଉଦ୍ଦିଷ୍ଟ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଡିଏନ୍‌ଏ ପ୍ରୋଫାଇଲିଂର ଉଦ୍ଭାବନ, ଷ୍ଟେମ୍ ସେଲ୍ ଗବେଷଣା, ଅଙ୍ଗଦାନ, ହୃଦ୍ ପ୍ରତିରୋପଣ ଆଦି କେବଳ ଜୀବନରକ୍ଷାକାରୀ ନୁହେଁ, ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି।

ସବୁଜ ବିପ୍ଳବ ଭଳି ଅଭିନବତା ଜରିଆରେ ଭାରତ ଭଳି ଏକ ଅନ୍ନକ୍ଲିଷ୍ଟ ଦେଶକୁ ଖାଦ୍ୟ ଶସ୍ୟ ଉତ୍ପାଦନରେ ବଳକା ଦେଶରେ ପରିଣତ କରାଯାଇପାରିଛି। ଏ କ୍ଷେତ୍ରରେ ନିରନ୍ତର ଅଭିନବ ପ୍ରୟାସ କୃଷି ଉତ୍ପାଦନ ବଢ଼ାଇବା ସହ କୃଷକର କଲ୍ୟାଣ ସାଧନରେ ବୃହତ୍ତର ଅବଦାନ ଯୋଗାଇଛି।

ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତ ନୂଆ ଉଦ୍ଭାବନ ଓ ଆବିଷ୍କାର ଜରିଆରେ ଯଥେଷ୍ଟ ପ୍ରଗତି କରିଛି ଏବଂ ଏହା ପଛରେ ରହିଛି ସେଇ ଅଭିନବ ପ୍ରୟାସ ଜନିତ ସଫଳତା। ଏହା ଫଳରେ ଭାରତ ବିଶ୍ୱର ଏକ ପ୍ରମୁଖ ମହାକାଶ ଶକ୍ତିରେ ପରିଣତ ହୋଇଛି। ଏହି ସଫଳତା ଦେଶର ଟେଲିଯୋଗାଯୋଗ ଓ ଗ୍ରାମାଞ୍ଚଳ ସଞ୍ଚାର ବ୍ୟବସ୍ଥାକୁ ଉତ୍‌ପ୍ରେରିତ କରିଛି।

ସରକାର ବିଭିନ୍ନ କ୍ଷେତ୍ରରେ ଅଭିନବତାକୁ ଅଗ୍ରାଧିକାର ଦେଉଛନ୍ତି ଏବଂ ସରକାରୀ ନୀତି ଓ କାର୍ଯ୍ୟକ୍ରମରେ ଏହା ସର୍ବାଗ୍ରେ ରହିଛି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଇନୋଭେସନ ସେଲ୍ (ଏମ୍‌ଆଇସି) ଅଟଳ ଇନୋଭେସନ ମିଶନରେ ଶିକ୍ଷାନୁଷ୍ଠାନଗୁଡ଼ିକର ର୍ୟାଙ୍କିଂ (ଏଆର୍‌ଆଇଆଇଏ) ଜିଆଇଏଏନ୍ (ଗ୍ୟାନ୍) ଓ ସ୍ପାର୍କ ଆଦି ସମସ୍ତ କାର୍ଯ୍ୟକ୍ରମ ନୂଆ ଉଦ୍ଭାବନ ବା ଅଭିନବତା ପାଇଁ ଉଦ୍ଦିଷ୍ଟ। ଏସବୁ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ମସ୍ତିଷ୍କକୁ ଅଭିନବ ମନସ୍କ କରିବାକୁ ଉତ୍ସାହିତ କରାଯାଉଛି। ସେହିଭଳି ମୁଦ୍ରା ଓ ଆସ୍‌ପାୟାର ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ନୂଆ ବିଚାର ଓ ବୁଦ୍ଧିର ପ୍ରୟୋଗ କରି ଉଦ୍ୟମିତା ବଢ଼ାଇବାକୁ ଉଦ୍ୟମ ହେଉଛି। ଜନଧନ ଯୋଜନା ଓ ବିଭିନ୍ନ ଅଭିନବ ପେନ୍‌ସନ୍ ଯୋଜନା ପଛରେ ରହିଛି ଲୋକଙ୍କ କଲ୍ୟାଣ ସହ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସମାବେଶୀ କରିବାର ମହତ୍ ଲକ୍ଷ୍ୟ। ଏହାଦ୍ୱାରା ସାଧାରଣ ଲୋକ ବିଶେଷ ଉପକୃତ ହେଉଛନ୍ତି।

ଅଟଳ ଇନୋଭେସନ ମିଶନ ଓ ଭିମ୍ ଆପ୍ ଉଦ୍ଭାବନ, ଇ-ନାମ ଭଳି ସ୍ୱତନ୍ତ୍ର ଅଭିନବ କାର୍ଯ୍ୟକ୍ରମର ସଫଳତା ଭାରତର ଅଭିନବ ଉଦ୍‌ଭାବନ ଚେତନାକୁ ପୁଷ୍ପିତ କରିଛି। ମେଟ୍ରୋ ଟ୍ରେନ୍ ଆଧୁନିକ ପରିବହନ ବ୍ୟବସ୍ଥାର ସବୁଠୁ ବଡ଼ ଅଭିନବ ଉଦ୍ଭାବନ। ଏହା ଫଳରେ ସାଧାରଣ ପରିବହନ ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ ଘଟିଛି।

କେଉଁ ସ୍ମରଣାତୀତ କାଳରୁ ଏଇ ଅଭିନବତା ବା ଇନୋଭେସନ ମାନବ ସମାଜରେ ନିରନ୍ତର ପରିବର୍ତ୍ତନ କ୍ରମାଗତ ଆଣୁଛି। ଏଥିରେ ସନ୍ଦେହର ଅବକାଶ ନାହିଁ। ତେବେ ଏହା ବୈଜ୍ଞାନିକ ଓ ଗବେଷକଙ୍କ ବ୍ୟକ୍ତିଗତ ଉଦ୍ୟମ ଭିତରେ କେବଳ ସୀମିତ ରହିବା ଉଚିତ ନୁହେଁ। ଆମ ପ୍ରତ୍ୟେକଙ୍କ ଭିତରେ ଥିବା ଅଭିନବ ଚେତନା (ଇନୋଭେଟିଭ ସ୍ପିରିଟ୍)କୁ ଜାଗ୍ରତ କରି ଏହାକୁ ଆଗକୁ ବଢ଼ାଇବାକୁ ହେବ। ପ୍ରାରମ୍ଭିକ ଅବସ୍ଥାରୁ ଏଥି ପାଇଁ ଉଦ୍ୟମର ଆବଶ୍ୟକତା ରହିଛି। ଘୋଷାପଢ଼ା ପାଠ ପରିବର୍ତ୍ତେ ଛାତ୍ରାବସ୍ଥାରୁ ପିଲାଙ୍କ ମଧ୍ୟରେ ନୂଆ କିଛି କରିବା ବା କିଛି ଅଭିନବତା ହାସଲ କରିବାର ମନୋଭାବ ଉଦ୍ରେକ କରିବାକୁ ହେବ। ଏଥିପାଇଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାର ଆବଶ୍ୟକତା ରହିଛି। ଏହା ସହିତ ପିତାମାତା, ଅଭିଭାବକଙ୍କ ଓ ସର୍ବୋପରି ସାମାଜିକ ସ୍ତରରେ ମନୋଭାବ ପରିବର୍ତ୍ତନ ଆଣିବାକୁ ହେବ। ସଂପୃକ୍ତ ସମସ୍ତ ପକ୍ଷଙ୍କ ଦ୍ୱାରା ଏ କ୍ଷେତ୍ରରେ ମିଳିତ ଉଦ୍ୟମ ହେଲେ ନୂତନତ୍ୱ ଓ ଭିନ୍ନତା ହାସଲ ସହ ଅନେକ କିଛି ପରିବର୍ତ୍ତନ ଆସିପାରିବ।

# ଅଭିନବତା: ପ୍ରଗତି ଓ ନୂତନତ୍ୱର ବାହକ

ଡ. ଅଜୟ ଲେଲେ

ଅଭିନବତା (ଇନୋଭେସନ) ମୁଖ୍ୟତଃ ପ୍ରଗତିକୁ ସୂଚାଏ; ତଥାପି ଏହି ପ୍ରଗତି ନୂତନତ୍ୱର ବାହକ ହେବା ଗୁରୁତ୍ୱପୂର୍ଣ୍ଣ। ଏହାର କାରଣଟି ହେଲା ଆମର ପ୍ରଗତି ମୁଖ୍ୟତଃ ପ୍ରଚଳିତ ଟେକ୍‌ନୋଲୋଜିର ଉନ୍ନତିରେ ସୀମିତ ରହିଯାଏ। ତେଣୁକରି କିଛି ନୂଆ ମୌଳିକ ଉଦ୍ଭାବନ ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଉଦାହରଣ ସ୍ୱରୂପ କମ୍ପ୍ୟୁଟରକୁ ନିଆଯାଇପାରେ। ୧୯୮୫ରେ ୩୨-ବିଟ୍ ମାଇକ୍ରୋପ୍ରୋସେସରକୁ ପ୍ରଥମେ କାମରେ ବିନିଯୋଗ କରାଗଲା। ଇନଟେଲ ୮୦୩୮୬ ଯାହା ସାଧାରଣତଃ ୩୮୬ ନାମରେ ପରିଚିତ ଅଳ୍ପ କେଇ ବର୍ଷ ପରେ ୪୮୬ ମାଇକ୍ରୋପ୍ରୋସେସର ତାହାର ସ୍ଥାନ ଦେଲା। ଏହାର କାର୍ଯ୍ୟ ଦକ୍ଷତା କ୍ଷମତା ବା ୟୁନିଟ୍ ଅଧିକ ଥିଲା। ଏ କ୍ଷେତ୍ରରେ ଟେକ୍‌ନୋଲୋଜିର ସ୍ୱାଭାବ ବା ଗୁଣ ପ୍ରାୟତଃ ସମାନ ଥିଲେ ବି ଏଠାରେ ଟେକ୍‌ନୋଲୋଜିର ଉନ୍ନୟନ ବା ଅପ୍‌ଗ୍ରେଡେସନ ହୋଇଥିଲା। ତେବେ ସେ ଯା'ହେଉ ବର୍ତ୍ତମାନର ପାରମ୍ପରିକ ବା କ୍ଲାସିକାଲ ସିଷ୍ଟମ ଯଦି ଭବିଷ୍ୟତରେ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ ସିଷ୍ଟମ ଦ୍ୱାରା ବଦଳେ ତେବେ ଯାଇ ବୁଝିବାକୁ ହେବ ଯେ କମ୍ପ୍ୟୁଟିଙ୍ଗ ଟେକ୍‌ନୋଲୋଜି କ୍ଷେତ୍ରରେ ଏକ ନୂଆ ଅଭିନବତା ବା ଇନୋଭେସନ ଆସିଛି। ଏହାର କାରଣ ହେଲା କ୍ଲାସିକାଲ ଫରମାଟ୍‌ରେ କମ୍ପ୍ୟୁଟିଙ୍ଗ ପ୍ରୋସେସ୍ ଭିନ୍ନ ଏବଂ କ୍ୱାଣ୍ଟମ୍ ଫରମାଟ ଓ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ ଭବିଷ୍ୟତରେ ବର୍ତ୍ତମାନର କମ୍ପ୍ୟୁଟିଙ୍ଗ ପ୍ରୋସେସ୍ ଷ୍ଟ୍ରକ୍‌ଚର ଭିତ୍ତିରେ ଏକ ବଡ଼ଧରଣର ପରିବର୍ତ୍ତନ ଆଣିବ। ଏବେ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ ପରୀକ୍ଷା ନିରୀକ୍ଷା ସ୍ତରରେ ରହିଛି ଏବଂ ଆଶା କରାଯାଉଛି ଯେ ଆଉ ଅଳ୍ପ ଦିନରେ ଏହି ନୂଆ ଟେକ୍‌ନୋଲୋଜି ବାସ୍ତବତାର ରୂପ ନେଇ ସୂଚନା






ଓ ପ୍ରଯୁକ୍ତି କ୍ଷେତ୍ର ବିଶେଷ କରି ଆଇଟି ଉଦ୍ୟୋଗରେ ଏକ ବଡ଼ଧରଣର ପରିବର୍ତ୍ତନ ଆଣିବ।

ଟେକ୍ନୋଲୋଜି ମାନବ ବିକାଶର ଏକ ପ୍ରମୁଖ ଉପାଦାନ। ମାନବ ବିକାଶର ଦୀର୍ଘ କାହାଣୀରେ ଟେକ୍ନୋଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅନେକ ଉଦାହରଣ ରହିଛି। ଖାଦ୍ୟ, ପାନୀୟ, ବସ୍ତ୍ର, ବାସଠାରୁ ଆରମ୍ଭ କରି ସୁରକ୍ଷା ଭଳି ମୌଳିକ ଆବଶ୍ୟକତା ପୂରଣରେ ଟେକ୍ନୋଲୋଜିର ଭୂମିକା ଅନସ୍ୱୀକାର୍ଯ୍ୟ। ମଣିଷ ଜୀବନକୁ ସରଳ ସୁନ୍ଦର ଓ ନିରାପଦ କରିବାରେ ଟେକ୍ନୋଲୋଜି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସିଛି। ଏବେ ବିଜ୍ଞାନ ଓ ପ୍ରଯୁକ୍ତି (ଟେକ୍ନୋଲୋଜି) କ୍ଷେତ୍ରରେ ବିଶ୍ୱରେ ବଡ଼ଧରଣର ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଅଭିନବ ଜ୍ଞାନକୌଶଳ ସାଧାରଣ ମଣିଷର ଜୀବନରେ ବଡ଼ ପରିବର୍ତ୍ତନ ଆଣିଛି। ପଦାର୍ଥ ବିଜ୍ଞାନଠାରୁ ଆରମ୍ଭ କରି ଜୈବବିଜ୍ଞାନ ପ୍ରତ୍ୟେକ କ୍ଷେତ୍ରରେ ନୂଆ ନୂଆ ଜ୍ଞାନକୌଶଳ ଓ ଅଭିନବତା ଆସୁଛି। ଏହି ଅଭିନବତା ମାନବଜୀବନରେ ନିକଟ ଭବିଷ୍ୟତରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।

୧୯୪୮ରେ ଟ୍ରାନ୍‌ଜିଷ୍ଟରର ଉଦ୍ଭାବନ ରେଡିଓ ଟେକ୍ନୋଲୋଜିରେ ଏକ ବିରାଟ ସମ୍ଭାବନା ସୃଷ୍ଟି କଲା। ଏହା ଫଳରେ ଭାକ୍ୟୁମ୍ ଟ୍ୟୁବ୍ ଟେକ୍ନୋଲୋଜିର ଅବସାନ ଘଟିଲା। ନୂଆ ଇଲେକ୍ଟ୍ରୋନିକ ଉପାଦାନ ଯୋଗାଯୋଗ କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିଲା। ଟ୍ରାନ୍‌ଜିଷ୍ଟରର ଉଦ୍ଭାବନ ଆଧୁନିକ ଯୁଗର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି କହିଲେ ଅତ୍ୟୁକ୍ତି ହେବ ନାହିଁ। ଟ୍ରାନ୍‌ଜିଷ୍ଟର ଏକ ପ୍ରତିରୋଧକାରୀ ବା ରେଜିଷ୍ଟର। ଏହା ଏକ ସେମିକଣ୍ଡକ୍ଟର ଉପକରଣ ଯାହା ଇଲେକ୍ଟ୍ରୋରାଲ ସିଗ୍ନାଲକୁ ବଢ଼ାଇପାରେ ଓ ଏକ ଆମ୍ପ୍ଲିଫାୟାର ଭାବେ କାମ କରେ। ଟ୍ରାନ୍‌ଜିଷ୍ଟର ଇଲେକ୍ଟ୍ରୋନିକ୍ସ ଓ କମ୍ପ୍ୟୁଟିଙ୍ଗ କ୍ଷେତ୍ରରେ ଏକ ବିପ୍ଳବ ଆଣିଛି।




ବାସ୍ତବରେ ବିଭିନ୍ନ ଟେକ୍ନୋଲୋଜିର ବିକାଶ ଓ ପ୍ରଦର୍ଶନ ଫଳରେ ସପ୍ତଦଶ ଓ ଅଷ୍ଟଦଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ସୃଷ୍ଟି ହୋଇ ଏହି ଧାରା ଏଯାଏ ଅବ୍ୟାହତ ରହିଛି। ପ୍ରଥମ ଶିଳ୍ପ ବିପ୍ଳବର ଶ୍ରେୟ ବ୍ରିଟିଶ ଶିଳ୍ପ ଉଦ୍ୟୋଗକୁ ଯାଏ। ସେ ଦେଶରେ ବିଭିନ୍ନ ଶିଳ୍ପ ସଂସ୍ଥାର ବିକାଶ ଏହି ବିପ୍ଳବକୁ ତ୍ୱରାନ୍ୱିତ କରିଥିଲା। କ୍ରମଶଃ ବ୍ରିଟେନରୁ ଶିଳ୍ପ ବିପ୍ଳବର ଧାରା ଅନ୍ୟାନ୍ୟ ୟୁରୋପୀୟ ରାଷ୍ଟ୍ରକୁ ପ୍ରସାରିତ ହୋଇ ଶେଷରେ ଆମେରିକାରେ ପହଞ୍ଚିଥିଲା। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଶିଳ୍ପ ପ୍ରସାର ସମଗ୍ର ପଶ୍ଚିମ ୟୁରୋପ୍ ଓ ଆମେରିକାର ଉତ୍ତର ଓ ଉତ୍ତର ପୂର୍ବାଞ୍ଚଳକୁ ପ୍ରସାରିତ ହୋଇଥିଲା। ଏହି ସମୟରେ ଆମେରିକା ବିଶ୍ୱର ପ୍ରମୁଖ ଶିଳ୍ପକେନ୍ଦ୍ରର ମାନ୍ୟତା ଲାଭ କଲା। ଏସିଆରେ ଜାପାନ ଏବଂ ବିଂଶ ଶତାବ୍ଦୀର ଶେଷ ଭାଗରେ ଦକ୍ଷିଣ କୋରିଆ ଶିଳ୍ପ ବିପ୍ଳବରେ ଉଲ୍ଲେଖନୀୟ ଅବଦାନ ରଖିଥିଲା। ତେବେ ଗତ କେଇ ଦଶନ୍ଧି ମଧ୍ୟରେ ଯେଉଁ ଗୋଟିଏ ଦେଶ ଶିଳ୍ପ ବିପ୍ଳବରେ ବିଶ୍ୱରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ତାହା ହେଲା ଚୀନ୍। ଏହି ସମୟରେ




ଶିଳ୍ପାୟନ କ୍ଷେତ୍ରରେ ଇସ୍ରାଏଲ ଓ ଭାରତ ମଧ୍ୟ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି । ଏହି ଦୁଇଦେଶରେ ଟେକ୍‌ନୋଲୋଜିର ଅଭୂତପୂର୍ବ ବିକାଶ ଘଟିଛି । ଏସବୁ ଶିଳ୍ପ ବିପ୍ଲବର ପ୍ରମୁଖ ବିଶେଷତ୍ୱମାନ ନିମ୍ନରେ ପ୍ରଦାନ କରାଗଲା ।

**ପ୍ରଥମ ଶିଳ୍ପ ବିପ୍ଲବ:** ୧୭୬୦-୧୮୪୦ - ଏହି ସମୟରେ ବାଷ୍ପ ଚାଳିତ ଇଞ୍ଜିନ୍ ଉଦ୍ଭାବିତ ହେବା ସହ ବୟନ (ଟେକ୍ସଟାଇଲ୍) ଶିଳ୍ପ ଓ ମେକାନିକାଲ (ମେସିନ୍) ଇଞ୍ଜିନିୟରିଂର ଉଦ୍‌ଭବ ହୋଇଥିଲା ।

**ଦ୍ୱିତୀୟ ଶିଳ୍ପ ବିପ୍ଲବ:** ୧୮୭୦-୧୯୧୪ - ଏହି ସମୟରେ ରେଳବାଇ ଓ ଇସ୍ପାତ ଉଦ୍ୟୋଗର ଅୟଆରମ୍ଭ ହେଲା ।

**ତୃତୀୟ ଶିଳ୍ପ ବିପ୍ଲବ:** ୧୯୬୯-୨୦୦୦ - ଏହି ପର୍ଯ୍ୟାୟରେ ଇଲେକ୍‌ଟ୍ରିକ୍ ଇଞ୍ଜିନ୍, ଭାରୀ ରସାୟନ (ହେଭି କେମିକାଲ୍ସ), ଅଟୋମୋବାଇଲ ଓ ଖାଉଟି ସାମଗ୍ରୀ (କନ୍‌ଜ୍ୟୁମର ଡ୍ୟୁରେବଲ ଆଦିର ଉଦ୍‌ଭବ ଘଟିଲା ।

**ଚତୁର୍ଥ ଶିଳ୍ପ ବିପ୍ଲବ:** ଏହା ଶିଳ୍ପ ବିପ୍ଲବ ଓ ପ୍ରଗତିର ଚଳନ୍ତି ପର୍ଯ୍ୟାୟ ଯାହା ୨୦୦୦ ମସିହା ଠାରୁ ଆରମ୍ଭ ହୋଇଛି । ଏହା ମଧ୍ୟ ଇଣ୍ଡଷ୍ଟ୍ରି ୪.୦ ନାମରେ ପରିଚିତ । ଏହି ପର୍ଯ୍ୟାୟରେ ପ୍ରଥମେ ତୈଳ ଉଦ୍ୟୋଗ ଓ ଆଇଟି କ୍ଷେତ୍ରର ଅଭ୍ୟୁଦୟ ଆରମ୍ଭ ହେଲା । ଏହା ସହିତ ଏହି ପର୍ଯ୍ୟାୟରେ ପରବର୍ତ୍ତୀ କାଳରେ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅନେକ ନୂଆ ନୂଆ ଉଦ୍ଭାବନ ଓ ଅଭିନବତା ଆସିଛି ।

ବାୟୋଲୋଜି, ବାୟୋଟେକ୍‌ନୋଲୋଜି, ଫାର୍ମାସୀ, ମେଡିସିନ୍ ଆଦି କ୍ଷେତ୍ରରେ ଏହି ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ ଓ ନୂତନତ୍ୱ ଆସିଛି । ଏହି ପର୍ଯ୍ୟାୟ ମଣିଷର ପରାମାୟୁ ବୃଦ୍ଧି ଓ ତାହାର ସୁଖସମୃଦ୍ଧି ବଢ଼ାଇବାରେ ବିଶେଷ ସହାୟକ ହୋଇଛି । ଅନେକ ଅଜଣା ବ୍ୟାଧିର ଚିହ୍ନଟ ଏବଂ ଏହାର ଚିକିତ୍ସା କ୍ଷେତ୍ରରେ ଏହି ପର୍ଯ୍ୟାୟରେ ଭେଷଜ କ୍ଷେତ୍ରରେ ନୂଆନୂଆ ଉପଲବ୍ଧିମାନ ହାସଲ କରାଯାଇଛି । ୧୯୨୮ରେ ପେନ୍‌ସିଲିନ୍ ଉଦ୍ଭାବିତ ହୋଇଥିଲା । ସ୍କଟଲ୍ୟାଣ୍ଡର ବୈଜ୍ଞାନିକ ଆଲେକଜାଣ୍ଡର ଫ୍ଲେମିଙ୍ଗଙ୍କ ଦ୍ୱାରା ଉଦ୍ଭାବିତ ପେନ୍‌ସିଲିନ୍ ଭେଷଜ କ୍ଷେତ୍ରରେ ଆଧୁନିକ ଯୁଗର ଅୟମାରମ୍ଭ କରିଥିଲା ବୋଲି କୁହାଯାଏ । ପେନ୍‌ସିଲିନ୍ ବ୍ୟାକ୍‌ଟେରିଆ ଜନିତ ସଂକ୍ରମଣର ଚିକିତ୍ସାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଚିକିତ୍ସା ବିଜ୍ଞାନରେ ଏକ ନୂଆ ଅଧ୍ୟାୟ ଯୋଡ଼ିଥିଲା । ପ୍ରାୟ ୭୦ ବର୍ଷ ପରେ ୨୦୦୧ରେ ମାନବ ଗୁଣସୂତ୍ର (ହ୍ୟୁମାନ ଜେନମ୍)ର ସମସ୍ତ ୩୦୦କୋଟି ମୂଳ ଯୁଗଳ (ବେସ୍‌ପେୟାର) ଉଦ୍ଭାବିତ ହେଲା । ଡିଏନ୍‌ଏ (ଡେଓକ୍ସିରିବୋନ୍ୟୁକ୍ଲିକ୍ ଏସିଡ୍)ର ଉଦ୍ଭାବନ ଜୀବ ବା ପ୍ରାଣୀ ବିଜ୍ଞାନ କ୍ଷେତ୍ରରେଏକ ଆମୂଳଚୂଳ ବିପ୍ଳବ ଆଣିଲା । ଏହା ଫଳରେ ଚିକିତ୍ସା ବିଜ୍ଞାନ ବାହାରେ ମଣିଷ ସମ୍ମୁଖୀନ ହେଉଥିବା ସମସ୍ୟାବଳୀର ସମାଧାନ ପାଇଁ ଏହା ବାଟ ଫିଟାଇଲା । ଏବେ ଡିଏନ୍‌ଏ ପ୍ରୋଫାଇଲିଙ୍ଗ ବ୍ୟବସ୍ଥାରେ ମଣିଷର ରକ୍ତଗତ ସମ୍ପର୍କ ନିର୍ଦ୍ଧାରଣ, ପିତୃତ୍ୱ ଓ ମାତୃତ୍ୱ ପରୀକ୍ଷା ସମ୍ଭବ ହୋଇଛି । ଏହା ମଧ୍ୟ ଅପରାଧ ସମାଧାନ କ୍ଷେତ୍ରରେ ଆଇନ୍ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସାହାଯ୍ୟ କରୁଛି । ଏହି ସମୟରେ ମଧ୍ୟ ଷ୍ଟେମ୍ ସେଲ୍ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି । କୃତ୍ରିମ କୋଷ ସୃଷ୍ଟି କରାଯାଇ ମଣିଷ ଶରୀରରର ରୁଗ୍ଣ, କ୍ଷତିଗ୍ରସ୍ତ ଓ ଅକାମୀ କୋଷକୁ ବଦଳାଇବା ସମ୍ଭବ



ହୋଇଛି । ଅଙ୍ଗଦାନ କ୍ଷେତ୍ରରେ ଏହି ସମୟରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଘଟିଛି । ଆଖି, ଫୁସ୍‌ଫୁସ୍, ହୃଦ୍‌ଯନ୍ତ୍ର, କିଡ୍‌ନୀ (ବୃକକ) ଯକୃତ୍ (ଲିଭର) ପ୍ରତିରୋପଣ କରାଯାଇ ଅସୁସ୍ଥ ଲୋକଙ୍କୁ ସୁସ୍ଥ କରାଯାଇପାରୁଛି । ଏହା ମଣିଷ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଛି ଓ ବ୍ୟାଧି ନିରାକରଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି ।

ଶକ୍ତି କ୍ଷେତ୍ରରେ ମଧ୍ୟ ଶିଳ୍ପ ବିପ୍ଳବର ବିପୁଳ ପ୍ରଭାବ ପଡ଼ିଛି । ପରମାଣୁ ଠାରୁ ଆରମ୍ଭ କରି ସୌରଶକ୍ତି ପର୍ଯ୍ୟନ୍ତ, ଜୈବିକ ଇନ୍ଧନଠାରୁ ବିଭିନ୍ନ ସ୍ୱଚ୍ଛ ଇନ୍ଧନ ଯାଏ ସବୁ କ୍ଷେତ୍ରରେ ଏହା ପରିଲକ୍ଷିତ । ପବନଶକ୍ତିର ଉପଯୋଗ ଏ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି । ଏବେ ସ୍ୱତନ୍ତ୍ରଭାବେ ନିର୍ମିତ ଏରୋଜେନେରେଟର ମାଧ୍ୟମରେ ପବନ ଶକ୍ତି ଉତ୍ପାଦିତ ହେଉଛି । ଏହି ଜେନେରେଟର ପଙ୍ଖାର ଆବଶ୍ୟକତା ପଡୁନାହିଁ । ଏହା କେବଳ ପରିବେଶ ଅନୁକୂଳ ନୁହେଁ; କମ୍ ମୂଲ୍ୟରେ ମଧ୍ୟ ଶକ୍ତି ଉତ୍ପାଦନ କରିବାରେ ସହାୟକ ହେଉଛି । ଏ କ୍ଷେତ୍ରରେ ଏକାଧିକ ଷ୍ଟାର୍ଟଅପ୍ କାମ କରୁଛି । ଆଣବିକ ସଂଯୋଜନ (ନ୍ୟୁକ୍ଲିୟର ଫ୍ୟୁଜନ) ରିଆକ୍ଟର ମାଧ୍ୟମରେ ଶକ୍ତି ଉତ୍ପାଦନ ପାଇଁ ଏବେ ଅନେକ ଉନ୍ନତ ଜ୍ଞାନକୌଶଳ ବାହାରିଛି । ଦକ୍ଷିଣ ଫ୍ରାନ୍ସର ଆନ୍ତର୍ଜାତିକ ଥର୍ମୋ ନ୍ୟୁକ୍ଲିୟର ଏକ୍ସପେରିମେଣ୍ଟାଲ ରିଆକ୍ଟର (ଆଇଟିଇଆର) ଏବେ ବିକଶିତ ହେଉଛି । ଏହି ଟେକ୍‌ନୋଲୋଜି ପୂର୍ଣ୍ଣ ବିକଶିତ ହେଲେ ଆଣବିକ ଶକ୍ତି ଉତ୍ପାଦନର ଧାରା ବଦଳିବ । ଏବେ ହାଇଡ୍ରୋଜେନ୍ ଆଇସୋଟମ୍ ଟ୍ରାଇଟିୟମ୍ ଓ ଡ୍ୟୁଟେରିୟମ୍‌କୁ ରିଆକ୍ଟରରେ ଆଣବିକ ଇନ୍ଧନ ଭାବେ ବ୍ୟବହାର କରାଯାଉଛି । ନୂଆ ଜ୍ଞାନକୌଶଳ ମିଳିଗଲେ ଏହାର ଆବଶ୍ୟକତା ରହିବ ନାହିଁ । ହିଲିୟମ୍-୩ ଓ ଡ୍ୟୁଟେରିୟମ୍‌କୁ ଯଦି ଆଣବିକ ଇନ୍ଧନ ଭାବେ ବ୍ୟବହାର କରାଯାଏ ତେବେ ଉର୍ଜା ଉତ୍ପାଦନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ । ଭବିଷ୍ୟତରେ ଭୂପୃଷ୍ଠରେ ଯଦି ହିଲିୟମର ଅଭାବ ଦେଖାଦେବ ଚନ୍ଦ୍ରପୃଷ୍ଠରୁ ତାହା ଆଣିବାକୁ କେତେକ ଦେଶ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ସୂଚନାଯୋଗ୍ୟ ଯେ ଚନ୍ଦ୍ରପୃଷ୍ଠରେ ପ୍ରଚୁର ହିଲିୟମ୍-୩ ରହିଛି । ତେବେ ଏହି ପ୍ରକ୍ରିୟା ଫଳବତୀ ହେବାକୁ ଅବଶ୍ୟ ଆହୁରି ଅନେକ ସମୟ ଲାଗିବ ।

ଅନେକ ଦିନ ଧରି ସିଏନ୍‌ସି (କମ୍ପ୍ୟୁଟର ନ୍ୟୁମରିକାଲ କଣ୍ଟ୍ରୋଲ) ମେସିନ୍ ଶିଳ୍ପ ଉତ୍ପାଦନର ଶ୍ରେଷ୍ଠ ଅବଲମ୍ବନ ବୋଲି ବିଚାର କରାଯାଉଥିଲା । ଏହି ମିଲିଙ୍ଗ ଟେକ୍‌ନୋଲୋଜି ୧୯୫୦ ଦଶକରୁ ପ୍ରଚଳିତ । ଏହା ମାଧ୍ୟମରେ ବିଭିନ୍ନ ପ୍ରକାର ଶିଳ୍ପ ଓ ବ୍ୟାବସାୟିକ ସାମଗ୍ରୀ ଉତ୍ପାଦିତ ହୋଇଆସୁଛି । ଏବେ ଏ କ୍ଷେତ୍ରରେ ନୂଆ ଟେକ୍‌ନୋଲୋଜିର ବ୍ୟବହାର ଆରମ୍ଭ ହୋଇଛି ଯାହା ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି । ଆଡିଟିଭ

> ବାସ୍ତବରେ ବିଭିନ୍ନ ଟେକ୍‌ନୋଲୋଜିର ବିକାଶ ଓ ପ୍ରଦର୍ଶନ ଫଳରେ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ସୃଷ୍ଟି ହୋଇ ଏହି ଧାରା ଏଯାଏ ଅବ୍ୟାହତ ରହିଛି । ପ୍ରଥମ ଶିଳ୍ପ ବିପ୍ଳବର ଶ୍ରେୟ ବ୍ରିଟିଶ ଶିଳ୍ପ ଉଦ୍ୟୋଗକୁ ଯାଏ । ସେ ଦେଶରେ ବିଭିନ୍ନ ଶିଳ୍ପ ସଂସ୍କାର ବିକାଶ ଏହି ବିପ୍ଳବକୁ ତ୍ୱରାନ୍ୱିତ କରିଥିଲା । କ୍ରମଶଃ ବ୍ରିଟେନରୁ ଶିଳ୍ପ ବିପ୍ଳବର ଧାରା ଅନ୍ୟାନ୍ୟ ୟୁରୋପୀୟ ରାଷ୍ଟ୍ରକୁ ପ୍ରସାରିତ ହୋଇ ଶେଷରେ ଆମେରିକାରେ ପହଞ୍ଚିଥିଲା । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଶିଳ୍ପ ପ୍ରସାର ସମଗ୍ର ପଶ୍ଚିମ ୟୁରୋପ୍ ଓ ଆମେରିକାର ଉତ୍ତର ଓ ଉତ୍ତର ପୂର୍ବାଞ୍ଚଳକୁ ପ୍ରସାରିତ ହୋଇଥିଲା । ଏହି ସମୟରେ ଆମେରିକା ବିଶ୍ୱର ପ୍ରମୁଖ ଶିଳ୍ପକେନ୍ଦ୍ରର ମାନ୍ୟତା ଲାଭ କଲା ।



ମାନୁଫାକଚରିଙ୍ଗ (ଏଏମ୍) କ୍ଷେତ୍ରରେ ଏହା ମୁଖ୍ୟତଃ ବିନିଯୋଗ ହେବ ଏବଂ ବିଶ୍ୱ ମାନୁଫାକଚରିଙ୍ଗ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ। ଏହା ଥ୍ରୀଡି ପ୍ରିଣ୍ଟିଂ ଟେକ୍‌ନୋଲୋଜି ନାମରେ ପରିଚିତ। ଏହା ଏକ ପ୍ରତ୍ୟକ୍ଷ ଡିଜିଟାଲ ମାନୁଫାକଚରିଙ୍ଗ ମେସିନ୍। ଏଥିରେ ଗୋଟିଏ ସାମଗ୍ରୀର ଡିଜାଇନ୍ ଓ ସେ ସଂକ୍ରାନ୍ତ ଡିଜିଟାଲ ଫାଇଲକୁ ବ୍ୟବହାର କରାଯାଇ ସାମଗ୍ରୀ ଉତ୍ପାଦିତ ହୋଇପାରିବ। ଏହି ଫାଇଲ ପ୍ରିଣ୍ଟରକୁ ଏକ ସିଗ୍‌ନାଲ ପଠାଇବ। ସିଗ୍‌ନାଲ ପାଇବା ପରେ ସେଇ ମେସିନ୍ ଉଦ୍ଦିଷ୍ଟ ସାମଗ୍ରୀଟିକୁ ବରାଦ ମତେ ଉତ୍ପାଦିତ କରିବ।

ବିଭିନ୍ନ ବୈଷୟିକ ଅଭିନବତାର ମୂଳରେ ରହିଛି 'ଇଣ୍ଟରନେଟ୍'। ଏହି ଇଣ୍ଟରନେଟ୍ ଟେକ୍‌ନୋଲୋଜି ଖୁବ୍ କମ୍ ଦିନରେ ବିଶ୍ୱର ଚେହେରା ବଦଳାଇଦେଇଛି। ଏହାର ଉଦ୍ଭାବନ ଅନେକ ସାମଗ୍ରୀର ଉଦ୍ଭାବନରେ ସହାୟକ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ସମଗ୍ର ବିଶ୍ୱକୁ ଯୋଡ଼ିବାରେ ଇଣ୍ଟରନେଟ୍ ସଫଳ ହୋଇଛି। ଏହା ମଧ୍ୟ ଆର୍ଥିକ କାରବାରକୁ ଏକ ନୂଆ ରୂପ ଦେଇଛି। ଏବେ ଆଇଟି ଓ ଆଇସିଟି ଟେକ୍‌ନୋଲୋଜି କ୍ଷେତ୍ରରେ ଇଣ୍ଟରନେଟ୍ ଏକ ପ୍ରମୁଖ ପରିବର୍ତ୍ତନକାରୀ ଜ୍ଞାନକୌଶଳ ଭାବେ ଉଭା ହୋଇଛି। ଇଣ୍ଟରନେଟ୍ ୨.୦ ବର୍ତ୍ତମାନର ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ନାନୋ ସାଇନ୍ସ, ଇଲେକ୍‌ଟ୍ରୋନିକ୍ସ ଓ ସେନ୍ସର ଟେକ୍‌ନୋଲୋଜି ଏବେ ଇଣ୍ଟରନେଟ୍ ସଂକ୍ରାନ୍ତ ବିଭିନ୍ନ ନୂଆ ସୁଯୋଗ ସୃଷ୍ଟି କରିଛି। ଯୋଗାଯୋଗ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରି ତାହାକୁ ସାକାର କରିବା ଏହାର ଲକ୍ଷ୍ୟ। ଏହା ମଡେଲ ଅଫ୍ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ (ଆଇଓଟି) କ୍ଷେତ୍ରରେ ନୂଆ ବିପ୍ଳବ ଆଣିବାକୁ ଯାଉଛି। ଆଇଓଟି ଏକ ବ୍ୟବସ୍ଥା ଯାହା ବିଭିନ୍ନ ସେନ୍ସରକୁ ନେଟ୍‌ୱାର୍କ ସହ ସଂଯୋଗ କରିଥାଏ। ବିଭିନ୍ନ ଆଇଟି ଓ ଫ୍ୟୁଚରିଷ୍ଟିକ୍ ଟେକ୍‌ନୋଲୋଜି ସହ ସଂପୃକ୍ତ ବିଷୟ ସହ ଏହା ସଂଯୁକ୍ତ ହୋଇ ଏହାର କାର୍ଯ୍ୟ ପରିସରକୁ ବ୍ୟାପକ କରିବାକୁ ଏହା ଉଦ୍ଦିଷ୍ଟ। ଆମ୍ବିଏଣ୍ଟ ଇଣ୍ଟେଲିଜେନ୍ସ ଓ କଗ୍‌ନିଟିଭ ଟେକ୍‌ନୋଲୋଜି ଆଇଟିର ଭବିଷ୍ୟତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଏ। ଫଗ୍ କମ୍ପ୍ୟୁଟିଙ୍ଗ, ଡିଷ୍ଟ୍ରିବ୍ୟୁଟେଡ୍ କମ୍ପ୍ୟୁଟିଙ୍ଗ, କ୍ଲାଉଡ୍ କମ୍ପ୍ୟୁଟିଙ୍ଗ, ବିଗ୍ ଡାଟା ଓ ବ୍ଲକ୍ ଚେନ୍ ଭଳି ଟେକ୍‌ନୋଲୋଜି ଭବିଷ୍ୟତରେ ଆଇଓଟିକୁ ବିଶେଷ ପ୍ରଭାବିତ କରିବ।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଉ ଏକ ଟେକ୍‌ନୋଲୋଜି ଯାହା ଗତ କିଛିକାଳ ଧରି ବିକାଶଚକ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛି। ଏବେ ମଧ୍ୟ ଏହା ବିଭିନ୍ନ ନୂଆ ନୂଆ କ୍ଷେତ୍ରରେ ନବ ଦିଗନ୍ତ ସୃଷ୍ଟି କରୁଛି। ଏହି ଟେକ୍‌ନୋଲୋଜିର ସଠିକ୍ ଉପଯୋଗିତା ନେଇ ଏ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ନିର୍ଣ୍ଣିତ ହୋଇପାରିନାହିଁ। ଏହା ସୁରକ୍ଷାକାରୀ ବା ବିନାଶକାରୀ ତାହା ମଧ୍ୟ କେହି ଠିକ୍ ଭାବେ କହିପାରୁନାହାନ୍ତି। ଏହାର ଉପଯୋଗିତା ନେଇ ନୈତିକତାର ପ୍ରଶ୍ନ ଉଠୁଛି। ମଣିଷର ଅଭିବୃଦ୍ଧି ଓ ବିକାଶରେ ଏହା ନାନା ଭାବେ ସଂପୃକ୍ତ ହୋଇ କାର୍ଯ୍ୟ କରୁଛି ଓ ବିଶ୍ୱବ୍ୟାପୀ ଏହା ପ୍ରମାଣିତ ହୋଇଛି। ରୋବୋଟିକ୍ସ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସଂପୃକ୍ତ। ବିଭିନ୍ନ ମାନବିକ ପ୍ରକ୍ରିୟାରେ ଏହା ବିଶେଷ ଭାବେ ନିଜର ସଂପୃକ୍ତି ପ୍ରମାଣିତ କରିଛି। ମୋଟାମୋଟି ଭାବେ କହିଲେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଇଣ୍ଟେରନେଟ୍ ୨.୦ ବିଶ୍ୱର ଭବିଷ୍ୟତ ଯେ ନିର୍ଦ୍ଧାରଣ କରିବ ଏହା କହିବା ଭୁଲ ହେବ ନାହିଁ।

ଆଧୁନିକ ଏସ୍‌ଆଣ୍ଡ୍‌ଟି ଉଦ୍ଭାବନର ଚିତ୍ତାକର୍ଷକ ଦିଗଟି ହେଲା ଏହାର ବିବର୍ତ୍ତନବାଦୀ ଓ ପରିସ୍ଥିତି ସହ ଖାପ୍ ଖାଇବାର ଅନୁକୂଳ ଗୁଣ। ଏହା ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ପାଇଁ ବିକଶିତ ହୋଇଥିଲେ ହେଁ ଏହାକୁ ବିଭିନ୍ନ ଭାବରେ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଉଦାହରଣ ସ୍ୱରୂପ ସେଲ୍‌ଫୋନ୍ ଦୂରଦୂରାନ୍ତ ଓ ଗ୍ରାମୀଣ ଅଞ୍ଚଳରେ ଯୋଗଯୋଗ ସେବାର ବିକାଶ ପାଇଁ ମୂଳତଃ ତିଆରି କରାଯାଇଥିଲା। ପରେ ଏହାର ନାନାବିଧ ବ୍ୟବହାର ହେଉଛି। ଏଥିରେ ଚିପ୍‌ସ ଲଗାଯାଇ ବ୍ୟବହାରକାରୀର ଭୌଗୋଳିକସ୍ଥିତି ଓ ଉପସ୍ଥିତି ଏବେ ନିର୍ଣ୍ଣୟ କରାଯାଉଛି।

ମହାକାଶରେ ଆମର ଗବେଷଣା ଓ ବିକାଶ ବେଶ୍ ସନ୍ତୋଷଜନକ ରହିଛି। ମହାକାଶ ଟେକ୍‌ନୋଲୋଜି ଏପରି ଏକ ଜ୍ଞାନକୌଶଳ ଯାହା ନାନା ସମସ୍ୟାର ସମାଧାନ କରି ଆମର ସାମାଜିକ-ଆର୍ଥିକ କ୍ଷେତ୍ରକୁ ବହୁଭାବେ ସମୃଦ୍ଧ କରିଛି। ଏହା ଭଏସ୍ ଓ ଡାଟା କମ୍ୟୁନିକେସନ୍ ଯୋଗାଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟପାଇଁ ନିର୍ଭୁଲ ଡାଟା ଯୋଗାଉଛି। ଏହା ମଧ୍ୟ ସ୍ପେଶ ଟେକ୍‌ନୋଲୋଜିରେ ପରିଚାଳନାଗତ ପ୍ରସଙ୍ଗର ସମାଧାନରେ ସହାୟକ ହେଉଛି। ଏବେ ଯୋଗାଯୋଗ, ଦିଗନିର୍ଣ୍ଣୟ, ଦୂର ସମ୍ବେଦୀ ବ୍ୟବସ୍ଥା, ପାଣିପାଗ, ଉପଗ୍ରହ ସେବା ଆଦି ଏହି ପରିବର୍ଦ୍ଧିତ ଆଇଟିର ଅବଦାନ ଯାହା ମାନବ ଜୀବନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରୁଛି।

ସମାଜର ବିଭିନ୍ନ ଆବଶ୍ୟକତା ପୂରଣ ପାଇଁ ଟେକ୍‌ନୋଲୋଜି ବାହାରିଛି ଓ ଏହା ବିକଶିତ ହୋଇଛି। ଅତଏବ ଭବିଷ୍ୟତରେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଯେଉଁ ନୂଆ ନୂଆ ଅଭିନବତା (ଇନୋଭେସନ) ଆସିବ ତାହା ମାନବ ସମାଜକୁ ଅଧିକ ସୁଖଶାନ୍ତିରେ ରଖିବାରେ ସହାୟକ ହେବ।

**ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ 'ଆଇଡିସିଏ'ର ଜଣେ ବରିଷ୍ଠ ସଦସ୍ୟ।**
**Email id- ajey.lele@gmail.com**

# ନୂଆ ପ୍ରଯୁକ୍ତି ଦ୍ୱାରା କୃଷି ଉତ୍ପାଦନ ଓ ଲାଭ ବୃଦ୍ଧି

ଏମ୍.ଏସ୍. ସ୍ୱାମୀନାଥନ୍

ନିକଟରେ ହଜାର ହଜାର ଚାଷୀ ନୂଆଦିଲ୍ଲୀରେ ବିକ୍ଷୋଭ କରିବା ସହ ଚାଷବାସ ଆଉ ଲାଭଜନକ ହେଉ ନ ଥିବା ଦର୍ଶାଇ ଏଥିରେ ସରକାରୀ ହସ୍ତକ୍ଷେପ ଓ ସହାୟତା ଲୋଡ଼ିଥିଲେ। କେବଳ ଆନ୍ଦୋଳନ ଦ୍ୱାରା ସେମାନଙ୍କ ଦାବି ପ୍ରତି ଦୃଷ୍ଟି ପଡ଼ିବ ବୋଲି ଚାଷୀମାନେ ନିଷ୍ପତ୍ତି ନେଇ ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ। ସେମାନଙ୍କର ମୁଖ୍ୟ ଦାବି ଥିଲା କୃଷି ଋଣ ଛାଡ଼। ପୁରୁଣା ଋଣ ଛାଡ଼ ହେଲେ ସେମାନେ ନୂଆ ଋଣ ନେଇ ଚାଷ ବାସ କରିବାକୁ ଚାହୁଁଛନ୍ତି। ଚାଷୀଙ୍କର ଦ୍ୱିତୀୟ ଦାବି ହେଉଛି ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଘେନି ମୋ ରିପୋର୍ଟ (ସ୍ୱାମୀନାଥନ କମିଟି ରିପୋର୍ଟ) ଲାଗୁ କରିବା। ଏହା ସପକ୍ଷରେ ବିଭିନ୍ନ ମହଲରୁ ଦାବି ଉଠୁଛି। ଏହି ରିପୋର୍ଟ ଚାଷକୁ ଲାଭଜନକ ଓ ଆକର୍ଷଣୀୟ କରିବାକୁ ଉଦ୍ଦିଷ୍ଟ। ଏବେ ଚାଷବାସ ଲାଭଜନକ ହେଉ ନ ଥିବାରୁ ଋଣ ଛାଡ଼ ସପକ୍ଷରେ ଚାଷୀମାନେ ସର୍ବତ୍ର ସ୍ୱର ଉଠାଉଛନ୍ତି। ଏହା ସ୍ୱାଭାବିକ ଯେ ଚାଷୀ ପାଇଁ ଚାଷ ଯଦି ଲାଭଜନକ ନ'ହେବ ତେବେ ସେ ଚାଷ କରିବ କାହିଁକି ? ଦୁଃଖର ବିଷୟ ୨୦୦୭ରେ ମୁଁ ଯେତେବେଳେ ରିପୋର୍ଟ ପ୍ରଦାନ କାଲି ସେତେବେଳେ ତତ୍‌କାଳୀନ ସରକାର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ଜାତୀୟ କୃଷି ନୀତି (ଏନ୍‌ସିଏଫ୍) ନାମରେ ନାମିତ ଏହି ରିପୋର୍ଟରେ ଚାଷୀ ଓ ଚାଷର ଉନ୍ନତି ପାଇଁ କେତେକ ସୁପାରିସ କରାଯାଇଥିଲା। ଦେଶର ୬୦ଭାଗ ଜନତାଙ୍କର କୃଷି ହେଉଛି ଜୀବିକାର୍ଜନର ମୁଖ୍ୟ ପନ୍ଥା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଓ ମହିଳା। ମୁଁ ଦୁଃଖିତ ଯେ ଚାଷ ଓ ଚାଷୀ ସମସ୍ୟାର ମୌଳିକ ଦିଗ ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ନିର୍ବାଚନ ରାଜନୀତିରେ ଋଣଛାଡ଼ ପ୍ରସଙ୍ଗ ଅଗ୍ରାଧିକାର ପାଉଛି। ଚାଷୀଙ୍କ ଯେଉଁ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ନିର୍ବାଚନ ରାଜନୀତିରେ ଋଣଛାଡ଼ ପ୍ରସଙ୍ଗ ଅଗ୍ରାଧିକାର ପାଉଛି। ଚାଷୀମାନଙ୍କର ଯେଉଁ ମୌଳିକ ସମସ୍ୟା ରହିଛି ତାହାର ସମାଧାନ କୃଷିଜାତ ସାମଗ୍ରୀର ମୂଲ୍ୟ, ନିର୍ଦ୍ଧାରଣ, ସଂଗ୍ରହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ସମନ୍ୱିତ ଦୃଷ୍ଟି ଦ୍ୱାରା ସମ୍ଭବ ହୋଇପାରିବ। ସାମ୍ପ୍ରତିକ ସମସ୍ୟା ସହିତ ଚାଷୀଙ୍କ ପାଇଁ ଆଉ ଏକ ବଡ଼ ଆହ୍ୱାନ ହେଉଛି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟ ପରିସ୍ଥିତି। ଜଳବାୟୁ ପରିବର୍ତ୍ତନ ଫଳରେ ବିଶ୍ୱର ତାପମାତ୍ରା ବଢ଼ିବା ସହ ସ୍ୱଳ୍ପ ଓ ଅତି ବୃଷ୍ଟି ତଥା ସମୁଦ୍ରର ଜଳସ୍ତର ବୃଦ୍ଧିର ସମ୍ଭାବନା ରହିଛି। ଏହାର ପ୍ରଭାବ ଚାଷବାସ ଉପରେ ପଡ଼ିବା ନିଶ୍ଚିତ। ଚାଷ ଓ ଚାଷୀଙ୍କ ସାଂପ୍ରତିକ ସମସ୍ୟାବଳୀ ଆଲୋଚନା କରିବାବେଳେ ଦେଶର ବିଭିନ୍ନ କୃଷି ମଣ୍ଡଳରେ ବସବାସ କରୁଥିବା ଚାଷୀଙ୍କ ସ୍ଥିତି ଅନୁଧ୍ୟାନ କରିବା ଆବଶ୍ୟକ। ଆମ ଦେଶର କୃଷି





ମଣ୍ଡଳ ବିଭିନ୍ନ ଭାଗରେ ବିଭକ୍ତ। ଯଥା ଶୁଷ୍କାଞ୍ଚଳ, ଅର୍ଦ୍ଧଶୁଷ୍କାଞ୍ଚଳ, ପାହାଡ଼ିଆ ଅଞ୍ଚଳ, ସେଚାଞ୍ଚଳ ଏବଂ ଭୂଗର୍ଭରୁ ଜଳ ଉଠାଇ ଚାଷ କରାଯାଉଥିବା ଅଞ୍ଚଳ। ଏହିସବୁ ଅଞ୍ଚଳର ପ୍ରାକୃତିକ ପରିବେଶର ଭିନ୍ନତା, ତାପମାତ୍ରା, ଜଳର ଉପଲବ୍ଧତାକୁ ନେଇ ଭିନ୍ନଭିନ୍ନ ପ୍ରକାରର ଫସଲ ଚାଷ କରାଯାଇଥାଏ। ଯେହେତୁ ଭିନ୍ନଭିନ୍ନ ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତା ଭିନ୍ନ ଏବଂ ଚାଷ ଜନିତ ଖର୍ଚ୍ଚ ଅସମାନ ଏହାକୁ ବିଚାରକୁ ନେଇ ସେମାନଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି।

ଦେଶର ଚାଷୀମାନେ ଏବେ ବୁଝିଲେଣି ଯେ 'ସମାଜ'ର ଅନ୍ୟ ବର୍ଗର ଲୋକେ ନିଜନିଜର ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ ପନ୍ଥା ଆପଣାଉଛନ୍ତି; ତେଣୁ ସେମାନେ ନିଜ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନମୁଖୀ ହେଉଛନ୍ତି। ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପାଇଁ ସଂସଦର ବିଶେଷ ଅଧିବେଶନ ଡାକିବାକୁ "କିଷାନ ମୁକ୍ତି ଅଭିଯାନ" ଯେଉଁ ଦାବି କରୁଛି ତାହା ଯଥାର୍ଥ। ନିଜର ଆର୍ଥିକ ଦୁର୍ଗତି କାରଣରୁ ଯେଉଁ ଚାଷୀ ବା ଅନ୍ନଦାତା ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି ତାହା ବାସ୍ତବିକ ଦୁଃଖଦାୟକ। ମୋର ବିଶ୍ୱାସ "କିଷାନ ମୁକ୍ତି ଅଭିଯାନ"ର ଦାବି ଓ ଚାପ ଚାଷ ଏବଂ ଚାଷୀ ସମସ୍ୟାର ସମାଧାନ ପାଇଁ ସରକାରୀ ନୀତି ନିର୍ଦ୍ଧାରଣରେ ସହାୟକ ହେବା ସହ ଏକ ଇତିହାସ ସୃଷ୍ଟି କରିବ। ଏନ୍‌ସିଏଫ୍ ରିପୋର୍ଟରେ କୃଷି ଓ କୃଷକର ଉନ୍ନତି ପାଇଁ ସ୍ୱଷ୍ଟ ସୁପାରିସ ରହିଛି। ଏନ୍‌ସିଏଫ୍‌ର ସୁପାରିସ ଅନୁସାରେ ଭାରତ ସରକାର ଇତି ମଧ୍ୟରେ କୃଷି ମନ୍ତ୍ରଣାଳୟର ନାମ ପରିବର୍ତ୍ତନ କରି ଏହାକୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ନାମରେ ନାମିତ କରିଛନ୍ତି। ତେବେ ଏହି ନାମ ପରିବର୍ତ୍ତନର ଫଳାଫଳ କାର୍ଯ୍ୟରେ ରୂପାୟିତ ହେବାର ଆବଶ୍ୟକତା ରହିଛି। ତଦନୁସାରେ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ କୃଷକ କଲ୍ୟାଣ ସଂକ୍ରାନ୍ତ କାର୍ଯ୍ୟକ୍ରମ ହାତକୁ ନେବାର ଜରୁରୀ ଆବଶ୍ୟକତା ରହିଛି। ୧୯୪୭ରେ ଦେଶରେ ମୋଟ୍ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ସାତ ନିୟୁତ ଟନ୍ ଥିବାବେଳେ ୨୦୧୮ରେ ଏହା ୧୦୦ ନିୟୁତରେ ପହଞ୍ଚିଛି। ଏହା ଭାରତୀୟ କୃଷକଙ୍କ ସଫଳତା, ଦକ୍ଷତା ଓ ଉତ୍କର୍ଷ ପ୍ରତିପାଦନ କରୁଛି। ଏହି ସଫଳତା ପଛରେ ରହିଛି ଟେକ୍‌ନୋଲୋଜି ଓ ସରକାରୀ ନୀତିର ସମନ୍ୱୟକାରୀ ପ୍ରଭାବ। ଟେକ୍‌ନୋଲୋଜି ବା ପ୍ରଯୁକ୍ତି ମୁଖ୍ୟତଃ ଅଧିକ ଅମଳକ୍ଷମ ଫସଲର ବିହନ ଓ ଚାରା ସୃଷ୍ଟି, ଏହାର ରୋଗ ପୋକ ମୁକାବିଲା କ୍ଷମତା ବୃଦ୍ଧି ଏବଂ ଉତ୍ପାଦକତା ବୃଦ୍ଧିରେ ସହାୟକ ହେଉଛି। ନୂଆ ନୂଆ ପ୍ରଜାତିର ଅଧିକ ଅମଳକ୍ଷମ ଫସଲର ମଞ୍ଜି ଓ ଚାରା କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ନୂତନ ଫଟୋ ସିନ୍ଥେସିସ୍ ବ୍ୟବସ୍ଥାରେ ଫସଲର ଅମଳ ବଢୁଛି।

୧୮୬୫ରେ ଉତ୍ତରାଧିକାର ସଂକ୍ରାନ୍ତ ମଣ୍ଡେଲ ନିୟମ ପ୍ରବର୍ତ୍ତନ ହେବା ପରେ ଫସଲର ଉତ୍ପାଦକତା ଓ ଲାଭ ବୃଦ୍ଧି ପାଇଁ ଜେନେଟିକ୍ ଜ୍ଞାନର ସଫଳ ଉପଯୋଗ କରି ଅନେକ ଉଦ୍ଭାବନ ଓ ଅଭିନବତା କୃଷି କ୍ଷେତ୍ରକୁ ଆସିଛି। ପ୍ଲାଣ୍ଟ ବ୍ରିଡରମାନେ ନୂଆ କୌଶଳ ମାଧ୍ୟମରେ ଇଣ୍ଡ୍ୟୁସ୍‌ଡ ମ୍ୟୁଟେସନ୍, କ୍ରୋମୋଜମ୍ ଡବ୍ଲିଂ, ଜେନେଟିକ୍ ମେଡିକେସନ୍, ବୋଲଟିସିନ୍ ଭଳି ସଫଳତା ହାସଲ କରି ମଲିକୁଲାର ବାୟୋଲୋଜି କ୍ଷେତ୍ରରେ ନୂଆ ସଫଳତା ଲାଭ କରିଛନ୍ତି। ଗୁଣସୂତ୍ର ପରିବର୍ତ୍ତନ (ଜେନେଟିକ୍ ମଡିଫିକେସନ) ଯୋଗୁଁ ବିଭିନ୍ନ ପ୍ରଜାତି ମଧ୍ୟରେ ପରାଗ ସଂଗମ ମାଧ୍ୟମରେ ନୂଆ କିସମର ବିହନ ଉତ୍ପାଦନ କରାଯାଉଛି। ନିକଟରେ ଜିନ୍ ଏଡିଟିଂ ଟେକ୍‌ନୋଲୋଜି କୃଷି କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ଯ'ଦ୍ୱାରା ଗୁଣସୂତ୍ର ପରିବର୍ତ୍ତନ ମାଧ୍ୟମରେ ନୂତନ କିଷମର ଫସଲ ଚାଷ ପାଇଁ ଉପଲବ୍ଧ ହେବ।

ବ୍ରିଡିଂ ଦ୍ୱାରା ଅଧିକ ଅମଳକ୍ଷମ ବିହନ ବା ଫସଲ ସୃଷ୍ଟି ସମ୍ଭବ ହୋଇଛି। ତେବେ କୃଷି କ୍ଷେତ୍ରର ବିକାଶ ପାଇଁ ଟେକ୍‌ନୋଲୋଜି ଓ ସରକାରୀ ନୀତି ମଧ୍ୟରେ ଅଧିକ ସମନ୍ୱୟ ଲୋଡ଼ା। ନୂଆ ବୈଜ୍ଞାନିକ ଉଦ୍ଭାବନ, ଚାଷୀ ଅନୁକୂଳ ଆର୍ଥିକ ନୀତି ଏବଂ ନୂଆ ଟେକ୍‌ନୋଲୋଜି ଗ୍ରହଣ କରିବାରେ କୃଷକଙ୍କ ନିଜସ୍ୱ ଆଗ୍ରହ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇପାରିବ।

ଏବେ ବୈଷୟିକ କ୍ଷେତ୍ରରେ ଉଦ୍‌ଭାବନର ବେଗ ତୀବ୍ର ହୋଇଛି। ନୂଆ ଟେକ୍‌ନୋଲୋଜି ଉପଯୋଗର ଭଲ ଓ ମନ୍ଦ ଉଭୟ ପାର୍ଶ୍ୱ ରହିଛି।

ତେଣୁ ଏହାକୁ ଭଲ ଭାବେ ବୁଝି ପରଖି ବ୍ୟବହାର କରିବା ଆବଶ୍ୟକ।

୧୯୬୨ ବେଳକୁ ରଚେଲ କାରସନ ଏବଂ ବିଖ୍ୟାତ ପୁସ୍ତକ 'ସାଇଲେଣ୍ଟ ସ୍ପ୍ରିଙ୍ଗ୍'ରେ ଦର୍ଶାଇଥିଲେ ଯେ ଡିଡିଟି ସମେତ ସବୁ କୀଟନାଶକ ଭବିଷ୍ୟତରେ ଜୀବଜଗତ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏହି ସବୁ କୀଟନାଶକ ପ୍ରୟୋଗ କରିବା ପରେ ପରିବେଶରେ ଏହାର ବିଷାକ୍ତ ଅବଶେଷ ମିଶୁଥିବାରୁ ଏହା ଜୀବଜଗତ ପାଇଁ କ୍ଷତିକାରକ ବୋଲି ସେ ଦର୍ଶାଇଛନ୍ତି। ଅତଏବ କୀଟନାଶକ ବ୍ୟବହାର କରିବା ବେଳେ ଏହାର ଭଲମନ୍ଦ ଦିଗପ୍ରତି ସତର୍କ ରହିବା ଆବଶ୍ୟକ।

ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟ ସମସ୍ୟାବଳୀର ସମାଧାନ ପାଇଁ ଟେକ୍‌ନୋଲୋଜିର ବ୍ୟବହାର କରାଯିବା ଜରୁରୀ। ଘନଘନ ବନ୍ୟା ଓ ବର୍ଦ୍ଧିତ ତାପମାତ୍ରାର ମୁକାବିଲା କରି କିପରି ଅଧିକ ଫସଲ ଉତ୍ପାଦନ କରିହେବ ସେଥିପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

କୃଷି କ୍ଷେତ୍ରର ଉନ୍ନତି ପାଇଁ ଅସାଧାରଣ ସୁବିଧାସୁଯୋଗର ଉପଯୋଗ ଏବେ ସମୟର ଆବଶ୍ୟକତା। ଅତଏବ ଯୁଦ୍ଧ ବିଗ୍ରହ ଓ ସାମରିକ କରଣ ଅପେକ୍ଷା ଯେଉଁ ଦେଶ ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବ ସେ ଦେଶ ଭବିଷ୍ୟତରେ ବିଜୟୀ ହେବ। ନିକଟରେ ପ୍ରଫେସର ପି.ସି. କେଶବନ ଓ ମୋ ଦ୍ୱାରା 'କରେଣ୍ଟ ସାଇନ୍ସ'ରେ ଲିଖିତ ଏକ ଲେଖାରୁ କିଛି ମୁଁ ଉଦ୍ଧାର କରୁଛି।

"ଜେନେଟିକ ଇଞ୍ଜିନିୟରିଂ ଟେକ୍‌ନୋଲୋଜି ମଲ୍ୟୁକୁଲାର ବ୍ରିଡିଂ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି। ତେବେ ତାହାର ସମ୍ଭାବ୍ୟ କୁପ୍ରଭାବ ପ୍ରତି ସତର୍କ ରହିବାକୁ ପଡ଼ିବ। କୌଣସି ଟେକ୍‌ନୋଲୋଜିକୁ ନିନ୍ଦା ଅଥବା ପ୍ରଶଂସା କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ; ଗୁରୁତ୍ୱପୂର୍ଣ୍ଣ ହେଲା ଏଭଳି ଏକ ଟେକ୍‌ନୋଲୋଜି ବାଛିବା ଯାହା ନିରନ୍ତର ଆମକୁ ଆମର ଲକ୍ଷ୍ୟ ପଥରେ ସ୍ୱଳ୍ପ ଖର୍ଚ୍ଚରେ ନିରାପଦରେ ଆଗେଇ ନେବ।"

ଜାତୀୟ କୃଷକ କମିଶନ (ଏନ୍‌ସିଏଫ୍) ଯାହା ମୋ ଅଧ୍ୟକ୍ଷତାରେ ଗଠିତ ହୋଇଥିଲା ତାହା ଖାଦ୍ୟ ନିରାପତ୍ତା ଓ ନିରନ୍ତର କୃଷି କ୍ଷେତ୍ରରେ ଇପ୍‌ସିତ ଲକ୍ଷ୍ୟ ହାସଲ ଦିଗରେ ନିମ୍ନଲିଖିତ ସୁପାରିସମାନ କରିଛି।

- କୃଷିକୁ ଆର୍ଥିକ ଦୃଷ୍ଟିରୁ ଲାଭଜନକ କରିବା ସହ ଚାଷୀଙ୍କୁ ସର୍ବନିମ୍ନ ନିଟ୍ ଆୟ ଦେବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ କୃଷିକ୍ଷେତ୍ରର ପ୍ରଗତିକୁ ନିୟମିତ ନିରକ୍ଷଣ କରିବାକୁ ହେବ। ଚାଷୀର ଆୟ ଯେପରି ନିରନ୍ତର ବଢ଼େ ଓ ସୁରକ୍ଷିତ

> ଦେଶର ୬୦ ଭାଗ ଜନତାଙ୍କର କୃଷି ହେଉଛି ଜୀବିକାର୍ଜନର ମୁଖ୍ୟ ପନ୍ଥା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଓ ମହିଳା। ମୁଁ ଦୁଃଖିତ ଯେ ଚାଷ ଓ ଚାଷୀ ସମସ୍ୟାର ମୌଳିକ ଦିଗ ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ନିର୍ବାଚନ ରାଜନୀତିରେ ରଣଛଡ଼ା ପ୍ରସଙ୍ଗ ଅଗ୍ରାଧିକାର ପାଉଛି। ଚାଷୀଙ୍କ ଯେଉଁ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ନିର୍ବାଚନ ରାଜନୀତିରେ ରଣଛଡ଼ା ପ୍ରସଙ୍ଗ ଅଗ୍ରାଧିକାର ପାଉଛି। ଚାଷୀମାନଙ୍କର ଯେଉଁ ମୌଳିକ ସମସ୍ୟା ରହିଛି ତାହାର ସମାଧାନ କୃଷିଜାତ ସାମଗ୍ରୀର ମୂଲ୍ୟ, ନିର୍ଦ୍ଧାରଣ, ସଂଗ୍ରହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ସମନ୍ୱିତ ଦୃଷ୍ଟି ଦ୍ୱାରା ସମ୍ଭବ ହୋଇପାରିବ। ସାମ୍ପ୍ରତିକ ସମସ୍ୟା ସହିତ ଚାଷୀଙ୍କ ପାଇଁ ଆଉ ଏକ ବଡ଼ ଆହ୍ୱାନ ହେଉଛି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟ ପରିସ୍ଥିତି। ଜଳବାୟୁ ପରିବର୍ତ୍ତନ ଫଳରେ ବିଶ୍ୱର ତାପମାତ୍ରା ବଢ଼ିବା ସହ ସ୍ୱଳ୍ପ ଓ ଅତି ବୃଷ୍ଟି ତଥା ସମୁଦ୍ରର ଜଳସ୍ତର ବୃଦ୍ଧିର ସମ୍ଭାବନା ରହିଛି। ଏହାର ପ୍ରଭାବ ଚାଷବାସ ଉପରେ ପଡ଼ିବା ନିଶ୍ଚିତ।







ରହେ ସେଥିପ୍ରତି ସଜାଗ ରହିବାକୁ ପଡ଼ିବ।

- ସବୁ କୃଷି ନୀତିରେ ମାନବିକ ଓ ଲିଙ୍ଗଗତ ଦିଗପ୍ରତି ଦୃଷ୍ଟି ଦେବାକୁ ହେବ। ଗ୍ରାମାଞ୍ଚଳରେ ଏଥିପାଇଁ ନିରନ୍ତର ଜୀବିକା ଯୋଗାଣ ସୁଯୋଗ ସୃଷ୍ଟି ଅପରିହାର୍ଯ୍ୟ।

- ଭୂସଂସ୍କାର କ୍ଷେତ୍ରରେ ବାକିଥିବା କାମକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ଜଳ ସମେତ ବିଭିନ୍ନ ସମ୍ବଳର ସୁକ୍ଷମ ବଣ୍ଟନ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ଶେଷ କରିବାକୁ ହେବ।

- କୃଷକକୁ ସେବା ଯୋଗାଣ ସଂକ୍ରାନ୍ତ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆରମ୍ଭ କରିବା ସହ ଏହାକୁ ବିକଶିତ କରିବାକୁ ପଡ଼ିବ।

- ଜମି ଓ ଜଳର ସୁରକ୍ଷା ସହିତ ଜୈବ ବିବିଧତାର ଉନ୍ନତି କୃଷି ବିକାଶରେ ସହାୟକ ହୋଇଥାଏ। ତେଣୁ ଜୈବବିବିଧତା ସହ କୃଷିକୁ ଯୋଡ଼ି ଉତ୍ପାଦକତା, ଲାଭ ଓ ବିଭିନ୍ନ ପ୍ରକାର ଚାଷରେ ସ୍ଥିରତା ଆଣିବାକୁ ପ୍ରୟାସ କରାଯିବା ଉଚିତ୍।

- ଗ୍ରାମାଞ୍ଚଳରେ ଗୋଷ୍ଠୀଭିତ୍ତିକ ଖାଦ୍ୟ, ଜଳ ଓ ଉର୍ଜା ନିରାପତ୍ତା ବ୍ୟବସ୍ଥା କରିବା ସହ ପ୍ରତ୍ୟେକ ଶିଶୁ, ମହିଳା ଓ ପୁରୁଷ ଯେପରି ଖାଦ୍ୟ ନିରାପତ୍ତା ପାଆନ୍ତି ତାହାକୁ ନିଶ୍ଚିତ କରିବାକୁ ପଡ଼ିବ।

- ଯୁବକମାନଙ୍କୁ କୃଷିକ୍ଷେତ୍ର ପ୍ରତି ଆକର୍ଷିତ କରିବା ପାଇଁ ନୂଆ ଆକର୍ଷଣୀୟ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଏହି ପଦକ୍ଷେପ ବୌଦ୍ଧିକ ଦୃଷ୍ଟିରୁ ଉଦ୍ଦୀପକ ଏବଂ ଆର୍ଥିକ ଦିଗରୁ ଲାଭଦାୟକ ହେବା ଆବଶ୍ୟକ।

- ଫସଲ, ଫାର୍ମର ଜୀବଜନ୍ତୁ, ମାଛ, ଜଙ୍ଗଲର ବୃକ୍ଷଲତା ଆଦିର ଜୈବ ନିରାପତ୍ତାକୁ ସୁଦୃଢ଼ କରିବା ସହ ଏହା ମାଧ୍ୟମରେ ଚାଷୀଙ୍କ ଧନ୍ଦା ଓ ଆୟ ପନ୍ଥାକୁ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ।

- କୃଷି ଶିକ୍ଷାକୁ ଲିଙ୍ଗ ନିରପେକ୍ଷ କରି ପୁଅ ଝିଅ ନିର୍ବିଶେଷରେ ସମସ୍ତଙ୍କୁ ଏହା ପଢ଼ିବାର ସୁବିଧା ଯୋଗାଣ ଓ ଗୃହ ବିଜ୍ଞାନ ଓ ଶିକ୍ଷିତ ବେକାରମାନଙ୍କୁ ଉଦ୍‌ଯୋଗ ବିକାଶ ପାଇଁ ସୁବିଧା ସୁଯୋଗ ପ୍ରଦାନ। କୃଷି ବିଜ୍ଞାନ ଶିକ୍ଷାକୁ ଅଧିକ ଧନ୍ଦାମୂଳକ ଓ ବାସ୍ତବବାଦୀ କରିବାର ଆବଶ୍ୟକତା।

- କୃଷି ମନ୍ତ୍ରଣାଳୟର ନାମ ପରିବର୍ତ୍ତନ କରି ଏହାକୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ନାମରେ ନାମିତ କରିବା ସହ ଚାଷୀଙ୍କ ଉନ୍ନତି ପାଇଁ କାର୍ଯ୍ୟକ୍ରମ ହାତକୁ ନେବା।

- ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ସହ ଚାଷୀଙ୍କୁ ମାଟିର ଉର୍ବରତା ବୃଦ୍ଧି ପାଇଁ ସହାୟତା ଓ ଦିଗ୍‌ଦର୍ଶନ ପ୍ରଦାନ ତଥା ମାଟି ଅନୁସାରେ ଫସଲ ଚାଷ ପାଇଁ ପରାମର୍ଶ। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡକୁ ଚାଷୀଙ୍କ ପାଇଁ ବାଧ୍ୟତାମୂଳକ କରିବା।

- ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ ଜଳସେଚନ ପାଇଁ ବଜେଟ ବ୍ୟବସ୍ଥା ଓ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପର ନିର୍ମାଣ ଶେଷ।

- ଗୋକୁଳ ମିଶନରେ ଦେଶୀ ଉତ୍କୃଷ୍ଟ ଗାଇ ଓ ଗୋଧନ ପ୍ରଜାତିର ସୁରକ୍ଷା ଏବଂ ସଂରକ୍ଷଣ।

- ପଶୁଧନ ଓ କୃଷିଜାତ ଦ୍ରବ୍ୟ ବିପଣନ ଆଇନର କାର୍ଯ୍ୟକାରିତା ଏବଂ ଭଣ୍ଡାର ଘରଗୁଡ଼ିକର ଆଧୁନିକୀକରଣ।

- କୃଷି ଓ ସମବାୟ ବ୍ୟବସ୍ଥାକୁ ସୁସଂହତ କରିବା ପାଇଁ ଚାଷୀଙ୍କୁ ଋଣ ଯୋଗାଣର ସୁବିଧା।

- ଏନ୍‌ସିଏଫ୍ ସୁପାରିସ ଅନୁସାରେ ବିଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା ଏବଂ ଶସ୍ୟବୀମା ଯୋଜନାର ପ୍ରବର୍ତ୍ତନ।

- କଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅଣ ଧାନ୍ୟ ଶସ୍ୟ ଯଥା ବାଜରା,

ଡିଓ୍ୱାର, ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିକର ଡାଲି ଜାତୀୟ ଶସ୍ୟ ଯୋଗାଣ। ଆଇସିଡିସି ମଧ୍ୟାହ୍ନଭୋଜନରେ ପିଲାଙ୍କୁ ସ୍ଥାନୀୟ ଭାବେ ମିଳୁଥିବା ପୁଷ୍ଟିକର ଶସ୍ୟରେ ପ୍ରସ୍ତୁତ ଖାଦ୍ୟ ଯୋଗାଣ।

- ଚାଷୀଙ୍କ ଆୟବୃଦ୍ଧି ପାଇଁ ମହୁଚାଷ, ବାଉଁଶଚାଷ, ଛତୁଚାଷ, ଗୋପାଳନ, ମତ୍ସ୍ୟଚାଷ, କୁକୁଡ଼ା ଓ ଛେଳି ପାଳନ, କମ୍ପୋଷ୍ଟ ପ୍ରସ୍ତୁତି ଓ ଅନ୍ୟାନ୍ୟ ଧନ୍ଦାକୁ ପ୍ରୋତ୍ସାହନ।

- ବିଭିନ୍ନ ସେଚନ ପ୍ରକଳ୍ପର ମରାମତି, ପୁନରୁଦ୍ଧାର ଓ ଉନ୍ନୟନ ପାଇଁ କର୍ପସ ପାଣ୍ଠି ଗଠନ ସହିତ ଡେରୀ ଓ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା।

- ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା ବେଳେ ଚାଷୀ ଯେପରି ପ୍ରକୃତରେ ଉପକୃତ ହୋଇପାରିବେ ସେଥିପାଇଁ ବୁଝିବିଚାରି ଏନ୍‌ସିଏଫ୍ ପରାମର୍ଶ କ୍ରମେ ନିଷ୍ପତ୍ତି ଗ୍ରହଣ।

- ସର୍ବୋପରି ସରକାରୀ ନିଷ୍ପତ୍ତି ଅନୁସାରେ ୨୦୧୮ ଖରିଫ ଋତୁଠାରୁ ସରକାର ବିଭିନ୍ନ ଫସଲ ଉପରେ ଉତ୍ପାଦିତ ମୂଲ୍ୟଠାରୁ ୧୫୦ ଶତାଂଶ ହାରରେ ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ଯେଉଁ ଘୋଷଣା କରିଛନ୍ତି ମୋଟାଶସ୍ୟ କ୍ଷେତ୍ରରେ ଏହା ୧୫୦ରୁ ୨୦୦% ହେବା ଆବଶ୍ୟକ। ତା'ହେଲେ ଚାଷୀ ବିଶେଷ ଉପକୃତ ହୋଇପାରିବେ।

ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଆଗୁଆ ଗବେଷଣା ବ୍ୟବସ୍ଥା : ଉପକୂଳ ଅଞ୍ଚଳରେ ଥିବା ଲୁଣା ଜଙ୍ଗଲର ସୁରକ୍ଷା ପାଇଁ ବାୟୋସିଲ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ଲୁଣା ଜଙ୍ଗଲ ଉପକୂଳ ଅଞ୍ଚଳରେ ମତ୍ସ୍ୟଜୀବୀ ସଂପ୍ରଦାୟର ଜୀବନଜୀବିକା ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ। ସାମୁଦ୍ରିକ ବାତ୍ୟା ସମୟରେ ଲୁଣା ଜଙ୍ଗଲର ସୁରକ୍ଷାକାରୀ ପ୍ରଭାବ ଓଡ଼ିଶା, ତାମିଲନାଡୁ ଆଦି ରାଜ୍ୟରେ ପ୍ରମାଣିତ ହୋଇଛି। ଲୁଣା ଜଙ୍ଗଲର ପରିବେଶ ସୁରକ୍ଷାକାରୀ ଧର୍ମକୁ ସ୍ୱୀକୃତି ପ୍ରଦାନ କରି ତାମିଲନାଡୁର ପ୍ରଖ୍ୟାତ ଚିଦମ୍ବରସ୍ୱାମୀ ମନ୍ଦିରରେ ଲୁଣା ଜଙ୍ଗଲରେ ଅଧିକ ସଂଖ୍ୟାରେ ଦେଖାଯାଉଥିବା ସୁନ୍ଦରୀ ପ୍ରଜାତିର ଏକ ବୃକ୍ଷକୁ ମନ୍ଦିର ବୃକ୍ଷଭାବେ ମାନ୍ୟତା ଦିଆଯାଇଛି।

୧୯୮୯-୯୦ରେ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ପ୍ରତିଷ୍ଠା ହେବା ପରେ ପିଚବରମ୍ ଲୁଣା ଜଙ୍ଗଲର ସୁରକ୍ଷା ଓ ବିକାଶ ଦାୟିତ୍ୱ ତୁରନ୍ତ ହାତକୁ ନେଇଥିଲା। ମୁଁ ଫିଲିପାଇନ୍ସରେ କିଛି କାଳ ଅବସ୍ଥାନ କରୁଥିବା ସମୟରେ ଯାହା ଦେଖିଛି ଏବଂ ଭାରତରେ ମୋର ଯେଉଁ ଅନୁଭୂତି ରହିଛି ସେଥିରୁ ସ୍ପଷ୍ଟ ଯେ ଉଭୟ ଦେଶରେ ଜୀବିକା ଯୋଗାଣ ଓ ଜୀବିକା ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅବଦାନକୁ ବିଶେଷ ସ୍ୱୀକୃତି ମିଳିନାହିଁ। ଲୁଣା ଜଙ୍ଗଲକୁ କାଟି ସେ ସ୍ଥାନରେ ଏବେ ଚିଙ୍ଗୁଡ଼ି ଚାଷ କରାଯାଉଛି। ଆଉ କେତେକ ସ୍ଥାନରେ ଜଙ୍ଗଲ କାଟି ପର୍ଯ୍ୟଟନସ୍ଥଳ ତିଆରି ହେଉଛି। ଆମେ ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ଚିଦମ୍ବରମ୍ ନିକଟ ପିଚବରମ୍‌ଠାରେ ଜୈବ ପ୍ରଯୁକ୍ତି ବିଭାଗ ସହାୟତାରେ ମ୍ୟାନଗ୍ରୁହ ଫରେଷ୍ଟ (ଲୁଣା ଜଙ୍ଗଲ)ର ଏକ ଜେନେଟିକ୍ ଗାର୍ଡେନ ତିଆରି କରିଛୁ। ଉପକୂଳ ଅଞ୍ଚଳରେ ଲୁଣା ଜଙ୍ଗଲର ସୁରକ୍ଷା ପାଇଁ ଉଦ୍ୟମ ଆରମ୍ଭ ହେବା ସହ ଏ କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରାଯାଉଛି। ଜାପାନ ସରକାର ଓ ଆଇଆଇଟିଓ ସହାୟତାରେ ଲୁଣା ଜଙ୍ଗଲର ସୁରକ୍ଷା ପାଇଁ ଏକ ସନନ୍ଦ ପ୍ରସ୍ତୁତ କରାଯାଇଛି। ୧୯୯୦ରେ ଆନ୍ତର୍ଜାତିକ ମ୍ୟାନଗ୍ରୁଭ ଇକୋସିଷ୍ଟମ ସୋସାଇଟି (ଆଇଏସ୍‌ଏମ୍‌ଇ) ମଧ୍ୟ ଗଠିତ ହୋଇଛି। ଗତ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ଆମେ ଲୁଣା ଜଙ୍ଗଲର ଆବଶ୍ୟକତା ସମ୍ପର୍କ ଯଥେଷ୍ଟ ସୂଚନା ପାଇଛୁ। ଏଥିରୁ ଆର୍ଦ୍ର ଭୂମି ଓ ଲୁଣା ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ।

ଉତ୍ପାଦକତା ବୃଦ୍ଧିରେ ନୂଆ ଟେକ୍‌ନୋଲୋଜି ମୌଳିକ କଞ୍ଚା ମାଲ ଭାବେ କାମ କରେ। ପରିସ୍ଥିତି ଓ ପରିବେଶକୁ ଦୃଷ୍ଟିରେ ରଖି ନୂଆ ଟେକ୍‌ନୋଲୋଜି ସମ୍ପର୍କରେ ଆଗୁଆ ଗବେଷଣାର ଆବଶ୍ୟକତା ରହିଛି। ଏଥିପାଇଁ ମଧ୍ୟ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଚାଷୀ ଓ ଚାଷର ଉନ୍ନତି କଳ୍ପେ ଆମେ ଏହି ସୁଯୋଗର ଉପଯୋଗ କରିବା ଆବଶ୍ୟକ।

> ୧୯୬୨ ବେଳକୁ ରଚେଲ କାରସନ ଏବଂ ବିଖ୍ୟାତ ପୁସ୍ତକ 'ସାଇଲେଣ୍ଟ ସ୍ପ୍ରିଙ୍ଗ୍'ରେ ଦର୍ଶାଇଥିଲେ ଯେ ଡିଡିଟି ସମେତ ସବୁ କୀଟନାଶକ ଭବିଷ୍ୟତରେ ଜୀବଜଗତ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏହି ସବୁ କୀଟନାଶକ ପ୍ରୟୋଗ କରିବା ପରେ ପରିବେଶରେ ଏହାର ବିଷାକ୍ତ ଅବଶେଷ ମିଶୁଥିବାରୁ ଏହା ଜୀବଜଗତ ପାଇଁ କ୍ଷତିକାରକ ବୋଲି ସେ ଦର୍ଶାଇଛନ୍ତି। ଅତଏବ କୀଟନାଶକ ବ୍ୟବହାର କରିବା ବେଳେ ଏହାର ଭଲମନ୍ଦ ଦିଗପ୍ରତି ସତର୍କ ରହିବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟ ସମସ୍ୟାବଳୀର ସମାଧାନ ପାଇଁ ଟେକ୍‌ନୋଲୋଜିର ବ୍ୟବହାର କରାଯିବା ଜରୁରୀ। ଘନଘନ ବନ୍ୟା ଓ ବର୍ଦ୍ଧିତ ତାପମାତ୍ରାର ମୁକାବିଲା କରି କିପରି ଅଧିକ ଫସଲ ଉତ୍ପାଦନ କରିହେବ ସେଥିପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

**ଲେଖକ ହେଉଛନ୍ତି ସ୍ୱାମୀନାଥନ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଜଣେ ବିଶିଷ୍ଟ କୃଷି ବିଜ୍ଞାନୀ।**
**Email id- swami@mssrf.res.in**

# ଭାରତୀୟ ମହାକାଶ କାର୍ଯ୍ୟକ୍ରମ ପାଇଁ ଆହ୍ୱାନ

ଡକ୍ଟର ଜି. ମାଧବନ ନାୟର

ଭାରତ ଇତିମଧ୍ୟରେ ଦେଶର ସବୁଠୁ ଓଜନିଆ ଯୋଗାଯୋଗ ଉପଗ୍ରହ ଜିସାଟ୍-୧୧କୁ ସଫଳତାର ସହ ମହାକାଶକୁ ପ୍ରେରଣ କରିଛି। ଏହାର ଓଜନ ପ୍ରାୟ ୬ଟନ୍। ଦେଶର ଅଗମ୍ୟ ତଥା ଦୂରଦୂରାନ୍ତ ଅଞ୍ଚଳକୁ ହାଇସ୍ପିଡ୍ ଡାଟା ପ୍ରେରଣ କରିବାକୁ ଏହା ସକ୍ଷମ। ଅତ୍ୟାଧୁନିକ ଟେକ୍ନୋଲୋଜିର ସୁଫଳ ସାଧାରଣ ଜନତା ପାଇବା ଉଚିତ ବୋଲି ଭାରତୀୟ ମହାକାଶ ଗବେଷଣା କାର୍ଯ୍ୟକ୍ରମ ତଥା ଇସ୍ରୋର ଜନକ ଡକ୍ଟର ବିକ୍ରମ ସାରାଭାଇ ଯେଉଁ ସ୍ୱପ୍ନ ଦେଖିଥିଲେ ଜିସାଟ୍-୧୧ ତାହାକୁ ପୂରଣ କରିଛି। ବିଶ୍ୱର ବିକାଶଶୀଳ ରାଷ୍ଟ୍ରମାନଙ୍କ ତୁଳନାରେ ଭାରତର ମହାକାଶ କାର୍ଯ୍ୟକ୍ରମ ପ୍ରାୟ ୨୦ବର୍ଷ ପଛୁଆ ଥିଲା। ଏହା ସତ୍ତ୍ୱେ ଭାରତ ଏ କ୍ଷେତ୍ରରେ ନିରନ୍ତର ତାହାର ଉଦ୍ୟମ ଜାରି ରଖି ବିଶ୍ୱର ଶ୍ରେଷ୍ଠ ଛ'ଟି ମହାକାଶ ଶକ୍ତି ମଧ୍ୟରେ ସ୍ଥାନ ହାସଲ କରିଛି। ଆମେରିକା, ରୁଷିଆ, ୟୁରୋପୀୟ ସଂଘ, ଚୀନ୍ ଓ ଜାପାନ ପରେ ଭାରତ ନିଜସ୍ୱ ଜ୍ଞାନକୌଶଳ ଓ କାରିଗରୀ ବିଦ୍ୟାର ଉପଯୋଗ କରି ମହାକାଶକୁ ଉପଗ୍ରହ ପ୍ରେରଣ କରିବାରେ ସକ୍ଷମ। ଏବେ ଭାରତର ମହାକାଶ କାର୍ଯ୍ୟକ୍ରମ କେବଳ ଉପଗ୍ରହ ପ୍ରେରଣ ଓ ଦୂରସଂବେଦୀ ଯୋଗାଯୋଗ ପ୍ରତିଷ୍ଠାରେ ସୀମିତ ରହିନାହିଁ; ଏହା ଚନ୍ଦ୍ର ଓ ମଙ୍ଗଳକୁ ସଂପ୍ରସାରିତ ହୋଇଛି। ପିଏସ୍ଏଲ୍ଭି, ଜିଏସ୍ଏଲ୍ଭି ଭଳି ଉପଗ୍ରହବାହୀ ଯାନର ସଫଳତା ଓ ରେକର୍ଡ ବେଶ୍ ଭଲ ଏବଂ ଏହା ଅପେକ୍ଷାକୃତ ସ୍ୱଳ୍ପ ବ୍ୟୟରେ ଉପଗ୍ରହ ପ୍ରେରଣ କରିପାରୁଛି। ଏହା ଫଳରେ ବିଭିନ୍ନ ବିକଶିତ ରାଷ୍ଟ୍ର ଉପଗ୍ରହ ପ୍ରେରଣ ପାଇଁ ଭାରତର ସହାୟତା ନେଉଛନ୍ତି। ଉପଗ୍ରହ ପ୍ରେରଣରେ ତ୍ରୁଟିଶୂନ୍ୟତା ଓ ସଫଳତା ପାଇଁ ଭାରତ ବିଶ୍ୱରେ ବିଶ୍ୱସନୀୟ ହୋଇଛି ଓ ଏହା ମାନବସମାଜର ବିକାଶରେ ନିଜକୁ ନିୟୋଜିତ କରିଛି। ଟିଭି ସିଗ୍ନାଲର ଡିଟିଏଚ୍ ସେବା ପ୍ରଦାନ, ବ୍ୟାଙ୍କ ଓ ବିଭିନ୍ନ ବିତ୍ତୀୟ ଅନୁଷ୍ଠାନ ମଧ୍ୟରେ ସଂଯୋଗ ସ୍ଥାପନ, ଟେଲିମେଡିସିନ୍, ଟେଲିଶିକ୍ଷା, ଦୁର୍ବିପାକ ସମ୍ପର୍କରେ ଆଗୁଆ ସୂଚନା ପ୍ରଦାନ ଆଦି ଭାରତୀୟ ମହାକାଶ କାର୍ଯ୍ୟକ୍ରମର କେତେକ ଉଲ୍ଲେଖନୀୟ ସଫଳତା।

ଭାରତୀୟ ମହାକାଶ ଗବେଷଣା କାର୍ଯ୍ୟକ୍ରମର ପ୍ରତିଷ୍ଠାତାଙ୍କ ସ୍ୱପ୍ନ ଇସ୍ରୋ ସାକାର କରିଥିବାବେଳେ ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ କ'ଣ ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ମଣିଷ ପାଇଁ ମହାକାଶର ଅଧିକ ଅନ୍ୱେଷଣ ପରବର୍ତ୍ତୀ ଦିଗନ୍ତ ପାଲଟିଛି। ଅନ୍ୟଗ୍ରହ ଓ ମହାକାଶରେ ମଣିଷର ଉପସ୍ଥିତି ଏବେ ନୂଆ ଆହ୍ୱାନ ସୃଷ୍ଟି କରିଛି। ଆମେରିକା, ରୁଷିଆ ଓ ଚୀନ ଏ କ୍ଷେତ୍ରରେ ଅଗ୍ରଣି ଭୂମିକା ଗ୍ରହଣ କରିଥିବାବେଳେ ଭାରତ ସେମାନଙ୍କର ସମକକ୍ଷ ହୋଇପାରିନାହିଁ। ପ୍ରାୟ



୧୦ବର୍ଷ ତଳେ ଭାରତ ଏ କ୍ଷେତ୍ରରେ ଚିନ୍ତା କରିଥିଲେ ମଧ୍ୟ ୨୦୧୮ରେ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଅନୁମୋଦନ କରିଥିଲେ। ସ୍ୱାଧୀନତା ଦିବସ ଘୋଷଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ମହାକାଶ କାର୍ଯ୍ୟକ୍ରମକୁ ଅନୁମୋଦନ ଦେଇଥିଲେ। ୨୦୨୨ରେ ଭାରତ ମହାକାଶକୁ ମଣିଷ ପଠାଇବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଅତଏବ ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ବଡ଼ଧରଣର ବୈଷୟିକ ପ୍ରସ୍ତୁତିର ଆବଶ୍ୟକତା ରହିଛି ଯାହା ଭାରତ ପାଇଁ ନିଶ୍ଚିତ ଏକ ବଡ଼ ଆହ୍ୱାନ। ସେଇ ଆହ୍ୱାନର ମୁକାବିଲା କରିପାରିଲେ ଆମେ ବିଶ୍ୱ ମହାକାଶ ଗବେଷଣା କ୍ଷେତ୍ରରେ ନିଶ୍ଚିତ ନେତୃତ୍ୱସ୍ଥାନର ଅଧିକାରୀ ହୋଇପାରିବା।

ମାନବବାହୀ ମହାକାଶ ଯାନ ପ୍ରେରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଲା ଉପଯୁକ୍ତ କ୍ରିଉ ମଡ୍ୟୁଲ ବା ମାନବବାହୀ ଯାନ ନିର୍ମାଣ କରିବା। ଜରୁରୀ ପରିସ୍ଥିତିରେ ଯାନରୁ ମହାକାଶଚାରୀ ଉଦ୍ଧାର ବ୍ୟବସ୍ଥା ବା କ୍ରିଉ ଏସ୍କେପ୍ ସିଷ୍ଟମର ବିକାଶ ଓ ଉତ୍କ୍ଷେପଣ ଯାନର ବିଶ୍ୱସନୀୟତା ତଥା ନିରାପତ୍ତା ଏ କ୍ଷେତ୍ରରେ ପ୍ରଥମ ଆବଶ୍ୟକତା। ମହାକାଶରେ ଏହି ମାନବବାହୀ କ୍ୟାପ୍ସୁଲ ବା ପେଟିକା ଅବସ୍ଥାନ କରିବାବେଳେ ପ୍ରାୟତଃ ଜିରୋ-ଗ୍ରାଭିଟି ବା ଶୂନ୍ୟ ମାଧ୍ୟାକର୍ଷଣ ସ୍ଥିତିରେ ଥାଏ। ଏହାଛଡ଼ା ଏହି କ୍ୟାପ୍ସୁଲ ଭିତରେ କଠୋର ଶୂନ୍ୟତା ବା ହାର୍ଡ ଭାକ୍ୟୁମ୍ ସୃଷ୍ଟି ହେବା ସହ ଉଚ୍ଚ ବିକିରଣ ଅନୁଭୂତ ହୁଏ। ଅତଏବ ମହାକାଶ କ୍ୟାପ୍ସୁଲ ଭିତରେ ବାସୋପଯୋଗୀ ସ୍ଥିତି ସୃଷ୍ଟି କରିବା ସହ ଆବଶ୍ୟକ ଅମ୍ଳଜାନ, ଜଳ ଓ ଖାଦ୍ୟ ତଥା ବର୍ଜ୍ୟବସ୍ତୁ ନିଷ୍କାସନ ବ୍ୟବସ୍ଥା କରିବା ପ୍ରଥମ ଆବଶ୍ୟକତା। ଏଥିପାଇଁ ନୂଆ ଜ୍ଞାନକୌଶଳ ଉପଯୋଗ କରିବା ସହ ମହାକାଶରେ ନିର୍ଦ୍ଦିଷ୍ଟ ଦିନ ପାଇଁ ତା' ଭିତରେ ମଣିଷକୁ ନିରାପଦରେ ରଖିବାର ସମସ୍ତ ପ୍ରକାର ବନ୍ଦୋବସ୍ତ କରିବାକୁ ହେବ। ଏଥିପାଇଁ ମହାକାଶଚାରୀଙ୍କୁ ତାଲିମ ଦେବା ସହଜ କାମ ନୁହେଁ। ଏଥିପାଇଁ ମହାକାଶଚାରୀଙ୍କ ମନସ୍ତତ୍ତ୍ୱରେ ପରିବର୍ତ୍ତନ ଆଣିବା ବିଶେଷ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ କିଛି ସ୍ୱତନ୍ତ୍ର ଧରଣର ଔଷଧର ଆବଶ୍ୟକତା ରହିଛି ଯାହା ସ୍ପେସ୍ ମେଡିସିନ୍‌ର ବିଷୟବସ୍ତୁ। ଏହି ଭେଷଜ ବିଦ୍ୟାର ବିକାଶ ମଧ୍ୟ ଜରୁରୀ। ଏସବୁ ସୁବିଧା ଭାରତରେ ନାହିଁ। ତାହାକୁ ମଧ୍ୟ ବିକଶିତ କରିବାକୁ ପଡ଼ିବ।




ବିଶ୍ୱସ୍ତରରେ ପିଏସ୍ଏଲ୍‌ଭି ଓ ଜିଏସ୍ଏଲ୍‌ଭି ଏକ ବିଶ୍ୱସ୍ତରୀୟ ଉପଗ୍ରହବାହୀ ଯାନ ଭାବେ ପ୍ରତିଷ୍ଠା ଲାଭ କରିଛି। ସେଥିପାଇଁ ଆମେରିକା, ୟୁରୋପ ଓ କାନାଡ଼ା ଭଳି ବିଭିନ୍ନ ଦେଶ ନିଜ ନିଜର ଉପଗ୍ରହ ପ୍ରେରଣ ପାଇଁ ଇସ୍ରୋ ଉପରେ ନିର୍ଭର କରୁଛନ୍ତି। ଭାରତ ବାହ୍ୟ ଉପଗ୍ରହ ପ୍ରେରଣରେ ପ୍ରାୟ ୯୫ ଶତାଂଶ ସଫଳତା ହାସଲ କରିଛି। ତେବେ ମାନବବାହୀ ମହାକାଶ ଯାନ ପ୍ରେରଣରେ ଭାରତର ଅଭିଜ୍ଞତା ନାହିଁ। ମହାକାଶ ଯାନ ପ୍ରେରଣରେ ସଫଳତା ବା ବିଶ୍ୱସନୀୟତାର ହାର ୯୯ ଶତାଂଶ ହେବା କଥା। ଏହା ସତ୍ତ୍ୱେ ସେଇ ହାରଠାରୁ ତଳେ ଥିବା ଆମେରିକା ନିଜର ସ୍ପେସ୍ ସଟଲରେ ମହାକାଶଚାରୀ ବହନକାରୀ କ୍ୟାପ୍ସୁଲ ପ୍ରେରଣ କରୁଛି। ଆମେରିକା ୧୩୬ଥର ସ୍ପେସ୍ ସଟଲ ପ୍ରେରଣ କରିଥିବାବେଳେ ମାତ୍ର ଦୁଇଥର ଏଥିରେ ବିଫଳ ହୋଇଛି। ଆମେରିକାର ପୁରୁଣା ସ୍ପେସ୍ ସଟଲକୁ ଏବେ ଆଉ ବ୍ୟବହାର କରାଯାଉନାହିଁ। ତା' ସ୍ଥାନ ପୂରଣ କରିବାକୁ ଆମେରିକା ଏକ ନୂଆ ଅତ୍ୟାଧୁନିକ ସ୍ପେସ୍ ସଟଲ ତିଆରି କରୁଛି। ମାନବବାହୀ ମହାକାଶ ଯାନ ପ୍ରେରଣ ପାଇଁ ଏବେ ବିଶ୍ୱରେ ମାତ୍ର ଗୋଟିଏ ସ୍ପେସ୍ ସଟଲ ଉପଲବ୍ଧ। ଏହା ସୋୟୁଜ୍ ନାମରେ ପରିଚିତ। ସମଗ୍ର ବିଶ୍ୱ ପାଇଁ ରୁଷ୍ ଏହାର ସେବା ଯୋଗାଇଦେଉଛି। ଚୀନ ନିଜର ଏକ ଏଭଳି ଯାନ ନିର୍ମାଣ କରିଥିଲେ ମଧ୍ୟ ତାହାକୁ ଘରୋଇ ବ୍ୟବହାରରେ ସୀମିତ ରଖିଛି। ଜିଏସ୍ଏଲ୍‌ଭି ଏମ୍‌କେ ଉତ୍କ୍ଷେପଣଯାନ ଏବେ ଇସ୍ରୋ ଦ୍ୱାରା ବିକଶିତ ହୋଇଛି। ଏହି ଉତ୍କ୍ଷେପଣ ଯାନ ବା ରକେଟ୍ ପ୍ରାୟ ୧୦ଟନ୍ ଓଜନର ମାନବବାହୀ କ୍ୟାପସୁଲ୍ ମହାକାଶକୁ ପ୍ରେରଣ କରିବାକୁ ସକ୍ଷମ। ତେବେ ଏହା ପୃଥିବୀର ନିମ୍ନ କକ୍ଷ ପଥଠୁ ଉପରକୁ ଯାଇପାରିବ ନାହିଁ। ଏହି ରକେଟର ବିକାଶ ଉପରେ ଇସ୍ରୋ କାମ କରୁଛି। ଏହାର ସଫଳତା ଉପରେ ଭାରତର ମାନବବାହୀ ମହାକାଶଯାନର ଭବିଷ୍ୟତ ନିର୍ଭର କରେ। ଏହାର ସମ୍ପୂର୍ଣ୍ଣ ଡିଜାଇନ୍ ଓ ପରୀକ୍ଷାମୂଳକ ପ୍ରୟୋଗର ସଫଳତାକୁ ସମୀକ୍ଷା କରିବାକୁ ପଡ଼ିବ। ମହାକାଶଯାତ୍ରୀଙ୍କ ନିରାପତ୍ତା ବ୍ୟବସ୍ଥା ଓ ଯାନର

ଉନ୍ନତିକରଣ ଉପରେ ଗୁରୁତ୍ୱ ଦେବାକୁ ହେବ। କ୍ୟାପ୍‌ସୁଲ୍‌ର ତାପ ଓ ଚାପ ନିୟନ୍ତ୍ରଣ, ଏହାର ବିକିରଣ ସୁରକ୍ଷା, ବର୍ଜ୍ୟବସ୍ତୁ ନିଷ୍କାସନ ବ୍ୟବସ୍ଥା, ଭାରବହନ କ୍ଷମତା ଆଦି ଉପରେ ଦୃଷ୍ଟି ଦେଇ ଏହାକୁ ଅଧିକ ସୁରକ୍ଷିତ ଓ ବିଶ୍ୱସନୀୟ କରିବାକୁ ପଡ଼ିବ। ଅତି ଉଚ୍ଚ ତାପମାତ୍ରା ସହ୍ୟ କରିପାରୁଥିବା ସାମଗ୍ରୀ ଏହି ଯାନ ଓ ରକେଟରେ ବ୍ୟବହାର କରିବା ଏକାନ୍ତ ଅପରିହାର୍ଯ୍ୟ।

ଅତଏବ ଏକ ବିଶ୍ୱସନୀୟ ଉତ୍‌କ୍ଷେପଣ ବ୍ୟବସ୍ଥା ତିଆରି କରିବା ସହଜ ମନେହୁଏ ନାହିଁ। ଏହା ସତ୍ତ୍ୱେ ଭାରତ ଏକ ବିଶ୍ୱସନୀୟ ଉତ୍‌କ୍ଷେପଣ ବ୍ୟବସ୍ଥା ତିଆରି କଲେ ମଧ୍ୟ ସମ୍ଭାବ୍ୟ ବିଫଳତା କ୍ଷେତ୍ରରେ ମହାକାଶଚାରୀମାନଙ୍କୁ ଭୂପୃଷ୍ଠକୁ ଫେରାଇଆଣିବାର ସାମର୍ଥ୍ୟ ଓ ଜ୍ଞାନକୌଶଳ ଭାରତ ଏଯାଏ ତିଆରି କରିପାରିନାହିଁ। ଏବେ ଇସ୍ରୋ ଏକ ମହାକାଶ ଯାତ୍ରୀ ଉଦ୍ଧାର (କ୍ରିଉ ରିକଭରୀ) ବ୍ୟବସ୍ଥା ବିକଶିତ କରିଛି। ଏହି ବ୍ୟବସ୍ଥାରେ ଉତ୍‌କ୍ଷେପଣ ବିଫଳ ହେଲେ ଯାନରୁ ମହାକାଶଯାତ୍ରୀ ନିରାପଦରେ ସ୍ୱତଃ ନିକ୍ଷେପିତ ବ୍ୟବସ୍ଥାରେ ବାହାରି ଆସି ରକ୍ଷା ପାଇପାରିବେ। ସ୍ପେସ୍ ସୁଟ୍, କ୍ରିଉ ମଡ୍ୟୁଲ, ଅବତରଣ ଓ ରିକଭରୀ ବ୍ୟବସ୍ଥାର ସମଗ୍ର ଡିଜାଇନକୁ ବିକଶିତ ଟେକ୍‌ନୋଲୋଜି ସହାୟତାରେ କରିବାକୁ ପଡ଼ିବ। ଏଥିପାଇଁ ବୈଜ୍ଞାନିକ, ବୈଷୟିକବିତ୍, ସହାୟତାକାରୀ କର୍ମଚାରୀ ସମସ୍ତଙ୍କ ସହଯୋଗ ଲୋଡ଼ା।

ମହାକାଶ ପରିବହନ ବ୍ୟବସ୍ଥାର ବିକାଶ ସହ ପୃଥିବୀର କକ୍ଷପଥରେ ମଣିଷଙ୍କୁ କିଛି କାଳ ବିତାଇବାର ସୁଯୋଗ ଦେବା ଓ ସେମାନଙ୍କୁ ଭୂପୃଷ୍ଠକୁ ଫେରାଇ ଆଣିବା ଅନ୍ତରୀକ୍ଷ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଆଉ କେତେକ ପଦକ୍ଷେପ। ସେଥିପାଇଁ ଭାରତକୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ। ଏହି





ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ହେଲେ ପୃଥିବୀ ଗ୍ରହର ସବିଶେଷ ପର୍ଯ୍ୟବେକ୍ଷଣ, ବିଜ୍ଞାନଭିତ୍ତିକ ନିରୀକ୍ଷଣ, ତାରା, ନକ୍ଷତ୍ର ଓ ଗ୍ରହାଣୁପୁଞ୍ଜର ଅନୁଧ୍ୟାନ ପାଇଁ ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟ ମଧ୍ୟାକର୍ଷଣ ଶୂନ୍ୟ ସ୍ଥିତିରେ ରାସାୟନିକ ଓ ଜୈବିକ ପରୀକ୍ଷା ନିରୀକ୍ଷା ସହ ନୂଆ ମଲିକ୍ୟୁଲ୍ ସୃଷ୍ଟି କରିବାରେ ସହାୟକ ହେବ। ମଙ୍ଗଳ ଓ ଚନ୍ଦ୍ରକୁ ମଣିଷ ପଠାଇବାର ସ୍ୱପ୍ନ ଏବେ ବୈଜ୍ଞାନିକଙ୍କୁ ଘାରିଛି। ଏହା ପଛରେ ରହିଛି ପୃଥିବୀର ପଡ଼ୋଶୀ ଗ୍ରହ ଉପଗ୍ରହରେ ଥିବା ପ୍ରାକୃତିକ ସମ୍ବଳର ଉପଯୋଗ କରିବା ସହିତ ସେଠାରେ ବସତି ସ୍ଥାପନ କରିବାର ଲକ୍ଷ୍ୟ। ଏଥିପାଇଁ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତି ଓ ଜ୍ଞାନକୌଶଳ କେବଳ ଲୋଡ଼ା ନୁହେଁ, ପ୍ରଚୁର ଅର୍ଥର ମଧ୍ୟ ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗ, ବିକଶିତ ବୈଷୟିକ ଜ୍ଞାନ କୌଶଳ ଓ ପାଣ୍ଠିକୁ ଏକଜୁଟ କରି ଉଦ୍ୟମ କରିବାକୁ

ପଡ଼ିବ। ତେବେ ଯାଇ ଏହି ମହତାକାଙ୍କ୍ଷୀ ଲକ୍ଷ୍ୟ ସାଧିତ ହେବ।

ସୌରମଣ୍ଡଳ ଘେନି ଭବିଷ୍ୟତର ସ୍ୱପ୍ନ ଓ ଦୁଃସାହସିକ ଯାତ୍ରା ନେଇ ଆମେ ବେଶ୍ ତତ୍ପର ଥିବାବେଳେ ଆମେ ବାସକରୁଥିବା ଗ୍ରହ ପୃଥିବୀର ସ୍ଥିତି ସମ୍ପର୍କରେ ମଧ୍ୟ ସଚେତନ ରହିବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ବଳର ଆଖିବୁଜା ବିନିଯୋଗ ଆଦି ପ୍ରତି ଆମକୁ ସତର୍କ ଓ ସଚେତନ ରହିବାକୁ ପଡ଼ିବ। ନିରନ୍ତର ବିକାଶ କ୍ଷେତ୍ରରେ ପ୍ରାକୃତିକ ସମ୍ପଦର ବିନିଯୋଗ ପାଇଁ ଯେଉଁ ସଂଯମ ଓ ଶୃଙ୍ଖଳାର ଆବଶ୍ୟକତା ରହିଛି ତାହାର ଉଲ୍ଲଂଘନ ହେଲେ ମରୁଡ଼ି, ଅତିବୃଷ୍ଟି, ଅନାବୃଷ୍ଟି, ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଘଟିବା ସ୍ୱାଭାବିକ। ଆଇଆର୍‌ଏସ୍ ଶୃଙ୍ଖଳାରେ ଭାରତ ମହାକାଶକୁ ଯେଉଁସବୁ ଉପଗ୍ରହ ପଠାଇଛି ସେସବୁ ପାଣିପାଗ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭୂପୃଷ୍ଠକୁ ନିୟମିତ ତଥ୍ୟ ଓ ଚିତ୍ର ପଠାଉଛି। ଦୈନିକ ଏହି ତଥ୍ୟାବଳୀ ଦ୍ୱାରା ଆମେ ନାନାଭାବେ ଉପକୃତ ହେଉଛୁ। ନିକଟରେ ମହକାଶକୁ ପ୍ରେରିତ ହୋଇଥିବା ହାଇପରସ୍ପେକ୍‌ଟ୍ରାଲ ଇମେଜିଂ ସାଟେଲାଇଟ୍ ଆମକୁ ପ୍ରାକୃତିକ ସଂପଦ ଓ ପାଣିପାଗ ସମ୍ପର୍କରେ ଉନ୍ନତ ତଥା ଭରସାଯୋଗ୍ୟ ତଥ୍ୟାବଳୀ ଯୋଗାଇବାକୁ ଯାଉଛି। ଏହା ମଧ୍ୟ କୃଷିକାର୍ଯ୍ୟ ପାଇଁ ବିଶେଷ ସହାୟକ ହେବ। ଏବେ ମଣିଷ ଅଧିକରୁ ଅଧିକ ଓ ଅତ୍ୟନ୍ତ ନିର୍ଭରଯୋଗ୍ୟ ତଥ୍ୟ ଲୋଡୁଛି ଓ ସେଥିପାଇଁ ଚାହିଦା ବଢୁଛି। ସେ ଦୃଷ୍ଟିରୁ ହାଇରିଜଲ୍ୟୁସନ୍ ହାଇପର ସ୍ପେକ୍‌ଟ୍ରାଲ ଇମେଜର ଆବଶ୍ୟକତା ପଡୁଛି। ଏଥିପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରିବାକୁ ପଡ଼ିବ। ଦୃଶ୍ୟମାନ ଦୂରତ୍ୱଠାରୁ ଆହୁରି ଅଧିକ ଦୂରରେ ଥିବା ପ୍ରାକୃତିକ ସମ୍ବଳ ଓ ବସ୍ତୁର ସ୍ପଷ୍ଟ ଚିତ୍ର ଉତ୍ତୋଳନ ପାଇଁ ନୂଆ ଟେକ୍‌ନୋଲୋଜିର ସହାୟତା ନେବାକୁ ହେବ।

ମେଘାଚ୍ଛନ୍ନ ଅଞ୍ଚଳକୁ ଡାଟା ପ୍ରେରଣ ପାଇଁ ରାଡାର ଇମେଜିଂ ଟେକ୍‌ନିକ୍‌ରେ ଯଥେଷ୍ଟ ଉନ୍ନତି ଆଣି ଏହାକୁ ନିର୍ଭୁଲ କରିବାକୁ ପଡ଼ିବ। ଏଥିପାଇଁ ଏକାଧିକ ରାଡାର ସାଟେଲାଇଟ୍‌କୁ ମୁତୟନ କରିବାକୁ ହେବ। ସାଟେଲାଇଟ୍ ଇମେଜ ମଧ୍ୟ ଦେଶର ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ। ଦେଶର ସମ୍ବେଦନଶୀଳ ଓ ଉତ୍ତେଜନାପ୍ରବଣ ଅଞ୍ଚଳର ଚିତ୍ର ଓ ତଥ୍ୟାବଳୀ ମହାକାଶରୁ ହାଇରିଜୋଲ୍ୟୁସନ୍ କ୍ୟାମେରା ଦ୍ୱାରା ଉତ୍ତୋଳନ କରି ତାହାକୁ ଭୂପୃଷ୍ଠ କେନ୍ଦ୍ରକୁ ପଠାଇବାର ଟେକ୍‌ନୋଲୋଜିରେ ବିକାଶ ଆଣିବାକୁ ପଡ଼ିବ। ଏହା ଫଳରେ ସେହି ଅଞ୍ଚଳର ସବିଶେଷ ତଥ୍ୟ କର୍ତ୍ତୃପକ୍ଷ ନିର୍ଭୁଲଭାବେ ପାଇପାରିବେ ଓ ତଦନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସକ୍ଷମ ହେବେ।

ଭୂପୃଷ୍ଠରୁ ୩୬ ହଜାର କିଲୋମିଟର ଉଚ୍ଚରେ ଥିବା ମହାକାଶକେନ୍ଦ୍ରରୁ ପ୍ରାକୃତିକ ବିପର୍ଯ୍ୟୟ ସଂକ୍ରାନ୍ତ ଭରସାଯୋଗ୍ୟ ଆଗୁଆ ତଥ୍ୟ ପ୍ରଦାନ କରିବା ପାଇଁ ଯେଉଁ ଅଭିନବ ଜ୍ଞାନକୌଶଳର ଆବଶ୍ୟକତା ରହିଛି ସେଥିରେ ଅପ୍ଟିକାଲ ଓ ମାଇକ୍ରୋୱେଭ ଇମେଜର ସମ୍ମିଶ୍ରଣ ଲୋଡ଼ା। ବିଭିନ୍ନ ପ୍ରକାରର ଚିତ୍ର ଉତ୍ତୋଳନ ଦ୍ୱାରା ପାଣିପାଗ ଓ ବିପର୍ଯ୍ୟୟ ସଂକ୍ରାନ୍ତ ଆଗୁଆ ତଥ୍ୟ ଅଧିକ ଭରସାଯୋଗ୍ୟ ହେବ। ଏଥିପାଇଁ ମଲ୍ଟିସ୍ପେକ୍‌ଟ୍ରାଲ ଇମେଜ ଉତ୍ତୋଳନ ଜ୍ଞାନକୌଶଳ ଲୋଡ଼ା ଯାହା ସ୍ଥିର ଉପଗ୍ରହରୁ ଉତ୍ତୋଳିତ ହୋଇପାରିବ। ଭୂମିକମ୍ପ ସମ୍ପର୍କରେ ଆଗୁଆ ସୂଚନା ଦେବାର କୌଶଳ ବା ବିଦ୍ୟା ଏଯାଏ ବାହାରି ନାହିଁ। ତେବେ ପୃଥିବୀର ଚୁମ୍ବକୀୟ ଓ ବୈଦ୍ୟୁତିକ କ୍ଷେତ୍ରର ଅଧିକ ଅନୁଧ୍ୟାନ କରି ଅତ୍ୟାଧୁନିକ ସେନ୍‌ସର ସାହାଯ୍ୟରେ ତାହାର କମ୍ପନ ପର୍ଯ୍ୟବେକ୍ଷଣ ପୂର୍ବକ ଭୂମିକମ୍ପ ସମ୍ପର୍କରେ ପ୍ରାକ୍ ସୂଚନା ଦେଇହେବ ବୋଲି





ବୈଜ୍ଞାନିକମାନେ ଆଶାବାଦୀ। ଏହା ସତ୍ତ୍ୱେ ଏହି କାମଟି ଏତେ ସହଜ ମନେହୁଏ ନାହିଁ।

ଆଜିର ଜ୍ଞାନଭିତ୍ତିକ ସମାଜ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ କନେକ୍ଟିଭିଟି ଉପରେ ନିର୍ଭରଶୀଳ। ପୃଥିବୀର କକ୍ଷପଥରେ ଅବସ୍ଥାପିତ ଜିଓଷ୍ଟେସନାରୀ (ଭୂ-ସ୍ଥିର) ଉପଗ୍ରହ ଏ କ୍ଷେତ୍ରରେ ବିଶେଷ ସହାୟକ ହେଉଛି। ଏବେ ପ୍ରେରିତ ଜିସାଟ୍-୧୧ ହାଇସ୍ପିଡ୍ ଡିଜିଟାଲ କନେକ୍ଟିଭିଟି କ୍ଷେତ୍ରରେ ମହାକାଶ କିପରି ସହାୟକ ହୁଏ ତାହାର ସ୍ପଷ୍ଟ ପ୍ରମାଣ ବହନ କରୁଛି। ଏହି ସମ୍ବଳକୁ ବହୁମୁଖି କରିବାକୁ ପଡ଼ିବ। ଅଧିକରୁ ଅଧିକ ଡାଟା ସଂଗ୍ରହ କରି ପ୍ରେରଣ କରିପାରୁଥିବା ଅତ୍ୟାଧୁନିକ ଉପଗ୍ରହ ସବୁକୁ ଦେଶର କୋଣ ଅନୁକୋଣର ଚିତ୍ରତଥ୍ୟ ଉତ୍ତୋଳନ ପାଇଁ ମୁତୟନ କରିବାକୁ ହେବ। ଏହି ଡିଜିଟାଲ ଟେକ୍ନୋଲୋଜି କ୍ଷେତ୍ରରେ ନୂଆ ବିଚାର ଓ ନୂତନ ଟେକ୍ନୋଲୋଜିର ଆବଶ୍ୟକତା ରହିଛି। ଏଥିରେ ଆମେ ସଫଳ ହୋଇପାରିଲେ ସବୁ ଅଞ୍ଚଳ ଓ ପ୍ରତ୍ୟେକ ପରିବାରକୁ ସେମାନଙ୍କ ଘର ଦୁଆରମୁହଁରେ ସୁଲଭ ମୂଲ୍ୟରେ ତଥ୍ୟାବଳୀ ଓ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେଇହେବ। ଏବେ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜ୍ଞାନ ଓ ବିଦ୍ୟା ପ୍ରଭାବିତ କରୁଛି। ଟେଲିମେଡିସିନ୍ ସହାୟତାରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ନୂଆ ପ୍ରୟୋଗ ଓ ଉପଲବ୍ଧି ହାସଲ କରାଯାଇଛି। ଏବେ ଟେଲିମେଡିସିନ୍ କେବଳ ଡାକ୍ତରୀ ପରାମର୍ଶ କ୍ଷେତ୍ରରେ ସୀମିତ ରହିଛି। ତେବେ ସାଟେଲାଇଟ୍ ସଂଯୋଗ ମାଧ୍ୟମରେ ଖୁବ୍ ଶୀଘ୍ର ଟେଲି-ସର୍ଜରୀ ଏକ ବାସ୍ତବ ରୂପ ନେବାକୁ ଯାଉଛି।

ଏବେ ମହାକାଶ ଭିତ୍ତିକ ସେବା ବେଶ୍ ଦକ୍ଷ ହୋଇଥିଲେ ହେଁ ବ୍ୟୟବହୁଳ। ସେଥିମଧ୍ୟରୁ ଉପଗ୍ରହ ପ୍ରେରଣ ଖର୍ଚ୍ଚ ସର୍ବାଧିକ। ଉତ୍କ୍ଷେପଣରେ ବ୍ୟବହାର ହେଉଥିବା ହାର୍ଡୱ୍ୟାର ଯନ୍ତ୍ରପାତି ଓ ଉପକରଣଗୁଡ଼ିକୁ ଉଦ୍ଧାର କରି ଯଦି ପୁନଃ ବ୍ୟବହାର କରାଯାଇପାରନ୍ତା ତେବେ ଉପଗ୍ରହ ପ୍ରେରଣ ଖର୍ଚ୍ଚ ଶସ୍ତା ହୁଅନ୍ତା। ଏଥିପାଇଁ ଜ୍ଞାନକୌଶଳର ବିକାଶ କରିବାକୁ ପଡ଼ିବ। ଏବେ ଉପଗ୍ରହ ପ୍ରେରଣରେ ବ୍ୟବହୃତ ଯାନରେ ପୂର୍ବଭଳି ଦାମୀ ଇନ୍ଧନ ବ୍ୟବହାର ନ'କରି କିରାସିନ ବ୍ୟବହାର କରାଯାଉଛି। ଏହା ନୂଆ ପ୍ରପଲସନ୍ ବ୍ୟବସ୍ଥା ଯୋଗୁଁ ସମ୍ଭବ ହୋଇଛି। ଫଳରେ ଖର୍ଚ୍ଚ କମିଛି। ନୂଆ ପିଢ଼ିର ଲଞ୍ଚ ଭେଇକିଲ୍ (ଉତ୍କ୍ଷେପଣ ଯାନ) ନିର୍ମାଣ ଓ ସ୍ୱଳ୍ପ ବ୍ୟୟରେ ଉପଗ୍ରହ ପ୍ରେରଣ ବ୍ୟବସ୍ଥା ଇସ୍ରୋ ପାଇଁ ତଥାପି ଅନେକ ଆହ୍ୱାନ ସୃଷ୍ଟି କରିଛି। ବିକଶିତ ରାଷ୍ଟ୍ରମାନେ ଯେତେବେଳେ ୧୦୦ ଟନ୍ ବିଶିଷ୍ଟ ଉପଗ୍ରହ ମହାକାଶକୁ ପଠାଉଛନ୍ତି ଆମେ ସେତେବେଳେ ଅତିକମ୍‌ରେ ୨୦ଟନ୍ ଓଜନର ଉପଗ୍ରହ ପ୍ରେରଣ ପାଇଁ ପ୍ରୟାସ କରିବା ଆବଶ୍ୟକ। ନିକଟ ଭବିଷ୍ୟତରେ ଆମେ ଏହି ଦକ୍ଷତା ହାସଲ କରିବା ବୋଲି ଆଶାବାଦୀ ହେବା ଉଚିତ।

ମହାକାଶ ଗବେଷଣା ସର୍ବଦା ଏକ ଆକର୍ଷଣୀୟ ବିଷୟ। ଏ କ୍ଷେତ୍ରରେ ଭାରତ ପଛରେ ପଡ଼ିନାହିଁ। ମହାକାଶ ଅନ୍ୱେଷଣ, ମହାକାଶ ଭ୍ରମଣ, ପର୍ଯ୍ୟଟନ ଉପଯୋଗ କାର୍ଯ୍ୟକ୍ରମ ମହାକାଶ ଗବେଷଣା ଓ ଉପଲବ୍ଧି ଉପରେ ନିର୍ଭର କରେ। ଏହା ବ୍ୟୟବହୁଳ ନ'ହେଲେ ଲୋକଙ୍କ ସେବାରେ ଅଧିକ ଲାଗିପାରିବ ଓ ନୂଆପିଢ଼ି ପାଇଁ ପ୍ରଚୁର ସୁଯୋଗ ସୁବିଧା ସୃଷ୍ଟି କରିବ। ଯେଉଁମାନେ ଦୁଃସାହସୀ ସେମାନେ ଏଥିରେ ଲମ୍ଫ ପ୍ରଦାନ କରି ଲାଭବାନ ହୋଇପାରିବେ।

**ଲେଖକ ହେଉଛନ୍ତି ଇସ୍ରୋର ପୂର୍ବତନ ନିର୍ଦ୍ଦେଶକ ତଥା ଜଣେ ବିଶିଷ୍ଟ ମହାକାଶ ବିଜ୍ଞାନୀ।**
**Email id- gmnairg@gmail.com**

ବିଶେଷ ପ୍ରସଙ୍ଗ

# ଅଟଳ ଇନୋଭେସନ ମିଶନ

ଆର୍. ରମଣନ୍

ଶହଶହ ବର୍ଷ ଧରି ଭାରତରେ ଚିନ୍ତକ, ବୈଜ୍ଞାନିକ, ଯନ୍ତ୍ରୀ, ଉଦ୍ଭାବକ, ଦାର୍ଶନିକ ଓ କଳାକାରଙ୍କ ଭଳି ପ୍ରତିଭାର ଅଭାବ ନ ଥିଲା। ଦକ୍ଷତା ଓ ପ୍ରତିଭାରେ ଭାରତ ବିଶ୍ୱରେ ଅଦ୍ୱିତୀୟ। ଆମର ଦର୍ଶନ, ସଂସ୍କୃତି, ଲଳିତକଳା, ମନ୍ଦିର ସ୍ଥାପତ୍ୟର ହଜାର ହଜାର ବର୍ଷର ଇତିହାସ ଏହାର ପ୍ରମାଣ ବହନ କରେ।

ଭାରତୀୟମାନେ ଯେତେବେଳେ ବିଦେଶକୁ ଯାଆନ୍ତି ସେଠାରେ ସେମାନେ ନିଜନିଜ ବୃତ୍ତିରେ ଉତ୍କର୍ଷ ହାସଲ କରିଥାନ୍ତି। ସୁନ୍ଦର ପିଚାଇ, ସତ୍ୟ ନଡେଲାଙ୍କ ଭଳି ପ୍ରତିଭା ଯଥାକ୍ରମେ ଗୁଗୁଲ୍ ଓ ମାଇକ୍ରୋସଫ୍ଟ ଭଳି ବିଶ୍ୱସ୍ତରୀୟ ପ୍ରତିଷ୍ଠିତ ତଥା ପ୍ରମୁଖ ଅଭିନବ ସଫ୍ଟୱୟାର କମ୍ପାନୀର ନେତୃତ୍ୱ ନେଉଛନ୍ତି। ଉନ୍ନତ ଦେଶର ଏକ ଅଭିନବ ପରିତନ୍ତ୍ର ସହିତ ସେମାନଙ୍କ ସଂପୃକ୍ତି ସଂପୃକ୍ତ ପ୍ରତିଭାଙ୍କର ଆଶା ଆକାଂକ୍ଷା ପୂରଣରେ ସହାୟକ ହୋଇଛି। ସେମାନଙ୍କ ସ୍ୱପ୍ନ ସଫଳ ହେବା ସହ ନିଜର ସାମର୍ଥ୍ୟ ବିକାଶରେ ଏହା ସହାୟତା ଯୋଗାଇଛି।

ଭାରତର ଲୋକ ସଂଖ୍ୟା ୧୩୦କୋଟିରୁ ଅଧିକ। ଏଠାରେ ସ୍କୁଲ ସଂଖ୍ୟା ୧୪ ଲକ୍ଷରୁ ବେଶୀ। ଭାରତରେ ଇଞ୍ଜିନିୟରିଂ ଓ ସେହିଭଳି ବୈଷୟିକ ଶିକ୍ଷାନୁଷ୍ଠାନ ସଂଖ୍ୟା ୧୦୫୦୦ରୁ ଅଧିକ। ପ୍ରତିବର୍ଷ ଭାରତରେ ୧୫କୋଟିରୁ ଅଧିକ ଯୁବକଯୁବତୀ ଶ୍ରମ ବଜାରରେ ସାମିଲ ହୋଇଥାନ୍ତି। ଏହି ଯୁବଶକ୍ତିକୁ ନିଜର ରୁଚି ଓ ଦକ୍ଷତାର ଉପଯୁକ୍ତ ବିନିଯୋଗ ପାଇଁ ଆବଶ୍ୟକ ପରିବେଶ ଓ ଅଭିନବ ପରିତନ୍ତ୍ର ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସେଥିପାଇଁ ଉଦ୍ୟମିତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।




ଏହି ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ଏକ କୌଶଳାତ୍ମକ ଜାତୀୟ ଧ୍ୱଜାଧାରୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଯାହା ଅଟଳ ଇନୋଭେସନ ମିଶନ (ଏଆଇଏମ୍) ଭାବେ ପରିଚିତ। 'ନୀତି' ଆୟୋଗ ଆନୁକୂଲ୍ୟରେ ଏହା କାର୍ଯ୍ୟକାରୀ ହେଉଛି।

ସମଗ୍ର ଦେଶର କୋଣ ଅନୁକୋଣରେ ଏକ ବିଶ୍ୱସ୍ତରୀୟ ଅଭିନବ ତଥା ଔଦ୍ୟୋଗିକ ପରିବେଶ ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହା ମାଧ୍ୟମରେ ନିଯୁକ୍ତି ପ୍ରତ୍ୟାଶୀଙ୍କୁ ଭବିଷ୍ୟତର ନିଯୁକ୍ତିଦାତା ଭାବେ ଗଢ଼ିତୋଳିବାର ଲକ୍ଷ୍ୟ ରଖାଯାଇଛି।

**ସାମଗ୍ରିକ ଢାଞ୍ଚା:**

ଅଟଳ ଇନୋଭେସନ ମିଶନ ତାହାର ଲକ୍ଷ୍ୟ ହାସଲ ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଛି। ସ୍କୁଲ ସ୍ତରରେ ଏକ ଅଭିନବ, ସମସ୍ୟା ସମାଧାନ ଭିତ୍ତିକ ମନୋଭାବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରିବାର ଏକ ବିଶେଷ ଆବଶ୍ୟକତା ରହିଛି। ଏହି ପିଲାମାନେ ଆମ ଦେଶର ଭବିଷ୍ୟତ ନାଗରିକ ହୋଇଥିବାରୁ ସ୍କୁଲଶିକ୍ଷା ସ୍ତରରୁ ଆମକୁ ହଜାର ହଜାର ଉଦ୍‌ଯୋଗୀ, ଅଭିନବତା ସମ୍ପନ୍ନ ପ୍ରତିଭାଙ୍କୁ ବାହାର କରିବାକୁ ପଡ଼ିବ।

ଘରୋଇ ଓ ସରକାରୀ ପ୍ରୟାସରେ ବିଶ୍ୱବିଦ୍ୟାଳୟ ଓ ଉଦ୍ୟୋଗସ୍ତରରେ ଏବେ ଷ୍ଟାର୍ଟଅପ୍ ପ୍ରତିଷ୍ଠା ଉଦ୍ୟମ

ଉତ୍ସାହଜନକ ଭାବେ ବୃଦ୍ଧିପାଉଛି । ତେବେ ଏସବୁ ଷ୍ଟାର୍ଟଅପ୍‌କୁ ସଫଳ କରିବା ପାଇଁ ବିଶ୍ୱସ୍ତରୀୟ ଇନ୍‌କ୍ୟୁବେଟରର ଆବଶ୍ୟକତା ରହିଛି । ସେମାନଙ୍କ ଦିଗ୍‌ଦର୍ଶନ ଓ ସହାୟତା ଏକାନ୍ତ ଅପରିହାର୍ଯ୍ୟ । ଷ୍ଟାର୍ଟଅପ୍ ଉଧେଇବା ପାଇଁ ଟେକ୍‌ନୋଲୋଜିକାଲ ଲ୍ୟାବ୍, ଗବେଷଣାଗାର, ମେଣ୍ଟରିଂ ନେଟ୍‌ୱାର୍କ, ଭେଞ୍ଚର କ୍ୟାପିଟାଲ, ଅର୍ଥ ଓ ହାୟାରିଂ ନେଟ୍‌ୱାର୍କ ଆଦିର ଆବଶ୍ୟକତା ରହିଛି । ଏସବୁ ସହାୟତା କେବଳ ଇନ୍‌କ୍ୟୁବେଟର ଯୋଗାଇପାରିବ । ଦେଶରେ ୧୦୦ରୁ ଅଧିକ ସ୍ମାର୍ଟସିଟି ପ୍ରତିଷ୍ଠା ହେବାକୁ ଯାଉଥିବାରୁ ସେଥିରେ ବିଶ୍ୱସ୍ତରୀୟ ଇନ୍‌କ୍ୟୁବେଟର ପ୍ରତିଷ୍ଠାକୁ ନିଶ୍ଚିତ କରିବାକୁ ହେବ ।

**ପ୍ରବୃତ୍ତିଗତ ପରିବର୍ତ୍ତନ:**

ସର୍ବଶେଷରେ ଏ କ୍ଷେତ୍ରରେ ଦୃଷ୍ଟିକୋଣ ବା ପ୍ରବୃତ୍ତିରେ ପରିବର୍ତ୍ତନ ସବୁଠୁ ବଡ଼ କଥା । ଆମର ପ୍ରବୃତ୍ତିଗତ ସଂସ୍କୃତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । ଆମ ସଂସ୍କୃତିରେ ଆମେ କୌଣସି ବିପଜ୍ଜନକ (ରିସ୍କ) ପଦକ୍ଷେପ ବା ନିଷ୍ପତ୍ତି ନେବାକୁ କୁଣ୍ଠିତ ହୋଇଥାଉ । ଆମର ଏହି ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିଭଙ୍ଗୀକୁ ପ୍ରଥମେ ବଦଳାଇବାକୁ ହେବ । ଶିକ୍ଷା, ସଚେତନତା ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇପାରିବ ଏବଂ ଏହାକୁ ମାଧ୍ୟମ କରି ନୂଆ ସୁଯୋଗ ଓ ଔଦ୍ୟୋଗିକ ପ୍ରୟାସ ସୃଷ୍ଟି କରିବାକୁ ପଡ଼ିବ । ଆବଶ୍ୟକ କ୍ଷେତ୍ରରେ ଅଭିନବତାକୁ ପ୍ରୋତ୍ସାହିତ କରି ଏହାର ବ୍ୟାବସାୟିକ ଓ ସାମାଜିକ ଗୁରୁତ୍ୱ ବଢ଼ାଇବା ଆହ୍ୱାନମୂଳକ ହେଲେ ବି ଏହା ନିହାତି ଜରୁରୀ ଓ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଏହା ଫଳରେ ବିପଜ୍ଜନକ ନିଷ୍ପତ୍ତି ନେବାର ଭୟ କମିବ ଓ ଔଦ୍ୟୋଗିକ ଭାବନା ଯୁବସମାଜ ମଧ୍ୟରେ ବୃଦ୍ଧି ପାଇବ ।

**ଅଟଳ ଟିଙ୍କରିଂ ଲ୍ୟାବ୍:**

ଟିଙ୍କରିଂ ଶବ୍ଦଟି ମୋଟର ଗ୍ୟାରେଜରେ ବହୁଳ ପ୍ରଚଳିତ ଏକ ଶବ୍ଦ । ଗ୍ୟାରେଜରେ ଗାଡ଼ି ମରାମତି ଓ ଅନ୍ୟାନ୍ୟ ମୋଟରଗାଡ଼ି କାମ ପାଇଁ ବିଭିନ୍ନ ପ୍ରକାର ଯନ୍ତ୍ରପାତି ଥାଏ । ସେସବୁର ବ୍ୟବହାରକୁ ଟିଙ୍କରିଂ କୁହାଯାଏ । ଗୋଟିଏ ଗ୍ୟାରେଜ୍‌ର ପରିବେଶ ଜଣକୁ



ସେ ପଢ଼ିଥିବା ପାଠ ବା ପୋଥିବିଦ୍ୟାର ରୂପାୟଣ ପାଇଁ ସୁଯୋଗ ଦେଇଥାଏ । ଯନ୍ତ୍ରପାତିର ବ୍ୟବହାର ଶିଖିବା ଟିଙ୍କରିଂର ଏକ ଅଂଶ । ଏହା କେବଳ ବାସ୍ତବ ଜ୍ଞାନ ଆହରଣର ସୁଯୋଗ ଦେଇ ନ ଥାଏ, ଏହା ମଧ୍ୟ ନୂଆ କିଛି କରିବାର ସୁଯୋଗ ଆଣେ ।

ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ବିଜ୍ଞାନର ଅନ୍ୟାନ୍ୟ ବିଭାଗରେ ଶ୍ରେଣୀ ଗୃହରେ ପିଲାଏ ଯାହା ପଢ଼ନ୍ତି ତାହାର ବାସ୍ତବ ଉପଯୋଗ ଘେନି ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି ହୁଏ । ତେଣୁ ଶ୍ରେଣୀ ଗୃହ ଭିତ୍ତିକ ଜ୍ଞାନକୁ ବାସ୍ତବାୟନ କରିବାର ଯେଉଁ ଆବଶ୍ୟକତା ରହିଛି ତାହା ହିଁ ଅଟଳ ଇନୋଭେସନ ମିଶନର ଲକ୍ଷ୍ୟ ।

ସେଥିପାଇଁ ଯନ୍ତ୍ରପାତି ଓ ପ୍ରଯୁକ୍ତି (ଟୁଲ୍‌ସ ଆଣ୍ଡ ଟେକ୍‌ନୋଲୋଜି)ର ଉପଯୋଗ ପିଲାଙ୍କ ପରିକଳ୍ପନା, ଚିନ୍ତାଧାରାକୁ ରୂପାୟିତ କରିବାରେ ସହାୟକ ହୋଇଥାଏ । ସେମାନେ ଶ୍ରେଣୀ ଗୃହର ବିଦ୍ୟା ବୁଦ୍ଧିକୁ ବାସ୍ତବତାର ରୂପ ଦେବାକୁ ଶିଖନ୍ତି, ନୂଆ ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ପାଇଥାନ୍ତି । ସେମାନେ ସମସ୍ୟା ସମାଧାନର ବାସ୍ତବ କୌଶଳ ଶିଖିଥାନ୍ତି ଯାହା ଭବିଷ୍ୟତ ପାଇଁ ବିଶେଷ ସହାୟକ ହୋଇଥାଏ ।

**ପୃଥିବୀର ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ:**

ପୃଥିବୀର ପରିବର୍ତ୍ତନ ଆଶ୍ଚର୍ଯ୍ୟଜନକ ଗତିରେ ଘଟୁଛି ଯାହାକୁ ବିଶ୍ୱାସ କରିବା କଷ୍ଟ । ନୂଆନୂଆ ଟେକ୍‌ନୋଲୋଜି ଓ ବୈଜ୍ଞାନିକ ଉଦ୍‌ଭାବନ ପୃଥିବୀରେ ଆଶ୍ଚର୍ଯ୍ୟଜନକ ଅଭିନବ ପରିବର୍ତ୍ତନ ଆଣୁଛି । ପ୍ରତି ମୁହୂର୍ତ୍ତରେ ପୃଥିବୀ ଯେପରି ବଦଳି ଯାଉଥିବା ଭଳି ମନେହେଉଛି । ଇଲେକ୍‌ଟ୍ରୋନିକର କ୍ଷୁଦ୍ରକରଣ କୌଶଳ ଫଳରେ ବଡ଼ କମ୍ପ୍ୟୁଟର ଏବେ କ୍ଷୁଦ୍ରାତିକ୍ଷୁଦ୍ର ରୂପ ନେଇ ଆମ ପକେଟ ଭିତରେ ରହୁଛି । ଖୁବ୍ କମ୍ ଖର୍ଚ୍ଚରେ ଏବେ କମ୍ପ୍ୟୁଟିଙ୍ଗ, ଷ୍ଟୋରେଜ୍ ଓ ଯୋଗାଯୋଗ (କମ୍ୟୁନିକେଶନ) ବ୍ୟବସ୍ଥାର ସମ୍ମିଶ୍ରଣ (କନ୍‌ଭରଜେନ୍ସ) ହୋଇପାରିଛି । ଆଇଫୋନ୍ ଏ କ୍ଷେତ୍ରରେ ବୈପ୍ଳବିକ ଭୂମିକା ନେଇଛି ଏବଂ ଏହା ଏକ ଅଭିନବ ଉଦ୍ଭାବନ । ରୋବୋଟିକ୍ସ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉତ୍ତରପିଢ଼ିର ଉତ୍ପାଦକତା ଓ ଅଟୋମେସନକୁ ପରିଚାଳିତ କରିବାକୁ ଯାଉଛି । ଥ୍ରୀଡି ପ୍ରିଣ୍ଟର କନ୍‌ସେପ୍ଟ, ଡିଜାଇନ୍, ପ୍ରୋଟୋଟାଇପିଙ୍ଗ ଓ ମାନୁଫାକ୍‌ଚରିଂକୁ ବାସ୍ତବ ରୂପ ଦେବାକୁ ଅଗ୍ରସର । ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ ବା ଆଇଓଟି ମଣିଷ, ମେସିନ୍, ଡିଭାଇସ୍, ମୋବାଇଲ, ସାଟେଲାଇଟ ଟେକ୍‌ନୋଲୋଜି ସହ ସେନ୍ସର ଟେକ୍‌ନୋଲୋଜିକୁ ଯୋଡ଼ି ପ୍ରତ୍ୟେକ ଶିଳ୍ପରେ ନୂଆ ଦିଗନ୍ତ ସୃଷ୍ଟି କରିଛି । ଫଳରେ କୃଷି, ଜଳ ବିଶୋଧନ, ଜଳ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ନିୟନ୍ତ୍ରଣ, ପ୍ରାକୃତିକ ଦୁର୍ବିପାକର ପ୍ରାକ୍ ସୂଚନା ସଂଗ୍ରହ ତଥା ତାହାର ମୁକାବିଲା ଆଦି କ୍ଷେତ୍ରରେ ସୁଫଳ ମିଳିବାକୁ ଯାଉଛି । ଏହା ମଧ୍ୟ ଚାଳକ ବିହୀନ କାର, ଅଗ୍ରଗାମୀ ପରିବହନ ବ୍ୟବସ୍ଥା କ୍ଷେତ୍ରରେ ଏକ ନୂଆ ବିପ୍ଳବ

ଆଣିବାକୁ ଯାଉଛି। ବିଗ୍ ଡାଟା ଆଣ୍ଡ୍ ଆନାଲିଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ଜଟିଳ ଡାଟା ପ୍ରସେସିଂ ଓ ନିଷ୍ପତ୍ତି ଗ୍ରହଣ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ବାହାରିଲାଣି।

**ନୂଆ ଶସ୍ତା ଟୁଲ୍‌ସ:**

ଏସବୁ ନୂତନ ଟୁଲ୍ସ ଓ ଟେକ୍‌ନୋଲୋଜି ଏବେ ଶସ୍ତାରେ ଉପଲବ୍ଧ ହେଉଛି। ସ୍କୁଲ କଲେଜରେ ନୂଆ ଟେକ୍‌ନୋଲୋଜି ଉପଲବ୍ଧ ନ'ହେଲେ ଆମ ପିଲାଏ ତାହାର ବ୍ୟବହାର ଓ ଉପଯୋଗ (ଟିଙ୍କରିଂ) ସମ୍ପର୍କରେ କିଛି ଶିଖିପାରିବେ ନାହିଁ। ତେଣୁ ପିଲାଏ ଏସବୁ ସହିତ ପରିଚିତ ହେବା ସହ ତାହାର ବ୍ୟବହାର ଓ କାର୍ଯ୍ୟ ଜାଣିଲେ ଏହା ସାହାଯ୍ୟରେ ନିଜର ପରିକଳ୍ପନା ଅନୁସାରେ ନୂଆ କିଛି କରିପାରିବେ।

**୫୪୪୧+ର ଉପଯୋଗ:**

ଅଟଳ ଇନୋଭେସନ ମିଶନ ଜରିଆରେ ଇତିମଧ୍ୟରେ ଦେଶର ୭୧୫ଟି ଜିଲାରେ ୫୪୪୧+ ଟିଙ୍କରିଂ ଲ୍ୟାବ୍‌ର ସୁବିଧାସୁଯୋଗ ଯୋଗାଇ ଦିଆଯାଇଛି। ଉଭୟ ସରକାରୀ ଓ ବେସରକାରୀ ସ୍କୁଲରେ ୨୦୧୯ ଆର୍ଥିକ ବର୍ଷରୁ ଏହି ଲ୍ୟାବ୍ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଯେଉଁଠି ଇତିମଧ୍ୟରେ ଏହି ଲ୍ୟାବ୍ କାର୍ଯ୍ୟକ୍ଷମ ହେଲାଣି ସେଠାରେ ଏହାର ସୁଫଳ ମଧ୍ୟ ମିଳିଛି। ଏପରିକି ୧୦ମ ଶ୍ରେଣୀର ସରକାରୀ ସ୍କୁଲ ଛାତ୍ରୀମାନେ ସୋଲାର ପ୍ୟାନେଲ୍ ଆଇଓଟି ଡିଭାଇସ୍ ତିଆରି କରିବାରେ ସଫଳ ହୋଇଛନ୍ତି। ମୃତ୍ତିକା ସେନ୍‌ସର ମାଧ୍ୟମରେ ସେମାନେ ଜଳ ସଂରକ୍ଷଣ ଓ ଜଳସେଚନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଅଭିନବ ପନ୍ଥା ବାହାର କରିପାରିଛନ୍ତି। ଆଉଜଣେ ଛାତ୍ରୀ ମଧ୍ୟ ଏହି ଟିଙ୍କରିଂ ଲ୍ୟାବ୍ ବ୍ୟବହାର କରି ଏକ ରୋବୋଟିକ ସିଷ୍ଟମର ଡିଜାଇନ୍ ପ୍ରସ୍ତୁତ କରିଛନ୍ତି ଯାହା ଆବର୍ଜନା ପୃଥକୀକରଣ ଓ ପରିଚାଳନା କ୍ଷେତ୍ରରେ ଏକ ନୂଆ ସମାଧାନ ସୂତ୍ର ଆଣିଛି। ଏଥିପାଇଁ ଏହି ଛାତ୍ରୀଜଣକ ବିଶ୍ୱ ରୋବୋଟିକ୍ସ ଅଲିମ୍ପିୟାଡ ପ୍ରତିଯୋଗିତାରେ ବିଜୟିନୀ ହୋଇଛନ୍ତି।

**ଅଟଳ ଇନ୍‌କ୍ୟୁବେଟରସ୍:**

ଅଟଳ ଇନ୍‌କ୍ୟୁବେଟରସ୍ ପ୍ରୟାସର ଲକ୍ଷ୍ୟ ହେଲା ଦେଶରେ ଷ୍ଟାର୍ଟଅପ୍ ସଂଖ୍ୟା ବୃଦ୍ଧି ପାଇଁ ବିଶ୍ୱସ୍ତରୀୟ ଇନ୍‌କ୍ୟୁବେଟର୍ସ ସହାୟତା ଯୋଗାଇବା। ଏହି ଯୋଜନାରେ ଏପର୍ଯ୍ୟନ୍ତ ୧୦୧ ଇନ୍‌କ୍ୟୁବେଟର୍ସ ପ୍ରତିଷ୍ଠା କରାଯାଇଛି ଏବଂ ୨୦୧୯ ଶେଷ ସୁଦ୍ଧା ଏ ସମସ୍ତ କାର୍ଯ୍ୟକ୍ଷମ ହେବ। ଟେକ୍‌ନୋଲୋଜି ଲ୍ୟାବ୍, ହାୟାରିଂ, ଟ୍ରେନିଂ, ମେଣ୍ଟରିଂ, ଅର୍ଥ ଯୋଗାଣ, ଭେଞ୍ଚର କ୍ୟାପିଟାଲ ନେଟ୍‌ୱାର୍କ ଓ କର୍ପୋରେଟ ନେଟ୍‌ୱାର୍କ ଆଦି କ୍ଷେତ୍ରରେ ଆବଶ୍ୟକ ପରିବେଶ ସୃଷ୍ଟି କରିବା ଦିଗରେ ଏହି ଇନ୍‌କ୍ୟୁବେଟରମାନ କାମ କରୁଛି।

ଏହାର ଦୀର୍ଘମିଆଦି ଲକ୍ଷ୍ୟ ହେଲା ଦେଶର ପ୍ରତ୍ୟେକ ରାଜ୍ୟର ଶ୍ରେଷ୍ଠ ୧୦ଟି ଶୈକ୍ଷିକ ଓ ଯାନ୍ତ୍ରିକ ପ୍ରତିଷ୍ଠାନରେ ବିଶ୍ୱସ୍ତରୀୟ ଇନ୍‌କ୍ୟୁବେଟର୍ସ ପ୍ରତିଷ୍ଠା କରିବା। ଏହାଛଡ଼ା ଦେଶରେ ଯେଉଁ ଶତାଧିକ ସ୍ମାର୍ଟ ସିଟି ତିଆରି ହେଉଛି ସେସବୁଥିରେ ଅନୁରୂପ ବ୍ୟବସ୍ଥା ଯୋଗାଇଦେବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି।

**ଅଟଳ ମିଶନର ଆହ୍ୱାନ:**

ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବଂ ଏଥିରେ ୧୦୦କୋଟିରୁ ଊର୍ଦ୍ଧ୍ୱ ଲୋକ ସଂପୃକ୍ତ। ଭାରତର ବିଭିନ୍ନ ରାଜ୍ୟର ଆର୍ଥିକ ଓ ସାମାଜିକ ସମସ୍ୟା ଭିନ୍ନଭିନ୍ନ ଏବଂ ସେସବୁର ସମାଧାନ ପାଇଁ ସଂପୃକ୍ତ ରାଜ୍ୟ ସରକାର ମଧ୍ୟ ଉଦ୍ୟମରତ। ଏହିସବୁ ସମସ୍ୟାର ସମାଧାନ ଟେକ୍‌ନୋଲୋଜି ମାଧ୍ୟମରେ କିପରି ହୋଇପାରିବ ସେଥିପାଇଁ ନୂଆ ଉଦ୍ଭାବନ ଓ କୌଶଳର ଆବଶ୍ୟକତା ରହିଛି। ସେ ଦୃଷ୍ଟିରୁ ଅଟଳ ଇନୋଭେସନ ମିଶନର କାର୍ଯ୍ୟ ପରିସର ବ୍ୟାପକ ଏବଂ ଆହ୍ୱାନମୂଳକ। ଅତଏବ ଏହି ଲକ୍ଷ୍ୟ ହାସଲ ପାଇଁ ସ୍ଥାନୀୟ, ଆଞ୍ଚଳିକ ଓ ଜାତୀୟସ୍ତରରେ ଇନୋଭେସନକୁ ଗୁରୁତ୍ୱ ଦେବା ସହିତ ଏକ ଅନୁକୂଳ ପରିବେଶ ସୃଷ୍ଟିର ଆବଶ୍ୟକତା ରହିଛି। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଉଦ୍ୟୋଗସ୍ତରରେ



ଏଥିପାଇଁ ସମନ୍ୱୟ ଓ ସଂହତି ଜରୁରୀ।

ସ୍କୁଲ, କଲେଜ ଓ ଉଦ୍ୟୋଗ ସ୍ତରରେ ଏହି ମିଶନ ମାଧ୍ୟମରେ ବିଭିନ୍ନ ଆହ୍ୱାନର ସମାଧାନ ପାଇଁ ଉଦ୍ୟମ ଅବ୍ୟାହତ ରହିଥିବାବେଳେ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଏହାର ସୁଫଳ କିପରି ମିଳିବ ସେଥିପାଇଁ କାର୍ଯ୍ୟ ଚାଲିଛି। ଏଥିପାଇଁ ଜାତୀୟ ସ୍ତରରେ ଅଭିନବତା ଓ ଗବେଷଣା ଚାଲିଛି। ସମଗ୍ର ଦେଶରେ ୨୪ଟି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ଅଟଳ ଇନୋଭେଟିଭ୍ ମିଶନରେ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ପାନୀୟଜଳ ଓ ପରିଚ୍ଛନ୍ନତା, ସହରାଞ୍ଚଳ ଆବାସ ଓ ବିକାଶ, ପାଣିପାଗ ଅନୁକୂଳ କୃଷି, ରେଳ ନିରାପତ୍ତା ଓ ପରିବହନ। ଏହି ପାଞ୍ଚଟି କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟାର ଆଶୁ ସମାଧାନ କ୍ଷେତ୍ରରେ ଅଟଳ ଇନୋଭେସନ୍ ଯୋଜନା ବିଶେଷ ସହାୟକ ହେବ ବୋଲି ଆଶା କରାଯାଏ। ନିକଟରେ ଶେଷ ହୋଇଥିବା ଅଟଳ ଟିଙ୍କରିଂ ମାରାଥନ୍‌ରେ ୩୫,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗନେଇଥିଲେ। ଏଥିରେ ୬୦୦୦ରୁ ଅଧିକ ଅଭିନବ ପ୍ରକଳ୍ପ ପାଞ୍ଚଟି କ୍ଷେତ୍ରରେ ବିକଶିତ ହୋଇଥିଲା। ସେଥିରୁ ସୁନିର୍ବାଚିତ ୧୦୦ଟି ଇନୋଭେସନକୁ ପ୍ରକଳ୍ପରେ ରୂପାନ୍ତରିତ କରିବା ପାଇଁ ପଠାଯାଇଛି।

**ସହଯୋଗ ହିଁ ଗୁରୁତ୍ୱପୂର୍ଣ୍ଣ:**

ଅଟଳ ଇନୋଭେସନ ଯୋଜନାରେ ଯେଉଁସବୁ ପ୍ରୟାସ ଆରମ୍ଭ ହୋଇଛି ତାହର ସଫଳ ରୂପାୟନ କ୍ଷେତ୍ରରେ ଉଦ୍ୟୋଗଜଗତ, ବ୍ୟକ୍ତିଗତ ପ୍ରଶିକ୍ଷକ, ଦିଗ୍‌ଦର୍ଶକ, ବିଶେଷଜ୍ଞ ଓ ପେସାଦାରଙ୍କ ମଧ୍ୟରେ ସହଯୋଗ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ସମାଜ ଏହି ବିଶେଷଜ୍ଞମାନଙ୍କଠାରୁ ବହୁତ କିଛି ଆଶା କରେ। କର୍ପୋରେଟ ଜଗତ ଓ କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗ ଅଟଳ ମିଶନ ଯୋଜନାକୁ ପୋଷ୍ୟଭାବେ ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ନୂଆ ବିଚାର, ନୂଆ ଉଦ୍‌ଭାବନ, ପ୍ରୋଟୋ ଟାଇପିଙ୍ଗ ଆଦିକୁ ପ୍ରୋତ୍ସାହିତ କଲେ ଏ କ୍ଷେତ୍ରରେ ବିଶେଷ ପ୍ରଗତି



ହାସଲ କରାଯାଇପାରିବ। ଏ କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗ ଓ ଅଂଶୀଦାରୀ ମଧ୍ୟ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ହେବ। ଏହା ମାଧ୍ୟମରେ ନୂଆ ବିଚାର, ଜ୍ଞାନକୌଶଳ ଓ ସଫଳତାର ସୂତ୍ର ସହଜରେ ଆଦାନପ୍ରଦାନ କରିହେବ। ଏସବୁ କ୍ଷେତ୍ରରେ ନିଃସ୍ୱାର୍ଥପର କାର୍ଯ୍ୟ ଓ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ଏହା ନ ରହିଲେ ଏହି ଅଭିଯାନ ସଫଳ ହୋଇପାରିବ ନାହିଁ।

ଏସବୁକୁ ନଜରରେ ରଖି ଅଟଳ ଇନୋଭେଟିଭ ମିଶନ ପକ୍ଷରୁ ମେଣ୍ଟରର୍ସ ଅଫ୍ ଚେଞ୍ଜ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସାରା ଦେଶରେ ମେଣ୍ଟର ଇଣ୍ଡିଆ ନେଟୱାର୍କ ମାଧ୍ୟମରେ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ ହେଉଛି। ବିଦେଶକୁ ମଧ୍ୟ ଏହି ସେବା ସଂପ୍ରସାରିତ କରାଯାଉଛି। ଏଥିରେ ୧୦ହଜାରରୁ ଅଧିକ ମେଣ୍ଟର ପଞ୍ଜୀକୃତ ହୋଇଛନ୍ତି। ଅନେକ ଉଦ୍ୟୋଗ ମଧ୍ୟ ଅଟଳ ଟିଙ୍କରିଂ ଲ୍ୟାବକୁ ବିଭିନ୍ନ ଭାବେ ପ୍ରୋତ୍ସାହିତ କରୁଛନ୍ତି।

**ଦୀର୍ଘମିଆଦୀ ଲକ୍ଷ୍ୟ:**

ଅଟଳ ଇନୋଭେସନ ମିଶନ କେତେକ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ହାତକୁ ନେଇଛି। ସେଥିମଧ୍ୟରୁ ଜାତୀୟସ୍ତରରେ କ୍ଷୁଦ୍ର ବ୍ୟବସାୟ ଅଭିନବ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ ଅନ୍ୟତମ। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଅଭିନବତା ଆଣିବା ପାଇଁ ଏହା ଉଦ୍ଦିଷ୍ଟ। ଏହାଛଡ଼ା 'ଏମ୍ ଷ୍ଟିୟର' କାର୍ଯ୍ୟକ୍ରମ ମାଧ୍ୟମରେ ଅଟଳ ଇନୋଭେସନ ମିଶନ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଉଦ୍ୟୋଗ ଜଗତ ସହ ଗବେଷଣା ତଥା ସହଯୋଗ ପାଇଁ ପ୍ରୟାସ କରୁଛି। ଏହା ଔଦ୍ୟୋଗିକ ବିଜ୍ଞାନ ଗବେଷଣା ପରିଷଦ (ସିଏସ୍ଆଇଆର), ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଓ ମେଡିକାଲ କାଉନସିଲ (ଆଇସିଏମ୍ଆର) ତାଙ୍କରେ କାମ କରିବ। ଏହାଫଳରେ ଜାତୀୟ ସାମାଜିକ-ଆର୍ଥିକ ଆବଶ୍ୟକତାକୁ ପୂରଣ କରାଯାଇପାରିବ।

ଗତ ଶତାବ୍ଦୀରେ ବିଶ୍ୱରେ ଯେଉଁ ଶିଳ୍ପ ବିପ୍ଳବ ଘଟିଥିଲା ଭାରତ ସେଥିରେ ପଛରେ ପଡ଼ିଯାଇଥିଲା। ତେବେ ସଂପ୍ରତି ବିଶ୍ୱରେ ଯେଉଁ ଜ୍ଞାନଭିତ୍ତିକ ବିପ୍ଳବ ଚାଲିଛି ସେଥିରେ ଭାରତର ଅବଦାନ ଭଲ ରହିଛି ଓ ଦେଶ ଆଗରେ ଅଛି। ସେ ଦୃଷ୍ଟିରୁ ଅଟଳ ଇନୋଭେସନ ମିଶନର ଗୁରୁତ୍ୱ ରହିଛି ଏବଂ ଏହାକୁ ସମସ୍ତେ ସାଦରେ ଗ୍ରହଣ କରିବେ। ଆମ ଦେଶର ପିଲାଏ ଓ ଯୁବବର୍ଗ ଏହି ସୁଯୋଗ ଲାଭ କରିବା ଆବଶ୍ୟକ। ଆମେ ସମସ୍ତେ ମିଳିତ ଭାବେ ଏହାକୁ ସଫଳ କରିବା ଆବଶ୍ୟକ।

**ଲେଖକ ହେଉଛନ୍ତି ନୀତି ଆୟୋଗର ଅତିରିକ୍ତ ସଚିବ ଓ ଅଟଳ ଇନୋଭେସନ ମିଶନର ନିର୍ଦ୍ଦେଶକ।**
**Email id- r.ramanan@gov.in**

ଫୋକସ୍

# ଅଭିନବତା ମାଧ୍ୟମରେ ସାଧାରଣ ସେବା ପ୍ରଦାନ ବ୍ୟବସ୍ଥା ପରିଚାଳନାରେ ଉନ୍ନତି

ସି. ଅଚଳେନ୍ଦ୍ର ରେଡ୍ଡୀ, ଅଭିକ ଚକ୍ରବର୍ତ୍ତୀ

ସାରା ବିଶ୍ୱର ସରକାରୀ ସଂସ୍ଥାମାନ ନିଜନିଜର ପରିଚାଳନା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ନିରନ୍ତର ନୂଆ ଅଭିନବ ପ୍ରଣାଳୀ ବାହାର କରିବାକୁ ଚେଷ୍ଟିତ। ଏହି କାମରେ ଯେଉଁମାନେ ନୂଆ କିଛି କରୁଛନ୍ତି ସେମାନଙ୍କୁ ମଧ୍ୟ ଉତ୍ସାହିତ, ପୁରସ୍କୃତ କରାଯାଉଛି। ସରଳ ଭାଷାରେ କହିଲେ ସରକାରୀ ବା ରାଷ୍ଟ୍ରାୟତ୍ତ ଅଭିନବତା ଓ ଉଦ୍ଭାବନ ବାସ୍ତବବାଦୀ ଯୋଜନାର ବିକାଶ ଓ ରୂପାୟଣ ଉପରେ ଗୁରୁତ୍ୱ ଦିଏ ଯାହା ଜନକଲ୍ୟାଣ ପାଇଁ ଉଦ୍ଦିଷ୍ଟ। ଏଥିପାଇଁ ଯେଉଁ ନୂଆ ପରିକଳ୍ପନା ବା ଆଇଡିଆ ଆସେ ତାହାକୁ କେବଳ ପରିକଳ୍ପନାସ୍ତରରେ ସୀମିତ ନ ରଖି କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି। ଏହି ପରିକଳ୍ପନା ବାସ୍ତବବାଦୀ ଓ ଉପଯୋଗୀ ହେବା ଉଚିତ।

ଅଭିନବତା ବା ଉଦ୍ଭାବନ ଦୁଇ ପ୍ରକାରର। ଗୋଟିଏ ବୈଚାରିକ ଓ ଅନ୍ୟଟି ଅବଧାରଣାତ୍ମକ। ଅତଏବ ସରକାରୀ ଅଭିନବତା (ଇନୋଭେସନ) କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିବିଶେଷ ଉଭୟ ସେବା ଯୋଗାଉଥିବା ଏବଂ ସେବା ପାଉଥିବା ଉଭୟ ପକ୍ଷଙ୍କ କଥା ଶୁଣି ସେମାନଙ୍କ ସହ ଆଲୋଚନା କରିବାର ଆବଶ୍ୟକତା ରହିଛି। ଏହା ଫଳରେ ନୂଆ ବ୍ୟବସ୍ଥାଟି ଅଧିକ ଫଳପ୍ରଦ ହୋଇପାରିବ ଏବଂ ଲୋକେ ଏହାକୁ ବେଶୀ ଗ୍ରହଣ କରିବେ।

**ଅଭିନବତାର ସଂଜ୍ଞା:**

ଅଭିନବତା ବା ନୂଆ କିଛି କରିବାକୁ ଇଂରାଜୀରେ ଇନୋଭେସନ କୁହାଯାଉଛି। ଏହା ଏକ ପ୍ରକାର ଉଦ୍ଭାବନ ଯାହା ମଣିଷର ସମସ୍ୟା ଦୂର କରିବାରେ ବିଶେଷ ସହାୟକ ହୋଇଥାଏ। ଏହା ମାଧ୍ୟମରେ ସରକାରୀ ବ୍ୟବସ୍ଥାରେ ପରିଚାଳନାଗତ ଓ ସେବାଯୋଗାଣ ଦକ୍ଷତା ବୃଦ୍ଧି ସହ ଲୋକଙ୍କ ଉପକାର ହୋଇଥାଏ। ସରକାରୀ ବ୍ୟବସ୍ଥାରେ ଇନୋଭେସନକୁ ଏକ ପ୍ରକ୍ରିୟା ବା ନୀତିଗତ ହସ୍ତକ୍ଷେପ ଭାବେ ବିଚାର କରାଯାଇପାରେ। ଏହା ମାଧ୍ୟମରେ ନିମ୍ନଲିଖିତ ଲକ୍ଷ୍ୟ ହାସଲ କରାଯାଇଥାଏ।

- ସରକାରୀ ସେବା ଯୋଗାଣରେ ଉନ୍ନତି ବିଧାନ
- ସରକାରୀ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଓ ନୀତିନିୟମର ସରଳୀକରଣ
- ନାଗରିକଙ୍କ ସନ୍ତୋଷ ବୃଦ୍ଧି
- ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଢ଼େ
- ସେବାଯୋଗାଣରେ ହେଉଥିବା ବିଳମ୍ବକୁ ହ୍ରାସ କରି ତ୍ୱରିତ ସେବା ପ୍ରଦାନ କରିହୁଏ
- ଦକ୍ଷତା ଓ ସେବାର ମାନକୁ ଅକ୍ଷୁର୍ଣ୍ଣ ରଖିବା ସହ ଲୋକଙ୍କୁ ଶସ୍ତାରେ ସେବା ଯୋଗାଣ ଏହାଦ୍ୱାରା ସମ୍ଭବ
- ଟେକ୍ନୋଲୋଜିର ଲାଭ ଉଠାଇବାରେ ଏହା ସହାୟକ ହୁଏ



**ଇନୋଭେସନ୍‌ର ପ୍ରକାରଭେଦ:**

ସରକାରୀ କ୍ଷେତ୍ରରେ ପ୍ରଚଳିତ ଇନୋଭେସନ ନିର୍ଦ୍ଦିଷ୍ଟ ବର୍ଗରେ ସୀମିତ ନୁହେଁ ଏବଂ ଏହା ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରସାରିତ। ତେବେ ଏହାକୁ ଭଲଭାବେ ବୁଝିବାକୁ ହେଲେ ଏହାର ପ୍ରକାରଭେଦକୁ ବୁଝିବାକୁ ପଡ଼ିବ। ସେ ବିଷୟରେ ତଳେ ଆଲୋଚନା କରାଯାଇଛି।

**- ସର୍ଭିସ ଇନୋଭେସନ :** ଏହା ନୂଆସେବା ଓ ଉତ୍ପାଦନକୁ ପ୍ରବର୍ତ୍ତନ କରିବାକୁ ଉଦ୍ଦିଷ୍ଟ ଯାହା ଚାଲୁଥିବା ସେବା ବା ଉତ୍ପାଦର ମାନଠାରୁ ଉନ୍ନତ।

ଭାରତ ଇଣ୍ଟରଫେସ୍ ଫର୍ ମନୀ (ଭିମ୍) : ଅର୍ଥ ଦେଣନେଣ ପାଇଁ ବାହାରିଥିବା ଏକ ନୂଆ ବ୍ୟବସ୍ଥା। ଜାତୀୟ ପେମେଣ୍ଟ କର୍ପୋରେସନ (ଏନ୍‌ପିସିଆଇ) ପକ୍ଷରୁ ଏଥିପାଇଁ ଏକ ମୋବାଇଲ ଆପ୍ଲିକେସନ ବିକଶିତ ହୋଇଛି ଯାହାଦ୍ୱାରା ବ୍ୟାଙ୍କ ମାଧ୍ୟମରେ ସିଧାସଳଖ ଇ-ପେମେଣ୍ଟ ହୋଇପାରୁଛି।

**- ସେବା ପ୍ରଦାନକାରୀ ଇନୋଭେସନ:** ନିର୍ଦ୍ଦିଷ୍ଟ ସରକାରୀ ସେବା ଲୋକଙ୍କୁ ଯୋଗାଇ ଦେବାର ଏକ ଉନ୍ନତ ମାଧ୍ୟମ। ଏଥିରେ ବ୍ୟବହାରକାରୀଙ୍କ ଆବଶ୍ୟକତାକୁ ଲକ୍ଷ୍ୟରେ ରଖି ସେମାନଙ୍କୁ ତ୍ରୁଟିଶୂନ୍ୟ ସେବା ପ୍ରଦାନ ସହ ନୂଆ ବ୍ୟବସ୍ଥା ବା ମାଧ୍ୟମ ସହ ସେମାନଙ୍କୁ ପରିଚିତ କରାଇବାର ପ୍ରୟାସ ନିହିତ ଥାଏ। ଏଥିପାଇଁ ବ୍ୟବହୃତ ମାଧ୍ୟମ ସହଜ ଓ ସରଳ।

**କମନ ସର୍ଭିସ୍ ସେଣ୍ଟର (ସିଏସ୍‌ସି) ଏ କ୍ଷେତ୍ରରେ ଏକ ପ୍ରକୃଷ୍ଟ ଉଦାହରଣ :** ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ସରକାରୀ ସେବା ଯୋଗାଇଦେବାର କେନ୍ଦ୍ର ସିଏସ୍‌ସି। ଏହା ମାଧ୍ୟମରେ ସାମାଜିକ କଲ୍ୟାଣ ଯୋଜନା, ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଆର୍ଥିକ ସେବା ମଧ୍ୟ ଯୋଗାଇ ଦିଆଯାଉଛି। ଦେଶର ଗ୍ରାମାଞ୍ଚଳ ଓ ଅଗମ୍ୟ ଇଲାକାରେ ମଧ୍ୟ ଲୋକଙ୍କୁ ମୌଳିକ ସେବା ଯୋଗାଣର ବ୍ୟବସ୍ଥା ହୋଇଛି ଯାହା ବିଜନେସ୍ ଟୁ ସିଟିଜେନ ବା B2C ନାମରେ ପରିଚିତ। ଏହା ଏକ ସର୍ବଭାରତୀୟ ନେଟ୍‌ୱାର୍କ ଯାହା ଦେଶର ଆଞ୍ଚଳିକ, ଭୌଗୋଳିକ, ଭାଷା ଭିତ୍ତିକ, ସାଂସ୍କୃତିକ ବିବିଧତାର ଆବଶ୍ୟକତା ପୂରଣ କରୁଛି। ସରକାର




ଏହା ମାଧ୍ୟମରେ ସମାଜକୁ ସାମାଜିକ, ଆର୍ଥିକ ଓ ଡିଜିଟାଲ ଦୃଷ୍ଟିରୁ ସମାବେଶୀ ବା ଇନ୍‌କ୍ଲୁସିଭ କରିବାରେ ସଫଳ ହେଉଛନ୍ତି।

**- ପ୍ରଶାସନିକ / ସାଂଗଠନିକ ଇନୋଭେସନ:** ଏହା ମାଧ୍ୟମରେ ଶାସନ, ସରକାରୀ ସ୍ତରରେ ଥିବା ସୋପାନ ବା ସ୍ତରଗତ ଢାଞ୍ଚା ଓ ଧରାବନ୍ଧା ସରକାରୀ ବ୍ୟବସ୍ଥାର ଅବସାନ ପାଇଁ ପ୍ରୟାସ କରାଯାଉଛି।

ଇଲେକଟ୍ରୋନିକ ନ୍ୟାସ୍‌ନାଲ ଏଗ୍ରିକଲ୍‌ଚରାଲ ମାର୍କେଟ (ଇ-ନାମ୍) ଏକ ସର୍ବଭାରତୀୟ ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥାର ବ୍ୟବସାୟ ପୋର୍ଟାଲ ଯାହା ୨୦୧୬ରେ ଆରମ୍ଭ ହୋଇଥିଲା। କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ଆର୍ଥିକ ସହାୟତାରେ ପ୍ରତିଷ୍ଠିତ ଏହି ନେଟ୍‌ୱାର୍କ କ୍ଷୁଦ୍ର ଚାଷୀ କୃଷି ବ୍ୟବସାୟ ସହଯୋଗ (ଏସ୍‌ଏଫ୍‌ଏସି) ଦ୍ୱାରା ପରିଚାଳିତ। ଏଥିରେ ଦେଶର ବିଭିନ୍ନ ଅଞ୍ଚଳର ମଣ୍ଡି ସମ୍ପୃକ୍ତ। ବିଭିନ୍ନ ମଣ୍ଡିରେ ନାନା ପ୍ରକାର କୃଷିଜାତ ସାମଗ୍ରୀର ମୂଲ୍ୟ ଏବଂ ଉପଲବ୍ଧତା ସମ୍ପର୍କରେ ଏହି ପୋର୍ଟାଲରୁ କୃଷି ବଜାର ସମ୍ପର୍କରେ ଚାଷୀ, ବ୍ୟବସାୟୀ ଆବଶ୍ୟକ ତଥ୍ୟ ସଂଗ୍ରହ କରିପାରୁଛନ୍ତି। ଏହା ମଧ୍ୟ ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କ ଆବଶ୍ୟକତା ପୂରଣ କରୁଛି।

**- ପଲିସୀ ଇନୋଭେସନ :** ପଲିସୀ ବା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଥିବା ପ୍ରଚଳିତ ସଂସ୍କୃତିକୁ ବଦଳାଇ ନୂଆ ବିଚାର, ପରିକଳ୍ପନା ଆଣି ତାହାକୁ କାର୍ଯ୍ୟକାରୀ କରିବା ଏହାର ଲକ୍ଷ୍ୟ। ନୂଆ ନୀତି ବା ବ୍ୟବସ୍ଥା ଯାହା ପ୍ରଚଳିତ ବ୍ୟବସ୍ଥାଠାରୁ ଅଧିକ ଦକ୍ଷ ଏବଂ ଲୋକାଭିମୁଖୀ ହୋଇପାରିବ ତାହାକୁ ଗ୍ରହଣ କରିବା ଏହାର ଉଦ୍ଦେଶ୍ୟ। ଏଥିପାଇଁ କାର୍ଯ୍ୟକରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ପ୍ରୋତ୍ସାହିତ କରିବାର ବ୍ୟବସ୍ଥା ଅଛି। ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଏହାକୁ ଅଗ୍ରାଧିକାର ଦେଇ କାର୍ଯ୍ୟକାରୀ କରୁଛନ୍ତି।

ଜାତୀୟ ଜୈବ ଇନ୍ଧନ ନୀତି ୨୦୧୮ ପ୍ରଥମେ ନୂଆ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୦୯ରେ ପ୍ରସ୍ତୁତ ହୋଇଥିଲା। ପରେ ଏହା ୨୦୧୭ରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନକୁ ଗଲା ଏବଂ ୨୦୧୮ରେ ଆରମ୍ଭ ହେଲା। ଏହି ନୀତି ଅନୁସାରେ ଜୈବ ଇନ୍ଧନର ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି ଏବଂ ଏଥିପାଇଁ ସରକାର ଆର୍ଥିକ ସହାୟତା ପ୍ରୋତ୍ସାହନ ଆକାରରେ ଯୋଗାଉଛନ୍ତି। ଜୈବ ଇନ୍ଧନର ବ୍ୟବହାର ବଢ଼ାଇ ତୈଳ ଆମଦାନୀ ହ୍ରାସ କରିବା ସରକାରଙ୍କ ଲକ୍ଷ୍ୟ। ଏହା ଦ୍ୱାରା ପରିବେଶ ସୁରକ୍ଷିତ ହେବା ସହ କର୍ମନିଯୁକ୍ତି ସୃଷ୍ଟିର ସୁଯୋଗ ରହିଛି। ଦେଶରେ ଜୈବ ଇନ୍ଧନ ନୀତିର ସଫଳ ରୂପାୟଣ ପାଇଁ ୧୨ଟି ମନ୍ତ୍ରଣାଳୟକୁ ଦାୟିତ୍ୱ ଦିଆଯାଇଛି।

**ପଦ୍ଧତିଗତ ଅଭିନବତା ବା ସିଷ୍ଟେମିକ୍ ଇନୋଭେସନ :** ଏହି ବ୍ୟବସ୍ଥାରେ ନାଗରିକଙ୍କ ସହ

ସଂପୃକ୍ତି ପାଇଁ ନୂଆ ଓ ଉନ୍ନତ ପନ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି । ଲୋକଙ୍କୁ ସେବା ନକ୍ସାଙ୍କନ ବା ସର୍ଭିସ ଡିଜାଇନ ମାଧ୍ୟମରେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯାଉଛି । ଫଳରେ ସମ୍ପୃକ୍ତ ସବୁ ପକ୍ଷଙ୍କ ପରାମର୍ଶ କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇ ତାହାର ରୂପାୟଣ ପ୍ରକ୍ରିୟା ସୁଗମ ହେଉଛି ।

ଇଣ୍ଡିଆ ଇନୋଭେସନ ଗ୍ରୋଥ୍ ପ୍ରୋଗ୍ରାମ ସରକାରୀ-ବେସରକାରୀ ସହଯୋଗରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଏବଂ ଲକ ହିଡ୍ ମାର୍ଟିନ କର୍ପୋରେସନଦ୍ୱାରା ଏହି ପ୍ରୟାସ ମାଧ୍ୟମରେ ପ୍ରମୁଖ ସାମାଜିକ ସମସ୍ୟାର ସମାଧାନ ପାଇଁ ସର୍ବସାଧାରଣରୁ ଅଭିନବ ପ୍ରସ୍ତାବ ସଂଗ୍ରହ କରିବାର ଉଦ୍ୟମ କରାଯାଉଛି ।

**ସରକାରୀ ବ୍ୟବସ୍ଥାରେ ଇନୋଭେସନକୁ ପ୍ରୋତ୍ସାହିତ କରିବାର ବାଟ :**

ସରକାରୀ ବ୍ୟବସ୍ଥାରେ ଇନୋଭେସନକୁ ପ୍ରୋତ୍ସାହିତ ଓ ପରିଚାଳିତ କରିବାର ବିଭିନ୍ନ ବାଟ ରହିଛି । ସେଥିପାଇଁ ପ୍ରଥମେ ସୁଯୋଗ ଓ ସମସ୍ୟାକୁ ଭଲଭାବେ ବୁଝିବାକୁ ପଡ଼ିବ । ଏଥିପାଇଁ ନିମ୍ନ ପ୍ରଦତ୍ତ ମାର୍ଗକୁ ଅନୁସରଣ କରିବାକୁ ହେବ ।

- ପ୍ରଥମେ କୌଣସି ସମସ୍ୟାକୁ ବିଚାରକୁ ନିଆଯାଉ, ଏ କ୍ଷେତ୍ରରେ ପୂର୍ବରୁ ହୋଇଥିବା ବିଫଳ ସମାଧାନ ପ୍ରୟାସକୁ ଅନୁଧ୍ୟାନ କରାଯାଉ । ସମସ୍ୟା ନେଇ ଉତ୍ଥାପିତ ଅଭିଯୋଗର ଅନୁଶୀଳନ ହେଉ । ତେବେ ଯାଇ ଏ କ୍ଷେତ୍ରରେ ଅଭିନବ ବୁଦ୍ଧି ବିଦ୍ୟା ଖଟାଇ ସମସ୍ୟା ସମାଧାନର ବାଟ ବାହାରି ପାରିବ ।
- ନୂଆ ଧାରା, ଗ୍ରାହକଙ୍କ ଚାହିଦା, ଡାଟା ଓ ଟେକ୍‌ନୋଲୋଜି ସମ୍ପର୍କରେ ଅବଗତ, ଅଭ୍ୟସ୍ତ ହେବା ସହ ଅନ୍ୟତ୍ର ଏ କ୍ଷେତ୍ରରେ ଯେଉଁ ସବୁ ଇନୋଭେସନ ଆସିଛି ତାକୁ ଦେଖିବାକୁ ପଡ଼ିବ ।
- ଲୋକେ କିପରି ଜୀବନଯାପନ କରୁଛନ୍ତି ତାହାକୁ ଭଲଭାବେ ବୁଝିବା ସହ ସେବା ଯୋଗାଣ ଦ୍ୱାରା ସେମାନଙ୍କ ସ୍ଥିତିରେ କିପ୍ରକାର ଉନ୍ନତି ହେବ ତାହା ବିଚାର କରିବାକୁ ପଡ଼ିବ ।
- ଏକ ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ ପାଇଁ ଲୋକେ କ'ଣ ଚାହାନ୍ତି ତାହାକୁ ଭଲଭାବେ ବୁଝି ଉପାୟ ବାହାର କରିବାକୁ ହେବ ।

**ଉପଯୋଗୀ ଓ ଦରକାରୀ ବିଚାର (ଆଇଡିଆ) ସୃଷ୍ଟି କରିବା ସହ ଅନ୍ୟ ସହ ଏହାକୁ ଭାଗୀଦାର କରିବା:**

ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ଜଳଯୋଗାଣ, ପରିମଳ, ସାଧାରଣ ବଣ୍ଟନ ବ୍ୟବସ୍ଥା ଭଳି ଅଗ୍ରାଧିକାର କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ଅଭିନବ ବିଚାର ସୃଷ୍ଟି କରିବା ସହ ତା ସହିତ ଅନ୍ୟମାନଙ୍କୁ ଭାଗୀଦାର କରିବାର ଆବଶ୍ୟକତା ରହିଛି । ଏଥିପାଇଁ ବିଭିନ୍ନ ପ୍ରକାରର ଡାଟା, ତଥ୍ୟାବଳୀ, ସୂଚନା, ଜ୍ଞାନକୌଶଳ ଓ ଜ୍ଞାନ ସଂଗ୍ରହ ପୂର୍ବକ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିବା ଆବଶ୍ୟକ । ଏ ସଂକ୍ରାନ୍ତ ଡାଟା, ଜ୍ଞାନ ଓ ସୂଚନାକୁ ବ୍ୟବହାର ଉପଯୋଗୀ କରି ତାହାକୁ ଅନ୍ୟକୁ ଦେବାର ବ୍ୟବସ୍ଥା କରାଯିବା ଉଚିତ । ଆବଶ୍ୟକ ପଡ଼ିଲେ ଏହି ତଥ୍ୟ ପ୍ରମାଣ ଭିତ୍ତିରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ବିଭିନ୍ନବର୍ଗର ବ୍ୟବହାରକାରୀଙ୍କ ନିକଟରେ ଏହି ତଥ୍ୟାବଳୀ ପହଞ୍ଚିବା ଭଲ; କାରଣ ସେମାନେ ଏହାର ଉପଯୋଗ କରିପାରିବେ ।

**ସମଭାବାପନ୍ନଙ୍କ ସହ ସହଯୋଗ:** ଇନୋଭେସନ କ୍ଷେତ୍ରରେ ସମଭାବାପନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ସଂସ୍ଥାଙ୍କ ସହ ସହଯୋଗ ଲାଭଦାୟକ ହୋଇଥାଏ । ନିଜ କାର୍ଯ୍ୟ ବା ଲକ୍ଷ୍ୟରେ କାହା ସହ ସହଭାଗୀ ହେବା ଉଚିତ ହେବ ତାହା ନିଜେ ଠିକ୍ କରିବା ଉଚିତ୍ । ଯେଉଁ ସଂପୃକ୍ତ ପକ୍ଷ ବହୁମୁଖୀ କାର୍ଯ୍ୟରେ ଲିପ୍ତ ସେମାନଙ୍କ ଭୂମିକାକୁ ଭଲଭାବେ ଅନୁଧ୍ୟାନ କରିବାକୁ ପଡ଼ିବ । ଦୀର୍ଘ ମିଆଦି ଇନୋଭେସନ ପ୍ରକ୍ରିୟାରେ ଅଂଶୀଦାର ହେବାକୁ ଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାଙ୍କ ଦାୟିତ୍ୱ, ଭୂମିକା ଭଲ ଭାବେ ବୁଝିନେବା ଉଚିତ । ସେହି ଅଂଶୀଦାର ବା






ସଂପୃକ୍ତ ପକ୍ଷଙ୍କୁ ଇନୋଭେସନ ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କ ଦକ୍ଷତା ବିକାଶ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଦାୟିତ୍ୱ ଭାବ ବଢ଼ିବା ସହ ଏକ ଉତ୍ତମ ସଂସ୍କୃତି ଓ ପ୍ରକଳ୍ପ ପ୍ରତି ମମତା ଭାବ ବଢ଼ିବ । ସର୍ବୋପରି ସାଧାରଣ କ୍ଷେତ୍ରରେ ଜ୍ଞାନର ଏକ ଭଣ୍ଡାର ସୃଷ୍ଟି କରିବାକୁ ହେବ ଯାହା ଆବଶ୍ୟକ ସ୍ଥଳେ ସୂଚନା ଓ ତଥ୍ୟ ଯୋଗାଇପାରିବ ।

**ଅଭିନବତାର ପ୍ରଲେଖନ (ଡକ୍ୟୁମେଣ୍ଟେସନ୍):** ଅଭିନବତା ବା ଇନୋଭେସନ କ୍ଷେତ୍ରରେ ଡକ୍ୟୁମେଣ୍ଟେସନ ବା ତଥ୍ୟାବଳୀର ପ୍ରଲେଖନ ବିଶେଷ ଗୁରୁତ୍ୱ ରଖେ । ଏହି ଡକ୍ୟୁମେଣ୍ଟେସନରେ ଇନୋଭେସନର ଶ୍ରେଣୀ ବିଭାଗ ଓ ପରିକଳ୍ପନା, ଏଥିରେ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ଓ ଦକ୍ଷତା, ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ ବ୍ୟବସ୍ଥା, ପ୍ରସେସ ଓ ଲିଙ୍କେଜ୍ ବ୍ୟବସ୍ଥା, ଅନୁସୃତ ନୀତିରେ ପରିବର୍ତ୍ତନ, ବ୍ୟବହାର ହେଉଥିବା ଜ୍ଞାନ ଆଦିକୁ ଲିପିବଦ୍ଧ କରି ରଖିବା ଉଚିତ ।

**ସମ୍ଭାବ୍ୟ ଆହ୍ୱାନ:** ଇନୋଭେସନର ଚିହ୍ନଟିକରଣ, ପ୍ରଲେଖନ ଓ ପ୍ରତିଲିପିକରଣ (ଆଇଡେଣ୍ଟିଫିକେସନ, ଡକ୍ୟୁମେଣ୍ଟେସନ ଓ ରେପ୍ଲିକେସନ) କ୍ଷେତ୍ରରେ କେତେକ ସମ୍ଭାବ୍ୟ ଆହ୍ୱାନ ରହିଛି । ସେଗୁଡ଼ିକ ହେଲା ପାଣ୍ଠି ବା ସମ୍ବଳ ଯୋଗାଡ଼, ବିଭାଗୀୟ ସାଇଲୋ ବ୍ୟବସ୍ଥା, ସମ୍ମିଶ୍ରଣ (କନ୍‌ଭରଜେନ୍ସ) ବ୍ୟବସ୍ଥାର ଅଭାବ, କର୍ମଚାରୀ ଅଭାବ । ଏହା ଠିକ୍ ନ ରହିଲେ ଇନୋଭେସନ ପ୍ରକ୍ରିୟା ମନ୍ଥର ହେବ । ଆନୁଷ୍ଠାନିକ ଖିଆଲର ଅଭାବ, ମାଲିକାନା ପରିବର୍ତ୍ତନ, କୌଶଳ ଓ ଦକ୍ଷତାର ଅଭାବ ଏବଂ ଆଭ୍ୟନ୍ତରୀଣ ଓ ଗୋଷ୍ଠୀଗତ କନ୍ଦଳ ତଥା ଶତ୍ରୁତା ଏହାକୁ ପ୍ରଭାବିତ କରିପାରେ ।

**ଆଡପ୍ସନ୍ / ରେପ୍ଲିକେସନ ପାଇଁ କିଛି ଇନୋଭେଟିଭ୍ ପ୍ରାକ୍ଟିସ୍ :** ଇନୋଭେସନର ଅଭିଗ୍ରହଣ ଓ ତାହାକୁ ବିଭିନ୍ନ ସ୍ଥାନରେ ସମାନ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପରିବେଶ ଓ ପରିସ୍ଥିତିର ଆବଶ୍ୟକତା ରହିଛି । ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

**ଇକୋସାନ:** ଇକଲଜିକାଲ ସାନିଟେସନ ବା ଇକୋସାନ ପରିବେଶଗତ ସ୍ୱଚ୍ଛତା ଓ ଅନୁକୂଳତା ପାଇଁ ଉଦ୍ଦିଷ୍ଟ । ସ୍ୱଚ୍ଛଭାରତ ମିଶନ ଖୋଲାରେ ମଳତ୍ୟାଗ ଅଭ୍ୟାସର ଅବସାନ ପାଇଁ ଉଦ୍ଦିଷ୍ଟ । ଇକୋସାନ ପ୍ରୟାସ ମାଧ୍ୟମରେ ପାରମ୍ପରିକ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ପରିବର୍ତ୍ତେ ଏକ ସ୍ୱଳ୍ପ ଖର୍ଚ୍ଚରେ ପରିଚାଳିତ ସହଜ ବିକଳ୍ପ ଲୋକଙ୍କୁ ଯୋଗାଇ ଦିଆଯାଉଛି । ଏଥିରେ ମଣିଷର ମଳ ଏବଂ ଶୌଚାଳୟର ପରିତ୍ୟକ୍ତ ଜଳ ଏଣେତେଣେ ପଡ଼ି

ଜାତୀୟ ଜୈବ ଇନ୍ଧନ ନୀତି ୨୦୧୮ ପ୍ରଥମେ ନୂଆ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୦୯ରେ ପ୍ରସ୍ତୁତ ହୋଇଥିଲା । ପରେ ଏହା ୨୦୧୭ରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନକୁ ଗଲା ଏବଂ ୨୦୧୮ରେ ଆରମ୍ଭ ହେଲା । ଏହି ନୀତି ଅନୁସାରେ ଜୈବ ଇନ୍ଧନର ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି ଏବଂ ଏଥିପାଇଁ ସରକାର ଆର୍ଥିକ ସହାୟତା ପ୍ରୋତ୍ସାହନ ଆକାରରେ ଯୋଗାଉଛନ୍ତି । ଜୈବ ଇନ୍ଧନର ବ୍ୟବହାର ବଢ଼ାଇ ତୈଳ ଆମଦାନୀ ହ୍ରାସ କରିବା ସରକାରଙ୍କ ଲକ୍ଷ୍ୟ । ଏହା ଦ୍ୱାରା ପରିବେଶ ସୁରକ୍ଷିତ ହେବା ସହ କର୍ମନିଯୁକ୍ତି ସୃଷ୍ଟିର ସୁଯୋଗ ରହିଛି । ଦେଶରେ ଜୈବ ଇନ୍ଧନ ନୀତିର ସଫଳ ରୂପାୟଣ ପାଇଁ ୧୨ଟି ମନ୍ତ୍ରଣାଳୟକୁ ଦାୟିତ୍ୱ ଦିଆଯାଇଛି ।

ପରିବେଶକୁ ପୂତିଗନ୍ଧମୟ କରି ନ ଥାଏ। ଏ ବ୍ୟବସ୍ଥାର ଶୌଚାଗାର ଦୈନିକ ବ୍ୟବହାର କରିହୁଏ ଏବଂ ଏଥିରୁ ଦୁର୍ଗନ୍ଧ ବାହାରି ନ ଥାଏ। ଶୌଚାଳୟ ବାହାରେ ରଖାଯାଇଥିବା ଏକ ଡ୍ରମ ବା ପାତ୍ରରେ ପରିସ୍ରା ସଂଗୃହିତ ହୋଇ ପରବର୍ତ୍ତୀ କାଳରେ ବ୍ୟବହାର ପାଇଁ ରୁହେ। ଶୌଚାଳୟରୁ ବାହାରୁଥିବା ଗାଧୁଆ ପାଣି ପାଖରେ ଥିବା ବଗିଚା ଓ ଗଛର ଜଳସେଚନରେ ବିନିଯୋଗ ହୁଏ। ଇକୋସାନ ଶୌଚାଳୟ ବନ୍ୟାପ୍ରବଣ ଅଞ୍ଚଳ ପାଇଁ ବିଶେଷ ଉପଯୋଗୀ। ଏହା ସମ୍ପୂର୍ଣ୍ଣ ନିବୁଜ ଏବଂ ଏହା ପୂରି ଉଠି ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି କରିବା ସମ୍ଭାବନା ନ ଥାଏ। ସେହିଭଳି ମରୁଡ଼ି ଅଞ୍ଚଳରେ ମଧ୍ୟ ଏହି ଶୌଚାଳୟର ବର୍ଜ୍ୟ ପାଣି ଫସଲ ପାଇଁ ବ୍ୟବହାର କରାଯାଇପାରେ। ଏହି ଶୌଚାଳୟ ସ୍ୱାସ୍ଥ୍ୟ ପାଇଁ ନିରାପଦ ଏବଂ ଏହା ସଂକ୍ରମଣ ରହିତ। ମଣିଷ ମଳଦ୍ୱାରା ପାନୀୟଜଳ ଉତ୍ସ ସଂକ୍ରମିତ ହେବାର ଯେଉଁ ଆଶଙ୍କା ରହିଛି ଇକୋସାନରେ ସେ ସମ୍ଭାବନା ନାହିଁ।

**ସଡ଼କ ନିର୍ମାଣରେ ବର୍ଜ୍ୟ ପ୍ଲାଷ୍ଟିକର ବ୍ୟବହାର:** ଭାରତରେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ଗୁରୁତର ସମସ୍ୟା। ପରିତ୍ୟକ୍ତ ଓ ବର୍ଜ୍ୟ ପ୍ଲାଷ୍ଟିକର ଉପଯୋଗ ପାଇଁ ପ୍ରଫେସର ରାଜଗୋପଳ ବାସୁଦେବନ ଏକ ନୂଆ ଟେକ୍ନୋଲୋଜି ବିକଶିତ କରିଛନ୍ତି। ଏହି ବର୍ଜ୍ୟକୁ ବିଭିନ୍ନ ଉପାୟରେ ସଡ଼କ ନିର୍ମାଣରେ ବ୍ୟବହାର କରାଯାଇପାରୁଛି। ଏଥିପାଇଁ ନୂଆ ଯନ୍ତ୍ରପାତିର ଆବଶ୍ୟକତା ନାହିଁ। ସଡ଼କରେ ଯେଉଁ ପିଚୁ ପଡୁଛି ସେଥିରେ ପ୍ଲାଷ୍ଟିକକୁ ମିଶାଇ ଉନ୍ନତଧରଣର ପ୍ରଲେପ ପ୍ରସ୍ତୁତ ହେଉଛି। ପ୍ଲାଷ୍ଟିକ ରୋଡ୍ କେବଳ ପରିବେଶ ଦୃଷ୍ଟିରୁ ଅନୁକୂଳ ନୁହେଁ ଏହା ଜଳ ନିରୋଧକ, ଶକ୍ତିଶାଳୀ ଏବଂ ମଜବୁତ। ଏହି ସଡ଼କର ରକ୍ଷଣାବେକ୍ଷଣ ଖର୍ଚ୍ଚ ଯଥେଷ୍ଟ କମ୍। ଏହା ଫଳରେ ପିଚୁ ବ୍ୟବହାର ୧୦ ଶତାଂଶ କମ୍ ହୋଇପାରିବ।

**ସହରାଞ୍ଚଳ ସବୁଜିମା କାର୍ଯ୍ୟକ୍ରମ :** କୋଚି ମେଟ୍ରୋ ରେଲ୍ ଲିମିଟେଡ୍ ତାହାର କାର୍ଯ୍ୟକ୍ରମରେ ସହରାଞ୍ଚଳରେ ସବୁଜିମା ସୃଷ୍ଟିକୁ ଅନ୍ତର୍ଭୁକ୍ତ କରି ଏ ଦିଗରେ ଭିତ୍ତିଭୂମି ପ୍ରସ୍ତୁତ କରିଛି। ଏହା ଫଳରେ କୋଚି ସହର ଓ ତାହାର ଆଖପାଖରେ ସବୁଜିମା ବଢ଼ିଛି। ସହରବାସୀଙ୍କ ଦାବିକୁ ଗ୍ରହଣ କରି ଏହି କମ୍ପାନୀ ସହରର ସବୁ ପାର୍କ ଓ ଖୋଲାସ୍ଥାନରେ ବ୍ୟାପକଭାବେ ବୃକ୍ଷରୋପଣ କରି ସବୁଜିମା ସୃଷ୍ଟି କରିବାରେ ସଫଳ ହୋଇଛି। ପ୍ରକଳ୍ପଦ୍ୱାରା ଯେଉଁଠି ଗଛ କାଟିବା ଦରକାର ପଡୁଛି ସେଭଳି ସ୍ଥିତିରେ ଗୋଟିଏ ଗଛ ପାଇଁ ୧୦ଟି ଗଛ ଲଗାଯାଇ ତାହାର ରକ୍ଷଣାବେକ୍ଷଣ କରାଯାଉଛି। କମ୍ପାନୀର କୋଚ୍ ରକ୍ଷଣାବେକ୍ଷଣ ଡିପୋ ଚତୁଃପାର୍ଶ୍ୱ ସହ ସମୁଦାୟ ୨୫ କିମି ଲମ୍ବ ବିଶିଷ୍ଟ ମେଟ୍ରୋ ଲାଇନ୍ ଦୁଇ ପାଖେ ସବୁଜ ବଳୟ ସୃଷ୍ଟି କରାଯାଇଛି। ଏହା ଫଳରେ ସହରର ଅଙ୍ଗାରକାମ୍ଳ ନିର୍ଗମନ ଜନିତ ସମସ୍ୟାର ମୁକାବିଲା ସମ୍ଭବ ହେବ।

**ମାତୃଭାଷାଭିତ୍ତିକ ବହୁଭାଷୀ ଶିକ୍ଷା (ଏମ୍‌ଟିବି-ଏମ୍‌ଏଲ୍‌ଇ):** ଏହି ବ୍ୟବସ୍ଥାରେ ସ୍ଥାନୀୟ ବା ଆଦିମ ଅଧିବାସୀମାନଙ୍କର ଶୈକ୍ଷିକ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେଉଛି। ପ୍ରାଥମିକ ଅବସ୍ଥାରେ ପିଲାଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦିଆଯାଉଛି। ଏହା ପରେ ଆଞ୍ଚଳିକ ଓ ଆନ୍ତର୍ଜାତିକ ଭାଷାରେ ପରବର୍ତ୍ତୀ ଶ୍ରେଣୀରେ ପିଲାଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା ହୋଇଛି। ଏହା ଫଳରେ ପିଲାଏ ବହୁଭାଷୀ ହେବା ସହ ସେମାନଙ୍କର ଶୈକ୍ଷିକ ଦକ୍ଷତା ବଢୁଛି ଓ ସେମାନେ ମାନକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଉଛନ୍ତି।

**ଭିଜନ୍ ସେଣ୍ଟର ପ୍ରତିଷ୍ଠା:** ଲୋକଙ୍କ ଚକ୍ଷୁର ଯତ୍ନ ପାଇଁ ଗ୍ରାମସ୍ତରରେ ଚକ୍ଷୁକେନ୍ଦ୍ର ବା ଭିଜନ ସେଣ୍ଟରମାନ ଖୋଲାଯାଉଛି। ଟେଲିଅପ୍‌ଥାଲମୋଲୋଜି ସଂଯୋଗ ବ୍ୟବସ୍ଥାରେ ଏସବୁ କେନ୍ଦ୍ରକୁ ମୂଳ ଚକ୍ଷୁଚିକିତ୍ସା ପ୍ରତିଷ୍ଠାନକୁ ଯୋଡ଼ାଯାଉଛି। ତାମିଲନାଡୁର ମଦୁରାଇସ୍ଥିତ ଅରବିନ୍ଦ ଆଇ କେୟାର ସଂସ୍ଥା ସଫଳତାର ସହ ଏହି ମଡେଲକୁ କାର୍ଯ୍ୟକାରୀ କରି ଦୂରଦୂରାନ୍ତର ଚକ୍ଷୁରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେଉଛି। ଫଳରେ ଗ୍ରାମାଞ୍ଚଳର ଚକ୍ଷୁରୋଗୀ ଅଳ୍ପ ଖର୍ଚ୍ଚ ଓ ସମୟରେ ସହଜରେ ଘର ପାଖରେ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଯେଉଁଠି ବ୍ୟାଧି ଜଟିଳ ସେ କ୍ଷେତ୍ରରେ ରୋଗୀଙ୍କୁ ସ୍ୱତନ୍ତ୍ର ହସ୍‌ପିଟାଲକୁ ପଠାଇ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି।

**ଉପସଂହାର**

ହାଇଦରାବାଦର ଏଏସ୍‌ସିଆଇଠାରେ ୨୦୧୦ରେ ଭାରତ ସରକାର ସିଆଇପିଏସ୍ ସ୍ଥାପନ କରିଥିଲେ। ଏହି ଅନୁଷ୍ଠାନ ସରକାରୀ ବ୍ୟବସ୍ଥାରେ ଇନୋଭେସନକୁ ପ୍ରୋତ୍ସାହିତ କରିବାକୁ ଏକ ସ୍ୱୟଂଶାସିତ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଏହା କେନ୍ଦ୍ରସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାର, ବିଭିନ୍ନ ସଂଗଠନ ଓ ସଂସ୍ଥାଙ୍କୁ ଇନୋଭେସନ କ୍ଷେତ୍ରରେ ବିଭିନ୍ନ ସାହାଯ୍ୟ ସହଯୋଗ ଓ ଦିଗ୍‌ଦର୍ଶନ ଯୋଗାଉଛି। ଏହା ଫଳରେ ସ୍ୱଳ୍ପ ଖର୍ଚ୍ଚରେ ନୂଆ ନୂଆ ଅଭିନବ ପନ୍ଥା ବାହାରି ସେବା ପ୍ରଦାନ କ୍ଷେତ୍ରରେ ଦକ୍ଷତା ସରକାରୀ ଦକ୍ଷତା ବୃଦ୍ଧିରେ ସହାୟକ ହେଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟରେ ସିଆଇପିଏସ୍ ମଧ୍ୟ ଜ୍ଞାନ ଓ କୌଶଳ ପ୍ରସାରର ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି।

ସରକାରୀ ବ୍ୟବସ୍ଥାରେ ଅଭିନବତା ଆଣିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଏକଥା ନିଃସନ୍ଦେହରେ କୁହାଯାଇପାରେ। ଏହା ମଧ୍ୟ ଏକ ନିରନ୍ତର ପ୍ରକ୍ରିୟା। ଏ କ୍ଷେତ୍ରରେ ଯନ୍ତ୍ରପାତି, ଉପକରଣ, ପ୍ରଣାଳୀ ଓ ଆଭିମୁଖ୍ୟ ମଧ୍ୟ କ୍ରମ ବିବର୍ତ୍ତନବାଦୀ ହେବା ଆବଶ୍ୟକ। ତା' ନହେଲେ ଇପ୍‌ସିତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ଓ ଇନୋଭେସନ ପ୍ରକ୍ରିୟା ବ୍ୟାହତ ହେବ।

ଲେଖକ ଶ୍ରୀ ଅଚଳେଚନ୍ଦ୍ର ରେଡ୍ଡୀ ହେଉଛନ୍ତି ସେଣ୍ଟର୍ ଫର୍ ଇନୋଭେସନ୍ ଇନ୍ ପବ୍ଲିକ୍ ସିଷ୍ଟମ୍‌ର ନିର୍ଦ୍ଦେଶକ (Email id- achal.reddy@gmail.com)
ଏବଂ ଅଭିକ୍ ଚକ୍ରବର୍ତ୍ତୀ ହେଉଛନ୍ତି ପ୍ରୋଜେକ୍ଟ ଅଫିସର୍। (Email id- avik@cips.org.in)

# ଏସ୍‌ଏମ୍‌ଇ କ୍ଷେତ୍ରରେ ଅଭିନବତାର ପ୍ରଭାବ

ମଞ୍ଜୁଳା ୱାଧ୍ୱା

ଯେକୌଣସି ରାଷ୍ଟ୍ରର ଔଦ୍ୟୋଗିକ ବିକାଶରେ ଅଭିନବତା ବା ଇନୋଭେସନର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ବିକଶିତ ରାଷ୍ଟ୍ରଗୁଡ଼ିକରେ ଏହା ପ୍ରମାଣିତ ହୋଇଛି। ଭାରତ ଭଳି ଉଦୟମାନ ଅର୍ଥନୀତିରେ ଏବେ ଉଦ୍ୟୋଗିକ ବିକାଶରେ ଇନୋଭେସନକୁ ଅଗ୍ରାଧିକାର ଦିଆଯାଇଛି। ୨୦୧୩ର ବିଶ୍ୱ ଇନୋଭେସନ ଇଣ୍ଡେକ୍ସରେ ଭାରତ ୧୨୬ ଦେଶ ବିଶିଷ୍ଟ ତାଲିକାରେ ୬୬ରେ ଥିଲା। ୨୦୧୪ରେ ଏହା ଆହୁରି ତଳକୁ ଖସି ତାଲିକାର ୭୬ରେ ରହିଥିଲା। ଏହାର ପ୍ରମୁଖ କାରଣ ହେଲା ଭାରତର କ୍ଷୁଦ୍ର, ଅତିକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଓ ଫାର୍ମଗୁଡ଼ିକର ଇନୋଭେସନ ଦକ୍ଷତାସ୍ତର ଅତି ଦୁର୍ବଳ। ୨୦୧୩ର ଏନ୍‌ଏସ୍‌ଏସ୍‌ଓ ସର୍ଭେ ଅନୁସାରେ ଭାରତରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ (ଏମ୍‌ଏସ୍‌ଏମ୍‌ଇ) ଉଦ୍ୟୋଗରେ ମୋଟ୍ ୫୭.୭ ନିୟୁତ ସଂସ୍ଥା ରହିଛି। ୨୦୧୭-୧୮ ହିସାବ ଅନୁସାରେ ଏହି ସବୁ ଔଦ୍ୟୋଗରେ ୧୨କୋଟିରୁ ଅଧିକ ଲୋକ ନିଯୁକ୍ତ। ଅପରପକ୍ଷରେ ଭାରତରେ ବୃହତ୍ ଉଦ୍ୟୋଗ ବା ବଡ଼ବଡ଼ ଶିଳ୍ପ ଓ କାରଖାନାରେ ୧୨କୋଟିରୁ ଅଧିକ ଲୋକ ନିଯୁକ୍ତ। ଅପରପକ୍ଷରେ ଭାରତରେ ବୃହତ୍ ଉଦ୍ୟୋଗ ବା ବଡ଼ବଡ଼ ଶିଳ୍ପ ଓ କାରଖାନାରେ ନିଯୁକ୍ତି ପାଇଥିବା ଲୋକଙ୍କ ସଂଖ୍ୟା ମାତ୍ର ୧.୨୫କୋଟି। ୨୦୧୭-୧୮ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ଗତବର୍ଷ ଦେଶର ବଡ଼ ବଡ଼ ଉଦ୍ୟୋଗଗୁଡ଼ିକୁ ମୋଟ୍ ଔଦ୍ୟୋଗିକ ଋଣର ୮୨.୬% ପ୍ରଦାନ କରାଯାଇଥିବାବେଳେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଙ୍କୁ ମାତ୍ର ୧୭.୪ ଶତାଂଶ ଋଣ ମିଳିଥିଲା। ବିଡ଼ମ୍ବନା ହେଉଛି ଅବହେଳିତ ଏହି ଉଦ୍ୟୋଗ ଦେଶର ଅଧିକ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବା ସହ ଜିଡିପିକୁ ୩୨ଶତାଂଶ ଅବଦାନ ଯୋଗାଇଥାଏ।

ଭାରତର ଆର୍ଥିକ ବିକାଶରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ଏହା ନିଃସନ୍ଦେହ। ଏହା ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ପ୍ରଦାନ, ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହେବା ସହ ଆର୍ଥିକ ବିକାଶର ଇଞ୍ଜିନ୍ ସାଜିଛି। ଉଦ୍ୟମିତା ଓ



ଅଭିନବତା ଭଳି କାର୍ଯ୍ୟ ପ୍ରତିଯୋଗିତା ବଢ଼ାଏ ଓ ଉତ୍ପାଦନ ବୃଦ୍ଧିରେ ସହାୟକ ହୁଏ। ଏହା ସହିତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ) ଅଧିକ ଉତ୍ପାଦନଶୀଳ। ଏହା ଅଧିକ ନମନୀୟ ଏବଂ ବଜାରର ପରିବର୍ତ୍ତନ ସହ ନିଜକୁ ଖାପଖୁଆଇପାରେ।

ଏହି ଉଦ୍ୟୋଗର ଗୁରୁତ୍ୱ ଦୃଷ୍ଟିରୁ ଏହା ଜାତୀୟ ଓ ବିଶ୍ୱସ୍ତରରେ ଯେପରି ଅଧିକ ପ୍ରତିଯୋଗିତା କରିବାକୁ ସକ୍ଷମ ହୁଏ ତାହା ନିଶ୍ଚିତ କରିବାର ଆବଶ୍ୟକତା ରହିଛି। ଏହି ଉଦ୍ୟୋଗରେ ଅଭିନବତା ଆଣିବା ପାଇଁ ସରକାରୀ ସ୍ତରରେ ଯେଉଁ ବ୍ୟବସ୍ଥା ଅଛି ତାହା ସୀମିତ। ଅଧିକନ୍ତୁ ଏ କ୍ଷେତ୍ରରେ ଶିଳ୍ପପୁଞ୍ଜ ବା କ୍ଲଷ୍ଟର ବିକାଶ ଭଳି ଯେଉଁ ଆଧୁନିକ ପରିକଳ୍ପନା ଅଥବା ବିଚାର ଅନ୍ୟତ୍ର କାର୍ଯ୍ୟକାରୀ ହେଉଛି ଭାରତରେ ତାହା ହେଉନାହିଁ କିମ୍ବା ଏଥିପ୍ରତି ଆବଶ୍ୟକ ଧ୍ୟାନ ଦିଆଯାଉନି। ୨୦୧୩ରେ ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରୀ ମନ୍ତ୍ରଣାଳୟ ଯେଉଁ ସଂଶୋଧିତ ଇନୋଭେସନ ନୀତି ପ୍ରସ୍ତୁତ କରିଥିଲେ ସେଥିରେ ଇନୋଭେସନର ପରିବେଶ ସୃଷ୍ଟି ଏବଂ ଏହାକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଘରୋଇ କ୍ଷେତ୍ରକୁ ଏଥିପାଇଁ ଅଧିକ ଦାୟିତ୍ୱ ଅର୍ପଣ କରାଗଲା। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଏଥିପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ନୂଆ ମେସିନ୍ କ୍ରୟ, ଟ୍ରେଡ୍‌ମାର୍କ ପାଇଁ ଆବେଦନ କରିବା, ନୂଆ ଯନ୍ତ୍ରପାତି କିଣିବା, କର୍ମଚାରୀ ତାଲିମ, ବିଶେଷଜ୍ଞ ପରାମର୍ଶ ଓ ଅନ୍ୟାନ୍ୟ ଆନୁସଂଗିକ କାର୍ଯ୍ୟ ପାଇଁ ସବ୍‌ସିଡି ଯୋଗାଣର ମଧ୍ୟ ବ୍ୟବସ୍ଥା କଲା। ଏହା ଫଳରେ ଏହି ଉଦ୍ୟୋଗରେ ଇନୋଭେସନର ଏକ ବଡ଼ଧରଣର ପ୍ରୟାସ ଆରମ୍ଭ ହୋଇଥିଲା। ତେବେ ବାସ୍ତବତା ହେଉଛି, ଏସବୁ ସୁବିଧା ସୁଯୋଗ ଯୋଗାଣ ସତ୍ତ୍ୱେ ଏହି ଉଦ୍ୟୋଗ ବହୁମୁଖୀ ସମସ୍ୟା ଓ ପ୍ରତିବନ୍ଧକର ସମ୍ମୁଖୀନ। ସେସବୁ ମଧ୍ୟରେ ଆବଶ୍ୟକ ଦକ୍ଷ ଲୋକଶକ୍ତି, ଅର୍ଥ, ସୂଚନା, ସରକାରୀ ନୀତି, ଭିତ୍ତିଭୂମି ଏବଂ ବଜାରର ଅଭାବ ଅନ୍ୟତମ।

କୌଣସି ଇନୋଭେସନର କାର୍ଯ୍ୟକାରିତା ପାଇଁ କୁଶଳୀ ଲୋକଶକ୍ତି ପ୍ରଥମ ଆବଶ୍ୟକତା। ଗବେଷଣା



ଓ ଉନ୍ନୟନ କ୍ଷେତ୍ରରେ ସ୍ୱତନ୍ତ୍ର ଦକ୍ଷତା ଥିବା ବୈଜ୍ଞାନିକ, ଟେକ୍‌ନିସିଆନ, ଇଞ୍ଜିନିୟରଙ୍କର ଯେପରି ଆବଶ୍ୟକତା ରହିଛି ଅଣଗବେଷଣା

> ଭାରତରେ ବୃହତ୍ ଉଦ୍ୟୋଗ ବା ବଡ଼ବଡ଼ ଶିଳ୍ପ ଓ କାରଖାନାରେ ନିଯୁକ୍ତି ପାଇଥିବା ଲୋକଙ୍କ ସଂଖ୍ୟା ମାତ୍ର ୧.୨୫କୋଟି। ୨୦୧୭-୧୮ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ଗତବର୍ଷ ଦେଶର ବଡ଼ ବଡ଼ ଉଦ୍ୟୋଗଗୁଡ଼ିକୁ ମୋଟ୍ ଔଦ୍ୟୋଗିକ ଋଣର ୮୨.୬% ପ୍ରଦାନ କରାଯାଇଥିବାବେଳେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଙ୍କୁ ମାତ୍ର ୧୭.୪ ଶତାଂଶ ଋଣ ମିଳିଥିଲା। ବିଡ଼ମ୍ବନା ହେଉଛି ଅବହେଳିତ ଏହି ଉଦ୍ୟୋଗ ଦେଶର ଅଧିକ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବା ସହ ଜିଡିପିକୁ ୩୨ ଶତାଂଶ ଅବଦାନ ଯୋଗାଇଥାଏ।

ଉନ୍ନୟନ କ୍ଷେତ୍ର ଯଥା ପ୍ରତିଷ୍ଠାନ ଓ ବିପଣନଗତ ଆବଶ୍ୟକତା ପୂରଣ ତଥା ପରିଚାଳନା ପାଇଁ ସ୍ୱତନ୍ତ୍ର କୌଶଳ ଓ ଦକ୍ଷତା ସମ୍ପନ୍ନ ଲୋକଙ୍କର ଆବଶ୍ୟକତା ଅଛି। କୁଶଳୀ ଶ୍ରମିକ ବା କର୍ମଚାରୀଙ୍କ ଅଭାବ ଏସ୍‌ଏମ୍‌ଇ କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଏହି ଉଦ୍ୟୋଗ ଆର୍ଥିକ ଓ ଭିତ୍ତିଭୂମିଗତ ଅଭାବ କାରଣରୁ ଅତି କୁଶଳୀ ଓ ଦକ୍ଷ କର୍ମଚାରୀ ବା ଲୋକଶକ୍ତି ନିଯୁକ୍ତି କରିପାରି ନ ଥାନ୍ତି। ସେହିଭଳି ଉପଯୁକ୍ତ ଆଭ୍ୟନ୍ତରୀଣ ପରିଚାଳନା ଅଭାବରୁ ଏହି ଉଦ୍ୟୋଗରେ ଇନୋଭେସନ ବା ଅଭିନବତା ବିଶେଷ ଆଗେଇ ପାରେନାହିଁ ଓ ସଂସ୍ଥାଙ୍କ ମୋଟାମୋଟି ପ୍ରଦର୍ଶନ ବାଧାପ୍ରାପ୍ତ ହୁଏ। ଦିଗ୍‌ଦର୍ଶନର ଅଭାବ, ଦକ୍ଷତା ହାନି, ବଜାର ଅଭାବ ସେମାନଙ୍କ ସଂକଟକୁ ବଢ଼ାଏ। ତେଣୁ ଏଭଳି ସ୍ଥିତିରୁ ଉଧୁରିବା ପାଇଁ ପ୍ରଥମେ ଲକ୍ଷ୍ୟଭିତ୍ତିକ ଦକ୍ଷତା ନିର୍ମାଣ ଉପରେ ଗୁରୁତ୍ୱ ଦେବା ସହ କମ୍ପାନୀର ଆଭ୍ୟନ୍ତରୀଣ

ପରିଚାଳନା ଓ ଆବଶ୍ୟକ ଇନୋଭେସନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଅଭିନବତା ଉପରେ ଗୁରୁତ୍ୱ ଦେଉଥିବା ୮୭ ଶତାଂଶାରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଙ୍କ ପାଖରେ ଅର୍ଥ ନାହିଁ କିମ୍ବା ବାହ୍ୟ ସୂତ୍ରରୁ ପୁଞ୍ଜି ଆଣିବାର ସୁଯୋଗ ସେମାନଙ୍କ ପାଖରେ ନ ଥାଏ। ଇନୋଭେସନ ବାବଦ ଖର୍ଚ୍ଚ ମଧ୍ୟ ବହୁ ଅଧିକ। ସେଥିପାଇଁ ଏହି ଉଦ୍ୟୋଗ ଅସୁବିଧାର ସମ୍ମୁଖୀନ। ଅତଏବ ଏସବୁକୁ ବିଚାରକୁ ନେଇ ଏପରି ଉପାୟ ନିର୍ଦ୍ଧାରଣ କରିବାକୁ ପଡ଼ିବ ଯେପରି ଇନୋଭେସନ ବାବଦ ଖର୍ଚ୍ଚ କମ୍ ହେବ ଏବଂ ଉଦ୍ୟୋଗଗୁଡ଼ିକ ସୁବିଧାରେ ଏହାକୁ ଆପଣାଇ ପାରିବେ। ଅର୍ଥ ସବୁ ସମସ୍ୟାର ମୂଳ। ତେଣୁ ଏହି ଉଦ୍ୟୋଗ ନିଜର ବିକାଶ ତଥା ଇନୋଭେସନ କାର୍ଯ୍ୟକ୍ରମ ପାଇଁ ବ୍ୟାଙ୍କ ଓ ବିଭିନ୍ନ ବିତ୍ତୀୟ ସଂସ୍ଥାରୁ ଯେପରି ସୁବିଧାରେ ଋଣ ପାଇପାରିବେ ସେଥିପାଇଁ ସରକାରୀ ବ୍ୟବସ୍ଥା କରାଯିବା ଜରୁରୀ। ତା' ନ ହେଲେ ଏହି ଉଦ୍ୟୋଗର ବିକାଶ ସମ୍ଭବ ନୁହେଁ। ଏହି ଉଦ୍ୟୋଗର ବାସ୍ତବତାକୁ ବିଚାରକୁ ନେଇ ଏ କ୍ଷେତ୍ରରେ ଅଭିନବତା ଆଣିବାକୁ ହେଲେ ସରକାରୀ ସ୍ତରରେ ଏକ ନିୟନ୍ତ୍ରଣକାରୀ ନିୟାମକ ବ୍ୟବସ୍ଥା କରାଯାଇପାରେ। ଏଥିରେ ସ୍ଥାନୀୟ ଔଦ୍ୟୋଗିକ ସଂଘ ସହ ଅଂଶୀଦାରୀ ଭିତ୍ତିରେ ଋଣ ଯୋଗାଣ, ସୂଚନା ପ୍ରଯୁକ୍ତି ସଂକ୍ରାନ୍ତ ତଥ୍ୟ ଆଦାନ ପ୍ରଦାନ, ବଜାର ସଂଯୋଗ, ଭିତ୍ତିଭୂମି ବିକାଶ ବ୍ୟବସ୍ଥା ଓ ଟେକ୍‌ନୋଲୋଜି ସହଯୋଗ ନୀତି ଆଦି କାର୍ଯ୍ୟକାରୀ କରାଯାଇପାରେ। ଏହା ସହିତ ଆବଶ୍ୟକ ଭିତ୍ତିଭୂମି ପରୀକ୍ଷାଗାର ସୁବିଧା ଯୋଗାଣ ମଧ୍ୟ ଉଚିତ ମନେହୁଏ। ଏହି ସବୁ ପଦକ୍ଷେପ ଗ୍ରହଣ କରି ତାହାକୁ ଠିକ୍ ଭାବେ ରୂପାୟଣ କଲେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଭାଗ୍ୟୋଦୟ ସମ୍ଭବ ହୋଇପାରେ।

ବାସ୍ତବରେ କାରଖାନାର ସାଇଲୋ ଭିତରେ ଅଭିନବତା ବା ଇନୋଭେସନ ସୃଷ୍ଟି ହୁଏ ନାହିଁ। ଏହା ପ୍ରକୃତରେ ସେଠାରେ କାର୍ଯ୍ୟକାରୀ ହୁଏ। ସେଥିପାଇଁ ଆନୁଷ୍ଠାନିକ ସହାୟତା ଲୋଡ଼ା। ତେବେ ଏହି ଉଦ୍ୟୋଗରେ ଅଭିନବତା ଆଣିବାକୁ ଭାରତ ସରକାର

> କୌଣସି ଇନୋଭେସନର କାର୍ଯ୍ୟକାରିତା ପାଇଁ କୁଶଳୀ ଲୋକଶକ୍ତି ପ୍ରଥମ ଆବଶ୍ୟକତା। ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ସ୍ୱତନ୍ତ୍ର ଦକ୍ଷତା ଥିବା ବୈଜ୍ଞାନିକ, ଟେକ୍‌ନିସିଆନ, ଇଞ୍ଜିନିୟରଙ୍କର ଯେପରି ଆବଶ୍ୟକତା ରହିଛି ଅଣଗବେଷଣା ଉନ୍ନୟନ କ୍ଷେତ୍ର ଯଥା ପ୍ରତିଷ୍ଠାନ ଓ ବିପଣନଗତ ଆବଶ୍ୟକତା ପୂରଣ ତଥା ପରିଚାଳନା ପାଇଁ ସ୍ୱତନ୍ତ୍ର କୌଶଳ ଓ ଦକ୍ଷତା ସମ୍ପନ୍ନ ଲୋକଙ୍କର ଆବଶ୍ୟକତା ଅଛି। କୁଶଳୀ ଶ୍ରମିକ ବା କର୍ମଚାରୀଙ୍କ ଅଭାବ ଏସ୍‌ଏମ୍‌ଇ କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଏହି ଉଦ୍ୟୋଗ ଆର୍ଥିକ ଓ ଭିତ୍ତିଭୂମିଗତ ଅଭାବ କାରଣରୁ ଅତି କୁଶଳୀ ଓ ଦକ୍ଷ କର୍ମଚାରୀ ବା ଲୋକଶକ୍ତି ନିଯୁକ୍ତି କରିପାରି ନ ଥାନ୍ତି। ସେହିଭଳି ଉପଯୁକ୍ତ ଆଭ୍ୟନ୍ତରୀଣ ପରିଚାଳନା ଅଭାବରୁ ଏହି ଉଦ୍ୟୋଗରେ ଇନୋଭେସନ ବା ଅଭିନବତା ବିଶେଷ ଆଗେଇ ପାରେନାହିଁ ଓ ସଂସ୍ଥାଙ୍କ ମୋଟାମୋଟି ପ୍ରଦର୍ଶନ ବାଧାପ୍ରାପ୍ତ ହୁଏ।

ଏଯାବତ ଯେଉଁସବୁ ପ୍ରୟାସ କରିଛନ୍ତି ଆସନ୍ତୁ ସେ ବିଷୟରେ ଆଲୋଚନା କରିବା। ଚଳିତ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଅଭିନବତା ଆଣି ଏହାର ସ୍ଥିତି ବଦଳାଇବା ଲକ୍ଷ୍ୟରେ ୩୭୯୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହାଛଡ଼ା ଏହି ଉଦ୍ୟୋଗ ପାଇଁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ସ୍ୱତନ୍ତ୍ର ଭାବେ ତିନି ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଗତ ବର୍ଷର ବଜେଟରେ ଏହି ଉଦ୍ୟୋଗର ଟିକସ ହାରକୁ ସରକାର ୨୫ ଶତାଂଶ ହ୍ରାସ କରିଥିଲେ। ଏସବୁ ଉଦ୍ୟମର ଭଲ ପ୍ରଭାବ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଉପରେ ପଡ଼ିଛି। ସେମାନେ ନିଜ ସ୍ଥିତିରେ ଉନ୍ନତି ଆଣିବା ସହ ଇନୋଭେସନ ପ୍ରତି ମନବଳାଇଛନ୍ତି। ଦେଶରେ ଅତ୍ୟାଧୁନିକ ଟେକ୍‌ନୋଲୋଜି ସେଣ୍ଟର ଖୋଲିବା ପାଇଁ ବଜେଟରେ ୫୫୦କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହି ସେଣ୍ଟରଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଇନୋଭେସନ କ୍ଷେତ୍ରରେ ବିଶେଷ ସହାୟକ ହେବ। ଖଦି ଉଦ୍ୟୋଗ ପାଇଁ ସରକାର ଯେଉଁ ୪୧୫କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି ତାହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଖଦି ଉଦ୍ୟୋଗରେ ଅଭିବୃଦ୍ଧି ଆସିପାରିବ।

**ଆସ୍‌ପାୟାର:**

ଏହି ଯୋଜନା ଗ୍ରାମ୍ୟ ଶିଳ୍ପ, ଉଦ୍ୟମିତା ଓ ଅଭିନବତାକୁ ପ୍ରୋତ୍ସାହିତ କରିବାକୁ ଉଦ୍ଦିଷ୍ଟ। ଇଂରାଜୀରେ ଏହା "ଏ ସ୍କିମ୍ ଫର୍ ପ୍ରମୋଶନ ଅଫ୍ ଇନୋଭେସନ, ରୁରାଲ ଇଣ୍ଡଷ୍ଟ୍ରି ଆଣ୍ଡ୍ ଏଣ୍ଟ୍ରୋପ୍ରେନ୍ୟୁରସିପ୍" ନାମରେ ପରିଚିତ। ଏହାର ସଂକ୍ଷିପ୍ତ ନାମ ଆସ୍‌ପାୟାର। ୨୦୧୫ ମାର୍ଚ୍ଚ ୧୬ରେ ଏହା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହା ମାଧ୍ୟମରେ ଦେଶରେ ୧୦୦ ଜୀବିକା ସହ ସଂପୃକ୍ତ ୨୦ ଟେକ୍‌ନୋଲୋଜି ସମ୍ପର୍କୀୟ ଇନ୍‌କ୍ୟୁବେଟର ସ୍ଥାପନର ଲକ୍ଷ୍ୟ ରଖାଯାଇଛି। ସେଥି ପାଇଁ ଚଳିତ ବର୍ଷର କେନ୍ଦ୍ରୀୟ ବଜେଟରେ ୨୩୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହାର ଅର୍ଥ ଯୋଗାଣ ଢାଞ୍ଚା ଓ ଅନ୍ୟାନ୍ୟ ବିଷୟ ତଳେ ଦିଆଯାଇଥିବା ଟେବୁଲରେ ଉଲ୍ଲେଖ କରାଯାଇଛି।

ଉଭୟ ଗ୍ରାମ ଓ ସହରାଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ସମଗ୍ର ଦେଶରେ ୨୦୦୮ ଅଗଷ୍ଟ ୧୫ରେ ଆରମ୍ଭ ହୋଇଛି। ଚଳିତ ଆର୍ଥିକ ବର୍ଷର ବଜେଟରେ ଏଥିପାଇଁ ୧୮୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହାଦ୍ୱାରା ୮୮୦୦ ଅତିକ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରି ପ୍ରାୟ ୭ ଲକ୍ଷ ଲୋକଙ୍କୁ ରୋଜଗାର

ସୁଯୋଗ ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି ।

ଏମ୍ଏସ୍ଏମ୍ଇ ଉଦ୍ୟୋଗର ଅଭିବୃଦ୍ଧି ପାଇଁ ଭାରତ ସରକାର ସିଜିଟିଏମ୍ଏସ୍ଇ ଯୋଜନା ହାତକୁ ନେଇଛନ୍ତି । ଏହି ଯୋଜନାରେ ଏହି ଉଦ୍ୟୋଗକୁ ରଣ ଗ୍ୟାରେଣ୍ଟି ପାଣ୍ଠି ଟ୍ରଷ୍ଟ ଜରିଆରେ ସହାୟତା ଯୋଗାଇ ଦିଆଯାଉଛି । ତୃତୀୟ ପକ୍ଷ ଗ୍ୟାରେଣ୍ଟର ବିନା କୌଣସି ବନ୍ଧକ ବା ଜମା ନ'ଦେଇ ଉଦ୍ୟମୀମାନେ ଏହି ପାଣ୍ଠିରୁ ରଣ ନେଇ ପାରିବେ । ଯଦି ପକ୍ଷ ରଣ ପରିଶୋଧରେ ଖିଲାପ କରନ୍ତି ତେବେ ଟ୍ରଷ୍ଟ ସେଇ ଅର୍ଥ ଭରଣା କରିବାର ବ୍ୟବସ୍ଥା କରାଯାଇଛି । ଏହି ପାଣ୍ଠିରେ ଥିବା ଅର୍ଥ ପରିମାଣକୁ ୨୫୦୦ ରୁ ୭୫୦୦ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି । ଏହି ଉଦ୍ୟୋଗକୁ ରଣ ଯୋଗାଣରେ ଯେପରି ପ୍ରତିବନ୍ଧକ ସୃଷ୍ଟି ନ ହୁଏ ସେଥିପାଇଁ ସରକାର କେତେକ ଢାଞ୍ଚାଗତ ସଂସ୍କାର ମଧ୍ୟ କାର୍ଯ୍ୟକାରୀ କରିଛନ୍ତି ।

**ସ୍ଫୁର୍ତ୍ତି:**

ପାରମ୍ପରିକ ଉଦ୍ୟୋଗ ପାଇଁ ସରକାର ପାଣ୍ଠି ପୁନଃ ସଂଗ୍ରହ ନିମନ୍ତେ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ୨୦୧୪ ଅଗଷ୍ଟ ପହିଲାରେ ଆରମ୍ଭ ହୋଇଥିବା ସ୍ଫୁର୍ତ୍ତି ଯୋଜନା ନିମନ୍ତେ ୧୪୯.୪୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ଅର୍ଥରେ ଦେଶରେ ୭୧ କ୍ଷୁଦ୍ରଶିଳ୍ପ କ୍ଲଷ୍ଟରର ବିକାଶ କରାଯିବ । ଏଥିରେ କତା ଶିଳ୍ପ ମଧ୍ୟ ରହିଛି । ପ୍ରଥମ ପର୍ଯ୍ୟାୟରେ ୪୪୫୦୦ ଗ୍ରାମ୍ୟ କାରିଗରଙ୍କୁ ଏସବୁ କ୍ଲଷ୍ଟର ସହ ଯୋଡ଼ାଯିବ । ଚଳିତ ବଜେଟରେ ଏହି କାର୍ଯ୍ୟକ୍ରମ ପାଇଁ ସରକାର ବଜେଟରେ ଆଉ ୧୨୫କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

କେନ୍ଦ୍ର ସରକାର ଉପରୋକ୍ତ କାର୍ଯ୍ୟକ୍ରମ ଓ ଯୋଜନାମାନ କାର୍ଯ୍ୟକାରୀ କରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସ୍ଥିତିରେ ଉନ୍ନତି ଆଣିବାକୁ ଚେଷ୍ଟିତ । ଅକ୍ସଫୋର୍ଡ ଇକନମିକ୍ସ ସହାୟତାରେ ଆମେରିକା ଏକ୍ସପ୍ରେସ୍ ନିକଟରେ ଏହି କ୍ଷେତ୍ରର ସ୍ଥିତି ସମ୍ପର୍କରେ ଏକ ସର୍ଭେ କରିଥିଲା । ରିପୋର୍ଟ ଅନୁସାରେ ଏସବୁ ସରକାରୀ ଯୋଜନାର ସୁଯୋଗ ନେଇ ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହ ନିଜର ବିକାଶ ପାଇଁ ସଂସ୍କାର, ଅଭିନବତା ଓ ଉତ୍ସାହ ପ୍ରଦର୍ଶନ କରୁଛନ୍ତି । ନିଜର ସ୍ଥିତିରେ ଉନ୍ନତି ଆଣିବାକୁ ସେମାନେ ନୂଆ ରଣକୌଶଳ, ବିଶେଷତଃ ଇନୋଭେସନ ଉପରେ ଗୁରୁତ୍ୱ ଦେଉଛନ୍ତି । ତେବେ ରିପୋର୍ଟ ଅନୁସାରେ ସର୍ଭେରେ ଭାଗ ନେଇଥିବା ୩୦୦ ଉଦ୍ୟୋଗୀଙ୍କ ମଧ୍ୟରୁ ୪୨ ଶତାଂଶ ଏସବୁ ସରକାରୀ ପ୍ରୟାସ ସତ୍ତ୍ୱେ ଅର୍ଥ ଆବଶ୍ୟକତା ପୂରଣ କରିବାର ଅସୁବିଧା ଭୋଗୁଥିବା କହିଛନ୍ତି । ବିଶ୍ୱରେ ୩୩% ଉଦ୍ୟୋଗୀ ଅର୍ଥ ଯୋଗାଡ଼ର ସମ୍ମୁଖୀନ ହେଉଥିବାବେଳେ ଭାରତରେ ୪୨ଶତାଂଶ ଏହି ସୁବିଧାରୁ ବଞ୍ଚିତ ହେବା ନିଶ୍ଚିତ ଚିନ୍ତାଜନକ । ସେହିଭଳି ବିଶ୍ୱରେ ଏହି କ୍ଷେତ୍ରର ଉଦ୍ୟୋଗୀମାନେ କମ୍ ସୁଧରେ ରଣ ପାଉଥିବାବେଳେ ଭାରତରେ ସେଇ ସୁଧହାର ଅଧିକ ।



ଏହା ସତ୍ତ୍ୱେ ସରକାରୀ ଉଦ୍ୟମ ବଳରେ ଏହି କ୍ଷେତ୍ରରେ କ୍ରମଶଃ ପରିବର୍ତ୍ତନ ଆସୁଛି ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଉପରେ ଏହାର ବେଶ୍ ଭଲ ପ୍ରଭାବ ପଡୁଛି । ବିଶ୍ୱ ଇନୋଭେସନ ସୂଚୀରେ ଭାରତର ସ୍ଥିତିରେ ଉନ୍ନତି ଆସିଛି ଓ ଏହା ୫୭ତମ ସ୍ଥାନରେ ପହଞ୍ଚିଛି । ଏ କ୍ଷେତ୍ରରେ ଦୀର୍ଘ ନିରନ୍ତର ପ୍ରୟାସ ଜାରି ରଖିବାକୁ ପଡ଼ିବ । ସଫଳତା ପାଇଁ ଆମକୁ ନୂଆ ରଣକୌଶଳ ସହିତ କାମ କରିବାକୁ ହେବ । ଏଥିରେ ଅଭିନବତା, ବୁଦ୍ଧି ଓ ନିବେଶକୁ ମୂଳ ମନ୍ତ୍ର କରିବାକୁ ପଡ଼ିବ ।

ଲେଖିକା ହେଉଛନ୍ତି ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ୍ (ନାବାର୍ଡ)ର ଚଣ୍ଡିଗଡ଼ସ୍ଥିତ ହରିଆଣା କ୍ଷେତ୍ରୀୟ କାର୍ଯ୍ୟାଳୟରେ ସହାୟକ ମହାପ୍ରବନ୍ଧକ ।
**Email id- manjula.jaipur@gmail.com**

# ଉଚ୍ଚଶିକ୍ଷା କ୍ଷେତ୍ରରେ ଅଭିନବ ପ୍ରୟାସ

ଇନ୍ଦ୍ରନୀଳ ମାନ୍ନା

*"ଯେଉଁ ଶିକ୍ଷା ଆମକୁ କେବଳ ତଥ୍ୟ ବଦଳରେ ସମସ୍ତଙ୍କ ସହ ଆମକୁ ମିଳିମିଶି ସଦ୍‌ଭାବନାର ସହ ବଞ୍ଚିବାକୁ ଶିକ୍ଷା ଦିଏ ତାହା ହିଁ ଶ୍ରେଷ୍ଠ ଶିକ୍ଷା"।*

**ରବୀନ୍ଦ୍ରନାଥ ଠାକୁର**

ପରିସଂଖ୍ୟାନ ହିସାବରେ ୧.୨୫ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଉଚ୍ଚ ଓ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ପ୍ରାୟ ୮୦୦ ବିଶ୍ୱବିଦ୍ୟାଳୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରହିଛି। ସରକାରୀ କ୍ଷେତ୍ରରେ ଥିବା ବିଶ୍ୱବିଦ୍ୟାଳୟ ମଧ୍ୟରୁ ଅନେକ କେନ୍ଦ୍ରୀୟ ସ୍ତରରେ ରହିଥିବାବେଳେ ଅନ୍ୟଗୁଡ଼ିକ ପ୍ରାଦେଶିକ ସ୍ତରରେ କାର୍ଯ୍ୟ କରୁଛି। ଏହା ଛଡ଼ା କିଛି ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା (ଡିମ୍‌ଡ୍) ପ୍ରଦାନ କରାଯାଇଛି। ଏସବୁ ବିଶ୍ୱବିଦ୍ୟାଳୟ ଓ ତତୁଲ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ବା ୟୁଜିସି ଦ୍ୱାରା ପରିଚାଳିତ। ଏହାଛଡ଼ା ଦେଶରେ ପ୍ରାୟ ୧୦୦ ଜାତୀୟ ସ୍ତରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି ଯାହା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଆଇନଦ୍ୱାରା ସ୍ଥାପିତ ହୋଇଛି। ଏସବୁ ଶିକ୍ଷାନୁଷ୍ଠାନ ସିଧାସଳଖ ସଂପୃକ୍ତ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ। ଏହି ବର୍ଗର ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ରହିଛି ଦେଶର ମର୍ଯ୍ୟାଦାଜନକ ଆଇଆଇଟି, ଏନ୍‌ଆଇଟି, ଆଇଆଇଏମ୍ ଓ ଏମ୍ସ ସମୂହ। ଦେଶର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ବର୍ଗରେ ଆଇଆଇଟି ଓ ଏନ୍‌ଆଇଟି ସମୂହ ଅଛନ୍ତି। ଏସବୁ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି, ଶୈକ୍ଷିକ ପରିବେଶ, ଶିକ୍ଷକ, ଶିକ୍ଷାଦାନ, ପାଠ୍ୟକ୍ରମ ଗବେଷଣା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଅତି ଉଚ୍ଚକୋଟିର। ରାଜ୍ୟସ୍ତରରେ ଏଭଳି କିଛି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ରହିଛି ଯାହା ଜାତୀୟ ସ୍ତରର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନଠାରୁ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି। ସେମାନଙ୍କର ରେକର୍ଡ ମଧ୍ୟ ବେଶ୍ ଭଲ। ସବୁ ଉଚ୍ଚଶିକ୍ଷାନୁଷ୍ଠାନ ଭଳି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ମଧ୍ୟ ଗୋଟିଏ ଲକ୍ଷ୍ୟ ଉତ୍କୃଷ୍ଟ ଶିକ୍ଷାଦାନ ଉପରେ ଗୁରୁତ୍ୱ



ଦେଇଥାଏ। ଉଭୟ ଶିକ୍ଷା ଓ ଗବେଷଣା ମାଧ୍ୟମରେ ଏସବୁ ପ୍ରତିଷ୍ଠାନରେ ଜ୍ଞାନ ବିତରଣ କରାଯାଏ। ସମାଜର ହିତ ସାଧନ ପାଇଁ ପ୍ରାସଙ୍ଗିକ ଓ ଯୋଗ୍ୟ ହୋଇ ରହିବା ନିମନ୍ତେ ଏବେ ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନରେ ଶିକ୍ଷାନୀତିର ଦୃଷ୍ଟିକୋଣରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇଛି। ପାରମ୍ପରିକ ଢଙ୍ଗରେ ଶିକ୍ଷା ପ୍ରଦାନ ପରିବର୍ତ୍ତେ ଏ କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରିବାର ଆବଶ୍ୟକତା ଦେଖାଦେଇଛି। ଇନୋଭେସନ ବା ଅଭିନବତା ପାଇଁ ପ୍ରାକ୍ଟିକାଲ ଟ୍ରେନିଂ ବା ପ୍ରଶିକ୍ଷଣ ନ'ଦେଇ ପୁରୁଣା ଢାଞ୍ଚାରେ ପାଠପଢ଼ା, ଆଲୋଚନାଚକ୍ର, ମନୋଲଗ୍, ନୋଟ୍ ଓ ପରୀକ୍ଷା କଲେ ଏହି ଉଦ୍ଦେଶ୍ୟଟି ସାଧିତ ହେବନାହିଁ।

(୧) ବିଜ୍ଞାନ-ଇଞ୍ଜିନିୟରିଂ-ଟେକ୍‌ନୋଲୋଜି ସମ୍ପର୍କ : ବିଜ୍ଞାନ, ଇଞ୍ଜିନିୟରିଂ ଓ ଟେକ୍‌ନୋଲୋଜି କ୍ଷେତ୍ରରେ ସଫଳ ପ୍ରୟାସ ଓ ଅଧ୍ୟୟନ ନୂଆ ଉଦ୍ଭାବନର ବାଟ ଫିଟାଏ। ଏଥିରେ ନୂଆ ନିୟମ, ବିଷୟବସ୍ତୁ ବା ଉପାଦାନ ଓ ତଥ୍ୟ ବାହାରେ। ଏହା ସାହାଯ୍ୟରେ ନୂଆ ମେସିନ୍, ଔଷଧପତ୍ର, ଉପକରଣ ଓ ପ୍ରକ୍ରିୟାକରଣ ସୃଷ୍ଟିର ବାଟ ଫିଟେ। ଅତଏବ ଇଞ୍ଜିନିୟରିଂ ଶିକ୍ଷା ଆବଶ୍ୟକ ବୈଜ୍ଞାନିକ ମତବାଦ (ଥିଓରୀ) ଓ ନୀତି ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ। ଏହା ହେଲେ ସମାଜର ଆବଶ୍ୟକତା ପୂରଣ କରିବା ଭଳି ମଜବୁତ୍ ଉପକରଣ, ଶକ୍ତିଶାଳୀ ତାପଜ / ବୈଦ୍ୟୁତିକ କଣ୍ଡକ୍ଟର, ଶସ୍ତା ସ୍ୱାସ୍ଥ୍ୟ ସେବା ସୁବିଧା, ନିରନ୍ତର ଶକ୍ତି ଯୋଗାଣ ବ୍ୟବସ୍ଥା, ଅଙ୍ଗାରକାମ୍ଳ ଓ ଅଙ୍ଗାର ବୃଦ୍ଧି ଜନିତ ସମସ୍ୟାର ସମାଧାନ ହୋଇପାରିବ ଏବଂ ଏ କ୍ଷେତ୍ରରେ ନୂଆ ମେସିନ୍ ଓ ଯନ୍ତ୍ରପାତି ବାହାରି ପାରିବ।

(୨) ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ପ୍ରୟାସ: ସଂପ୍ରତି କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ କେତେକ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହାର ଲକ୍ଷ୍ୟ ହେଲା ଉଚ୍ଚଶିକ୍ଷାକୁ ବ୍ୟାପକ ଓ ପ୍ରଭାବୀ କରିବା ସହ ନିର୍ଦ୍ଦିଷ୍ଟଭାବେ ଇଞ୍ଜିନିୟରିଂ ଓ ଟେକ୍‌ନୋଲୋଜି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପରିବର୍ତ୍ତନ ଆଣିବା। ଏହି ପ୍ରୟାସରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ନିମ୍ନରେ ସଂକ୍ଷେପରେ ଆଲୋଚନା କରାଯାଇଛି।

**ଗବେଷଣା ଓ ଅଭିନବତା : ଷ୍ଟାର୍ଟଅପ୍ ଇଣ୍ଡିଆ ଇନିସିଏଟିଭ୍:**

ଦେଶରେ ଇନୋଭେସନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଇନୋଭେସନ ସେଲ୍ (ଏମ୍‌ଆଇସି) ଏବଂ ଶିକ୍ଷାନୁଷ୍ଠାନକୁ ଅଟଳ ମିଶନ ଜରିଆରେ ଶ୍ରେଣୀଭୁକ୍ତ (ର୍ୟାଙ୍କିଂ) କରାଯାଉଛି। ଏହା ଏଆର୍‌ଆଇଆଇ ଏ ନାମରେ ପରିଚିତ। ଅଟଳ ଇନୋଭେସନ ମିଶନରେ ଶିକ୍ଷାନୁଷ୍ଠାନ ସମୂହର ପ୍ରଦର୍ଶନକୁ ବିଚାରକୁ ନେଇ ଏହି ର୍ୟାଙ୍କ ପ୍ରଦାନର ବ୍ୟବସ୍ଥା କରାଯାଇଛି। ତରୁଣ ଛାତ୍ରଛାତ୍ରୀଙ୍କୁ ଉଦ୍ଭାବନ ମନସ୍କ କରିବା ସହ ସେମାନଙ୍କୁ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଣ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏଥିରେ ବ୍ୟୁତ୍ପତ୍ତି ହାସଲ କରି ପିଲାଏ ଭବିଷ୍ୟତରେ ସଫଳ ଉଦ୍ୟୋଗୀ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ସାରା ଦେଶରେ ୧୦୦୦ ପ୍ରତିଷ୍ଠାନ ଇନୋଭେଟିଭ ସେଣ୍ଟର (ଆଇଆଇସି) ଖୋଲାଯିବ। ଏସବୁ କେନ୍ଦ୍ର ଯୁବଛାତ୍ରଙ୍କ ମଧ୍ୟରେ ଇନୋଭେସନ ସମ୍ପର୍କରେ ସଚେତନତା ବୃଦ୍ଧି ସହ ଏହି ସଂସ୍କୃତିକୁ ପ୍ରୋତ୍ସାହିତ କରିବେ। ଏହା ଫଳରେ ନ୍ୟୁଇଣ୍ଡିଆ ଗଠନ ପାଇଁ ଦେଶରେ ଆବଶ୍ୟକ ପରିବେଶ ଓ ଲୋକଶକ୍ତି ତିଆରି ହୋଇପାରିବ। ଏକବିଂଶ ଶତାବ୍ଦୀ ଅଭିନବତା ବା ଇନୋଭେସନର ଶତାବ୍ଦୀ ଭାବେ ଘୋଷିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ୨୦୧୦-୨୦ ଦଶକକୁ ଇନୋଭେସନ ଦଶନ୍ଧି ଭାବେ ଉତ୍ସର୍ଗ କରିବାକୁ ଇଚ୍ଛୁକ।

ଗ୍ଲୋବାଲ ଇନିସିଏଟିଭ ଫର ଏକାଡେମିକ୍ ନେଟ୍‌ୱାର୍କ (ଜିଆଏ-ଏନ୍)-ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆନ୍ତର୍ଜାତିକ କ୍ଷେତ୍ରରେ ଏକାଡେମିକ ନେଟ୍‌ୱାର୍କ ପ୍ରତିଷ୍ଠା ସହ ଭାରତ ଓ ଅନ୍ୟାନ୍ୟ ଦେଶର ଉଚ୍ଚତର ଶିକ୍ଷାନୁଷ୍ଠାନ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଏବଂ ପ୍ରତିଭା ବଣ୍ଟନର ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ବିଭିନ୍ନ ଦେଶର ବିଦ୍ୱାନ



ଓ ପ୍ରତିଭାମାନଙ୍କ ଦିଗ୍‌ଦର୍ଶନ ଭାରତୀୟ ଛାତ୍ରଛାତ୍ରୀ ପାଇବା ସହ ଭାରତୀୟ ବିଦ୍ୱାନ ମଧ୍ୟ ଅନ୍ୟ ଦେଶରେ ସେମାନଙ୍କ ଜ୍ଞାନ ବିତରଣର ସୁବିଧା ପାଇବେ।

**ଏକାଡେମିକ ରିସର୍ଚ୍ଚ ସ୍କିମ୍ ଓ ସହଯୋଗଭିତ୍ତିକ ପ୍ରୋତ୍ସାହନ (ସ୍ପାର୍କ) :**

ଶିକ୍ଷା କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଜିଆଇଏଏନ୍ ପରେ ସ୍ପାର୍କ କାର୍ଯ୍ୟକ୍ରମ ହାତକୁ ନେଇଛି। ସ୍ପାର୍କର ଅର୍ଥ ହେଲା ସ୍କିମ୍ ଫର୍ ଏକାଡେମିକ ରିସର୍ଚ୍ଚ ଆଣ୍ଡ୍ ପ୍ରମୋସନ ବାଏ କୋଲାବରେସନ୍। ଏଥିରେ ଗବେଷଣା କ୍ଷେତ୍ରରେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଶ୍ୱର ଆଗଧାଡ଼ିର ଶିକ୍ଷାନୁଷ୍ଠାନ ଓ ଗବେଷଣା ପ୍ରତିଷ୍ଠାନ ସହ ସଂଯୁକ୍ତ କରାଯାଉଛି। ଏହି ଯୋଜନାରେ ୬୦୦ ଯୁଗ୍ମ ଗବେଷଣା ପ୍ରସ୍ତାବ ପାଇଁ ଆନ୍ତର୍ଜାତିକ ସହଯୋଗ ନିମନ୍ତେ ଦୁଇବର୍ଷ ପାଇଁ ସରକାର ପାଣ୍ଠି ଯୋଗାଇଦେବେ। ବିଶ୍ୱସ୍ତରୀୟ ର୍‍ୟାଙ୍କିଂଙ୍ଗରେ ଭାରତୀୟ ଶିକ୍ଷାନୁଷ୍ଠାନମାନ ପଛରେ ପଡ଼ିବାର ପ୍ରମୁଖ କାରଣ ହେଲା ଏଠାରେ ଆନ୍ତର୍ଜାତିକ ସ୍ତରରର ଶିକ୍ଷକ/ଅଧ୍ୟାପକଙ୍କ ଅଭାବ। ଅତଏବ ଏ କ୍ଷେତ୍ରରେ ଯେଉଁ ଅଭାବ ରହିଛି ସ୍ପାର୍କ ତାହାକୁ ପୂରଣ କରିପାରିବ ବୋଲି ଆଶା କରାଯାଏ। ଏହାଦ୍ୱାରା ଉନ୍ନତ ଶିକ୍ଷାଦାନ ଓ ଉତ୍ତମ ଗବେଷଣା ମାଧ୍ୟମରେ ଶିକ୍ଷାକ୍ଷେତ୍ରରେ ଅଭିନବତା ଆସିପାରିବ।

**ଡିଜିଟାଲ ଇଣ୍ଡିଆ-ଇ-ଲର୍ଣ୍ଣିଂ:**

ଏହି କାର୍ଯ୍ୟକ୍ରମରେ ଡିଜିଟାଇଜେସନ ସହାୟତାରେ ବାସ୍ତବ ବା ଭର୍ଚ୍ଚୁଆଲ ଶ୍ରେଣୀଗୃହ ସ୍ଥାପନ ଏବଂ ବ୍ୟାପକ ଅନ୍‌ଲାଇନ୍ ପାଠ୍ୟକ୍ରମ ଖୋଲିବାର ପ୍ରୟାସ କରାଯାଉଛି। ସଂକ୍ଷେପରେ ଏହା ଏମ୍‌ଓଓସିଏସ୍ ନାମରେ ପରିଚିତ। ଏହି ଭର୍ଚ୍ଚୁଆଲ କ୍ଲାସରୁମ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଶ୍ୱବିଦ୍ୟାଳୟ ବାହାରେ ଥିବା ନିୟୁତ ନିୟୁତ ଯୁବକଯୁବତୀଙ୍କୁ ଅନ୍‌ଲାଇନ ବ୍ୟବସ୍ଥାରେ ଶ୍ରେଷ୍ଠ ଶିକ୍ଷକଙ୍କ ଶିକ୍ଷା ଓ ପାଠ୍ୟକ୍ରମର ସୁଯୋଗ ସୁବିଧାରେ ଏବଂ ସ୍ୱଳ୍ପ ଖର୍ଚ୍ଚରେ ଯୋଗାଇବା। ଫଳରେ ନାମଲେଖା ଫି ଓ ଟ୍ୟୁସନ୍ ଫି ବାବଦରେ ଏହି ଶିକ୍ଷାର୍ଥୀମାନଙ୍କୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ିବ ନାହିଁ। ସେମାନଙ୍କୁ

> ଦେଶର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ବର୍ଗରେ ଆଇଆଇଟି ଓ ଏନ୍‌ଆଇଟି ସମୂହ ଅଛନ୍ତି। ଏସବୁ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି, ଶୈକ୍ଷିକ ପରିବେଶ, ଶିକ୍ଷକ, ଶିକ୍ଷାଦାନ, ପାଠ୍ୟକ୍ରମ ଗବେଷଣା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଅତି ଉଚ୍ଚକୋଟିର। ରାଜ୍ୟସ୍ତରରେ ଏଭଳି କିଛି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ରହିଛି ଯାହା ଜାତୀୟ ସ୍ତରର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନଠାରୁ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି। ସେମାନଙ୍କର ରେକର୍ଡ ମଧ୍ୟ ବେଶ୍ ଭଲ। ସବୁ ଉଚ୍ଚଶିକ୍ଷାନୁଷ୍ଠାନ ଭଳି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ମଧ୍ୟ ଗୋଟିଏ ଲକ୍ଷ୍ୟ ଉତ୍କୃଷ୍ଟ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇଥାଏ। ଉଭୟ ଶିକ୍ଷା ଓ ଗବେଷଣା ମାଧ୍ୟମରେ ଏସବୁ ପ୍ରତିଷ୍ଠାନରେ ଜ୍ଞାନ ବିତରଣ କରାଯାଏ। ସମାଜର ହିତ ସାଧନ ପାଇଁ ପ୍ରାସଙ୍ଗିକ ଓ ଯୋଗ୍ୟ ହୋଇ ରହିବା ନିମନ୍ତେ ଏବେ ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନରେ ଶିକ୍ଷାନୀତିର ଦୃଷ୍ଟିକୋଣରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇଛି।

ମଧ୍ୟ ପାଠ ପଢ଼ିବାର ସୁଯୋଗ ନେବାକୁ ଜେଇଇ ବା ପ୍ରବେଶିକା ପରୀକ୍ଷା ଦେବାକୁ ହେବନି। ଏମ୍‌ଓଓସିଏସ୍ ଶିକ୍ଷକମାନଙ୍କ ସହ ସୀମିତ ସମ୍ପର୍କ ଓ ବାର୍ତ୍ତାର ସୁଯୋଗ ଦେବ। ବିଦ୍ୟାର୍ଥୀ ନିର୍ଦ୍ଧାରିତ ବ୍ୟବସ୍ଥାରେ ପରୀକ୍ଷା ଦେଇ ସାର୍ଟିଫିକେଟ୍ ହାସଲ କରିପାରିବେ ଯାହା ତାଙ୍କୁ ନିଯୁକ୍ତି ପାଇବାରେ ସହାୟକ ହେବ।

ଗବେଷଣା ଓ ଅଭିନବତା : (ନ୍ୟାସ୍‌ନାଲ ଇନିସିଏଟିଭ୍ ଫର୍ ଡିଜାଇନ୍ ଇନୋଭେସନ) ଏହା ମାଧ୍ୟମରେ ଡିଜାଇନ୍ ଭିତ୍ତିକ ଅଭିନବତା ଉପରେ ଗୁରୁତ୍ୱ ଦିଆଯାଉଛି। ଶିଳ୍ପୋଦ୍ୟୋଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ଡିଜାଇନ୍ ଭିତ୍ତିକ ଇନୋଭେସନ ମାଧ୍ୟମରେ ବିଶ୍ୱସ୍ତରରେ ଭାରତୀୟ ଉଦ୍ୟୋଗକୁ ପ୍ରତିଯୋଗିତାମୂଳକ କରିବା ଏହାର ଉଦ୍ଦେଶ୍ୟ। ଏହି ଯୋଜନାରେ ସମଗ୍ର ଦେଶରେ ୨୦ଟି ନୂଆ ଡିଜାଇନ୍ ସେଣ୍ଟର (ଡିଆଇସି) ଗୋଟିଏ ନୂଆ ମୁକ୍ତ ଡିଜାଇନ୍ ସେଣ୍ଟର (ଓଡିଏସ୍) ଓ ଏକ ଜାତୀୟ ଡିଜାଇନ୍ ଇନୋଭେସନ ନେଟ୍‌ୱାର୍କ (ଏନ୍‌ଡିଆଇଏନ୍) ଖୋଲିବାର ଲକ୍ଷ୍ୟ ରଖାଯାଇଛି।

ଉଚ୍ଚତର ଆବିଷ୍କାର ଯୋଜନା (ୟୁଏୱାଏ): ୟୁଏୱାଏ ଶିଳ୍ପ ପ୍ରାୟୋଜିତ, ଫଳାଫଳ ଭିତ୍ତିକ ପ୍ରକଳ୍ପକୁ ପ୍ରୋତ୍ସାହିତ କରିବାକୁ ଉଦ୍ଦିଷ୍ଟ। ୨୦୧୬-୧୭ରେ ଏଥିପାଇଁ ଦୁଇବର୍ଷ ନିମନ୍ତେ ୪୭୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ପ୍ରକଳ୍ପ ବ୍ୟୟର ୫୦ ଶତାଂଶ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଓ ଅବଶିଷ୍ଟ ୫୦ଭାଗ ଉଭୟ ଶିଳ୍ପ ସଂସ୍ଥା ଓ ଆୟୋଜକ ପ୍ରତିଷ୍ଠାନ ସମାନ ଭାବେ ବହନ କରିବାର ବ୍ୟବସ୍ଥା ଅଛି। ଆଇଆଇଟିଗୁଡ଼ିକରେ ଇନୋଭେସନକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଉଦ୍ଦିଷ୍ଟ। ଏଥିରେ ମାନୁଫାକଚରିଙ୍ଗ ଶିଳ୍ପ ସହାୟତା ଗ୍ରହଣ କରାଯାଉଛି। ଶିକ୍ଷାନୁଷ୍ଠାନ ଓ ଉଦ୍ୟୋଗ ଜଗତ ମଧ୍ୟରେ ସମ୍ପର୍କ ରକ୍ଷା କ୍ଷେତ୍ରରେ ଏହା କାର୍ଯ୍ୟକରୁଛି।

**ଇଂପ୍ରିଣ୍ଟ - ଉଚ୍ଚତର ଶିକ୍ଷାନୁଷ୍ଠାନରେ ଇନୋଭେସନ:**

ଏବେ ପ୍ରଶ୍ନ ହେଉଛି ଏହାପରେ କ'ଣ ? ଭାରତ ସରକାର ଦେଶରେ ଇନୋଭେସନ୍ ସଂସ୍କୃତିର ପ୍ରସାର ପାଇଁ, ବିଶେଷ କରି ଆଇଆଇଟି, ଏନ୍‌ଆଇଟି ଓ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନରେ ଏହାକୁ ବିଶେଷ ଲୋକପ୍ରିୟ କରିବା ନିମନ୍ତେ ଏକ ନୂଆ ସ୍କିମ୍ ପ୍ରସ୍ତୁତ କରିଛନ୍ତି। ଏହାର ନାମ ରଖାଯାଇଛି ଇମ୍ପାକ୍ଟିଂ ରିସର୍ଚ୍ଚ ଇନୋଭେସନ ଆଣ୍ଡ୍ ଟେକ୍‌ନୋଲୋଜି ବା ଇଂପ୍ରିଣ୍ଟ। ଗବେଷଣା ଲବ୍ଧ ଜ୍ଞାନକୁ ବ୍ୟବହାର୍ଯ୍ୟ ଓ ବାସ୍ତବ ରୂପଦେବା ପାଇଁ ଟେକ୍‌ନୋଲୋଜି ବାହାର କରିବା ଏହାର ମୂଳ ଉଦ୍ଦେଶ୍ୟ। ଗବେଷଣା, ଉନ୍ନୟନ ଓ ଅଭିନବତାକୁ ପ୍ରୋତ୍ସାହିତ କରିବା କିଛି ନୂଆ କଥା ନୁହେଁ। ତେବେ 'ଇଂପ୍ରିଣ୍ଟ'ର ପରିକଳ୍ପନା କାହିଁକି ? ଇଂପ୍ରିଣ୍ଟର ବିଶେଷତ୍ୱ କ'ଣ ? ଏ ସମ୍ପର୍କରେ ଆସନ୍ତୁ ଜାଣିବା।

ଆମେ ଏକଥା ଜାଣୁ ଯେ ଭାରତ ତାହାର

୨.୫ଟ୍ରିଲିୟନ ଡଲାରରୁ ଅଧିକ ଜିଡିପି ସହ ଏକ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଲକ୍ଷ୍ୟ ହାସଲରେ ଆଗେଇ ଚାଲିଛି । ଏହା ମଧ୍ୟ ବିଶ୍ୱର ଏକ ପ୍ରମୁଖ ଆର୍ଥିକ ଶକ୍ତି ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ଆଗ୍ରହୀ । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦେଶର ୧୨୫ କୋଟିରୁ ଅଧିକ ଲୋକଶକ୍ତି ରହିଛି ଯାହା ମଧ୍ୟରେ ୮୦କୋଟି ଲୋକଙ୍କର ବୟସ୍କ ୩୫ ବର୍ଷରୁ କମ୍ । ଆହୁରି ମଧ୍ୟ ଯଦି ଲୋକସଂଖ୍ୟାର ହାରାହାରି ବୟସକୁ ୨୮ ଧରାଯାଏ ତେବେ ଭାରତ ବିଶ୍ୱର ସବୁଠୁ ଯୁବ ରାଷ୍ଟ୍ରଭାବେ ପରିଗଣିତ । ଏହା ସତ୍ତ୍ୱେ ଭାରତରେ ସମସ୍ୟାର ଅଭାବ ନାହିଁ । ଊର୍ଜା, ଭୌତିକ / ସାଇବର ନିରାପତ୍ତା, ପାନୀୟଜଳ, ପରିବେଶ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ, ଆବାସ, ଶିକ୍ଷା ସୁବିଧାର ଅଭାବ, ଦାରିଦ୍ର୍ୟ ଓ ବେକାରୀ ଦେଶ ପାଇଁ ଏବେ ମଧ୍ୟ ପ୍ରମୁଖ ସମସ୍ୟାଭାବେ ଦଣ୍ଡାୟମାନ । ଏସବୁ ସମସ୍ୟାବଳୀର ସମାଧାନ ପାଇଁ ଅଧିକାଂଶ ସ୍ଥଳେ ଟେକ୍‌ନୋଲୋଜିର ବିକାଶ ଓ ଇଞ୍ଜିନିୟରିଂ ବିଦ୍ୟାର ଉପଯୋଗ ଜରୁରୀ । ଅତଏବ ଦେଶର ପ୍ରମୁଖ ସମସ୍ୟାବଳୀର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଇମ୍ପାକ୍ଟିଂ ରିସର୍ଚ୍ଚ ଇନୋଭେସନ ଆଣ୍ଡ୍ ଟେକ୍‌ନୋଲୋଜିର ଯେଉଁ ଆହ୍ୱାନ ଦେଇଥିଲେ ଇଂପ୍ରିଣ୍ଟ (IMPRINT) ତାହାର କ୍ଷୁଦ୍ର ନାମ । ୨୦୧୫ ନଭେମ୍ବର ୫ରେ ଇଂପ୍ରିଣ୍ଟ ରାଷ୍ଟ୍ରପତି ଭବନରୁ ଆରମ୍ଭ ହୋଇଥିଲା ।

ପାରମ୍ପରିକ ଗବେଷଣା ପ୍ରୟାସଠାରୁ ଇଂପ୍ରିଣ୍ଟ ଭିନ୍ନ । ଏହା କେବଳ ନୂଆ କୌଶଳ ବା ଆବିଷ୍କାର ପାଇଁ ଉଦ୍ଦିଷ୍ଟ ନୁହେଁ । ଟେକ୍‌ନୋଲୋଜି ମାଧ୍ୟମରେ ଜ୍ଞାନର ବାସ୍ତବାୟନ ବା ପ୍ରୟୋଗ ପାଇଁ ଏହା ଉଦ୍ଦିଷ୍ଟ । ଦ୍ୱିତୀୟତଃ ଏହା ଗୋଟିଏ ନୁହେଁ; ଦେଶ ସମ୍ମୁଖୀନ ହେଉଥିବା ସବୁ ବୈଷୟିକ ବା ଟେକ୍‌ନୋଲୋଜି ଆହ୍ୱାନର ମୁକାବିଲା କରିବାକୁ ଏହା ଉଦ୍ଦିଷ୍ଟ । ତୃତୀୟତଃ ଏହା ସମାବେଶୀ ଢାଞ୍ଚାରେ କାମ କରିବାକୁ ଅଭିପ୍ରେତ ଯେଉଁଥିରେ ସଂପୃକ୍ତ ସମସ୍ତ ପକ୍ଷକୁ ଏକଜୁଟ୍ କରିବାର ବ୍ୟବସ୍ଥା ରହିଛି । ମନ୍ତ୍ରଣାଳୟଠାରୁ ଶିଳ୍ପସଂସ୍ଥା ପର୍ଯ୍ୟନ୍ତ ସମସ୍ତେ ଏହା ସହ ସଂପୃକ୍ତ । ପ୍ରାରମ୍ଭିକ ପର୍ଯ୍ୟାୟରେ ଇଂପ୍ରିଣ୍ଟ ପ୍ରତି ଗବେଷକ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ବିଶେଷ ଆଗ୍ରହ ପ୍ରକାଶ ପାଇଥିଲା ଓ ଏହା ବେଶ୍ ଉତ୍ସାହଜନକ ଥିଲା । ଏଥିପାଇଁ ଯେଉଁ ୨୬୧୨ ପ୍ରସ୍ତାବ ଆସିଥିଲା ସେଥିରୁ ୨୫୯ଟିକୁ ବଛାଯାଇଛି । ତା'ମଧ୍ୟରୁ ୧୪୨ଟି ଉପରେ କାମ ଆରମ୍ଭ ହୋଇଛି ଓ ସେଥିପାଇଁ ତିନିବର୍ଷ ନିମନ୍ତେ ୪୮୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏ ପର୍ଯ୍ୟନ୍ତ ଇଂପ୍ରିଣ୍ଟ-୧ରେ ୨୦୦ ପ୍ରକାଶନ ସମୀକ୍ଷା ପାଇଁ ଉପସ୍ଥାପିତ ହୋଇଥିବାବେଳେ ୨୫ଟି ଉଦ୍ଭାବନ ପାଇଁ ପେଟେଣ୍ଟ ଆବେଦନ କରାଯାଇଛି । ଏକଶହ ଗବେଷକ, ୫୦ରୁ ଅଧିକ ଡକ୍ଟରେଟ ଉପାଧିଧାରୀ ଓ ୨୫୦ରୁ ଅଧିକ ପ୍ରୋଜେକ୍ଟ ଷ୍ଟାଫ୍ ବିଭିନ୍ନ ପ୍ରକଳ୍ପରେ ଏବେ କାର୍ଯ୍ୟରତ ଅଛନ୍ତି । ଏହି ୧୪୨ ପ୍ରକଳ୍ପର ସ୍ଥିତି ଓ କାର୍ଯ୍ୟ ସମ୍ପର୍କରେ ଆବଶ୍ୟକ ତଥ୍ୟ ଜାଣିବା ପାଇଁ ଇଂପ୍ରିଣ୍ଟ ୱେବସାଇଟ୍ ଖୋଲାଯାଇଛି ଯାହାକୁ https:/imprint-india.org/knowledgeportal ମାଧ୍ୟମରେ ଆକ୍‌ସେସ୍ କରିହେବ । ପ୍ରକଳ୍ପଗୁଡ଼ିକ ଶେଷ ହେବା ପର୍ଯ୍ୟନ୍ତ ଏହି ପୋର୍ଟାଲ ଖୋଲା ରହିବ । ଏହି ପ୍ରକଳ୍ପ ଲବ୍ଧ ସମସ୍ତ ଉଦ୍ଭାବନ, ସାମଗ୍ରୀ, ପୋଟୋଟାଇପ୍ ୨୦୧୯ ଫେବୃଆରୀରେ ଆୟୋଜିତ ହେବାକୁ ଥିବା ଏକ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ । ଏହାକୁ ମାନବସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାୱଡେକର ଉଦ୍‌ଘାଟନ କରିବେ । ଇଂପ୍ରିଣ୍ଟ-୧ର ସଫଳତାରେ ଉତ୍ସାହିତ ହୋଇ ଏହାର ଦ୍ୱିତୀୟ ସଂସ୍କରଣ ଆରମ୍ଭ କରାଯାଇଛି ଯାହା ଇଂପ୍ରିଣ୍ଟ-୨ ଭାବେ ନାମିତ । ଏହାକୁ ଅଧିକ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ କରାଯିବା ସହ ଏଥିରେ ଅଧିକ ଅନୁଷ୍ଠାନ ଓ ସଂସ୍ଥାକୁ ସାମିଲ କରି ଏହାର ପରିସର ବୃଦ୍ଧି






କରାଯାଇଛି । ଏଥିରେ ଅଧିକ ଚାହିଦା ଥିବା ସମସ୍ୟା ସମାଧାନ କୌଶଳର ଉପଯୋଗ କରାଯାଇଛି । ଦେଶର ଭୌଗୋଳିକ ସ୍ଥିତି ଓ ବିଭିନ୍ନ ରାଜ୍ୟର ଆବଶ୍ୟକତାକୁ ବିଚାରକୁ ନେଇ ନୂଆ ଟେକ୍‌ନୋଲୋଜି ବିକଶିତ କରିବା ସହ ନୂଆ ସାମଗ୍ରୀର ଉଦ୍ଭାବନ ଓ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି । ଫଳରେ ନୂଆ ଟେକ୍‌ନୋଲୋଜି ଓ ସାମଗ୍ରୀର ବ୍ୟବହାର ସହଜ ହେବ । ସାଇନ୍ସ ଓ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ସର୍ବ) ଏହାର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟକରୁଛି ଏବଂ ଇଂପ୍ରିଣ୍ଟ-୨ ଜାତୀୟ କୋଅର୍ଡିନେଟ୍‌ର ଦାୟିତ୍ୱ ତୁଲାଉଛି । ଇଂପ୍ରିଣ୍ଟ-୨ ପାଇଁ ସରକାରଙ୍କ ସବୁ ପ୍ରତିଷ୍ଠିତ ବୈଷୟିକ ଓ ଶୈକ୍ଷିକ ଅନୁଷ୍ଠାନର ଅଧ୍ୟାପକ ମଣ୍ଡଳୀ, ଗବେଷକ ନିଜନିଜର ପ୍ରସ୍ତାବ ପଠାଇବାକୁ ଯୋଗ୍ୟ । ସେମାନେ ମଧ୍ୟ ପ୍ରିନ୍ସପାଲ୍ ଇନ୍‌ଭେଷ୍ଟିଗେଟ୍‌ର ଦାୟିତ୍ୱ ତୁଲାଇବାକୁ ଯୋଗ୍ୟ ବିବେଚିତ ।

୨୦୧୮-୧୯ରୁ ୨୧-୨୨ ପର୍ଯ୍ୟନ୍ତ ଇଂପ୍ରିଣ୍ଟର ମୋଟ୍ ବ୍ୟୟବରାଦ ପ୍ରାୟ ୬୭୦ କୋଟି ଟଙ୍କା । ସେଥିମଧ୍ୟରୁ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧା ଓ ଅନ୍ୟା ଡିଏସ୍‌ଟି ସମୂହ ବାକି ଅର୍ଥ ବହନ କରିବେ । ଇଂପ୍ରିଣ୍ଟ-୧ ଭଳି ଇଂପ୍ରିଣ୍ଟ-୨ ପ୍ରତି ମଧ୍ୟ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି । ପ୍ରାରମ୍ଭିକ ଭାବେ ମିଳିଥିବା ୨୧୪୫ ପ୍ରସ୍ତାବ ମଧ୍ୟରୁ ୫୪୯କୁ ବଛାଯାଇ ସେଥିରୁ ୧୨୨ଟିକୁ ଅର୍ଥ ଯୋଗାଇଦେବାକୁ ସୁପାରିସ କରାଯାଇଛ । ଇଂପ୍ରିଣ୍ଟ-୨ର ମୂଳ ଲକ୍ଷ୍ୟ ଓ ନୀତି ନିମ୍ନରେ ପ୍ରଦାନ କରାଯାଇଛି ।

- ବିଭିନ୍ନ କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ସାମଗ୍ରୀ / ପ୍ରକ୍ରିୟା ବାହାର କରିବା ଯାହା ବୈଷୟିକ ଦୃଷ୍ଟିରୁ ବ୍ୟବହାର ଯୋଗ୍ୟ ହୋଇପାରୁଥିବ ।
- ଟେକ୍‌ନୋଲୋଜି ବିକାଶ ଓ ଉଦ୍ଭାବନ କ୍ଷେତ୍ରରେ ବିଭିନ୍ନ ପକ୍ଷଙ୍କୁ ସାଙ୍ଗରେ ନେଇ ମିଳିତ ଭାବେ କାର୍ଯ୍ୟ କରିବା ।
- ନୂଆ ଟେକ୍‌ନୋଲୋଜିକୁ ବିଭିନ୍ନ କ୍ଷେତ୍ରକୁ ପ୍ରଦାନ ଓ ଜ୍ଞାନକୌଶଳର ପ୍ରସାର ।
- ଗବେଷଣା ଓ ଉନ୍ନୟନ ପ୍ରତି ଅଧିକ ମନୋନିବେଶ କରି ପ୍ରଚଳିତ ଟେକ୍‌ନୋଲୋଜିର ବିକାଶ ଏବଂ ବ୍ୟବହାରକାରୀଙ୍କ ଠାରୁ ଦୋଷତ୍ରୁଟି ସଂକ୍ରାନ୍ତ ତଥ୍ୟ ତଥା ମତାମତ ସଂଗ୍ରହ କରି ସାମଗ୍ରୀରେ ଉନ୍ନତି ବିଧାନ ।
- ନୂଆ ଟେକ୍‌ନୋଲୋଜି ଓ ଉଦ୍ଭାବନକୁ କାର୍ଯ୍ୟରେ ଲଗାଇବା ପାଇଁ ଶିଳ୍ପ ସଂସ୍ଥା ଓ ବିଭିନ୍ନ ସଂପୃକ୍ତ ପକ୍ଷଙ୍କ ସହ ନିରନ୍ତର ସହଯୋଗ ।
- ବିଭିନ୍ନ ଉଚ୍ଚତର ବୈଷୟିକ ଶିକ୍ଷାନୁଷ୍ଠାନରେ ଇନୋଭେସନ ପାଇଁ ପ୍ରୋତ୍ସାହନ ସୃଷ୍ଟି ସହ ପ୍ରଚଳିତ ଟେକ୍‌ନୋଲୋଜିର ବିକାଶ ପାଇଁ ସୁବିଧା ସୁଯୋଗ ସୃଷ୍ଟି ।

**ଉପସଂହାର:**

ବର୍ତ୍ତମାନର ଜ୍ଞାନଭିତ୍ତିକ ସମାଜରେ ବିଜ୍ଞାନ ଆଉ ଅନ୍ୱେଷଣ ବା ଅନୁସନ୍ଧିତ୍ସା ଭିତ୍ତିକ କାମରେ ସୀମିତ ହୋଇ ରହିନାହିଁ । ଏହାକୁ ମଣିଷର ଆବଶ୍ୟକତା ପୂରଣ ଓ ସମସ୍ୟା ସମାଧାନର ମାଧ୍ୟମ କରିବାର ଆବଶ୍ୟକତା ଅଧିକ ଅନୁଭୂତ ହେଉଛି । ଇଂଞ୍ଜିନିୟରିଂ ଓ ଇନୋଭେସନକୁ ସମାଜର କଲ୍ୟାଣ ପାଇଁ କେତେ ଅଧିକ ବିନିଯୋଗ କରିହେବ ତାହା ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି । ବିଜ୍ଞାନର ଅନୁଧାବନ କରିବା ଏକ ନିରନ୍ତର ବ୍ୟାପାର । ଏହାର ଫଳ ବିଳମ୍ବିତ ହୋଇଥାଏ ଓ ଗବେଷଣା ପାଇଁ ବହୁ ଶ୍ରମ ଓ ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ । ଇନୋଭେସନ ମଣିଷ ଜୀବନରେ ପରିବର୍ତ୍ତନ ଆଣେ ଓ ସାମାଜିକ ସମସ୍ୟା ଦୂର କରେ । ତେଣୁ ଏହା ଏକ କଷ୍ଟସାଧ ପ୍ରକ୍ରିୟା ହେଲେ ମଧ୍ୟ ଏକ ନିରାପଦ, ସୁସ୍ଥ, ସମର୍ଥ ଓ ସୁନ୍ଦର ଭାରତ ଗଠନ ପାଇଁ ଆମକୁ ଇନୋଭେସନ କ୍ଷେତ୍ରରେ ଆଗୋଇବାକୁ ପଡ଼ିବ ।

**ଲେଖକ ହେଉଛନ୍ତି ଆଇଆଇଟି ଖଡ଼ଗପୁରର ଜଣେ ପ୍ରଫେସର ଓ ଇଂପ୍ରିଣ୍ଟର ଜାତୀୟ କୋଅର୍ଡିନେଟର ।**
**Email id- imanna@metal.iitkgp.ac.in**

# ଆର୍ଥିକ କ୍ଷେତ୍ରରେ ଅଭିନବତା

ଶିଶିର ସିହ୍ନା

ଆବିଷ୍କାର ଏକ ଜଟିଳ ଓ ଆହ୍ୱାନମୂଳକ ବ୍ୟାପାର; କିନ୍ତୁ ଉଦ୍ଭାବନ ବା ଅଭିନବତା ତା'ଠାରୁ ଅଧିକ କଷ୍ଟସାଧ୍ୟ। ଏହାର କାରଣ ହେଲା ଆବିଷ୍କାର ଅନିଶ୍ଚିତତାରୁ ଆରମ୍ଭ ହୁଏ ଏବଂ ଶେଷରେ ଯାହା ମିଳେ ତାହା ଆବିଷ୍କାରକଙ୍କ ଚିନ୍ତା ଓ ବିଚାରଠାରୁ ଭିନ୍ନ ହୋଇପାରେ। ତେବେ ଉଦ୍ଭାବନ କ୍ଷେତ୍ରରେ ଏହା ସମାନ ନୁହେଁ। ଉଦ୍ଭାବନ ବା ଇନୋଭେସନରେ ଏକ ପ୍ରଚଳିତ ପ୍ରକ୍ରିୟା ବା ସାମଗ୍ରୀରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରାଯାଇଥାଏ ଏବଂ ଏଥିପାଇଁ ନୂଆ ବୁଦ୍ଧି, ବିଚାର ଆଦି ପ୍ରୟୋଗ କରାଯାଏ। ଏଥିରେ ସଫଳତା ମିଳିଥାଏ ବା ଅନେକ ସମୟରେ ବିଫଳ ହେବାକୁ ପଡ଼େ। ତେବେ ଏ କ୍ଷେତ୍ରରେ ଯେଉଁ ସଫଳତା ବିଫଳତା ମିଳେ ଏହା ଜନସାଧାରଣଙ୍କୁ କିପରି ପ୍ରଭାବିତ କରିଥାଏ, ତା' ଉପରେ ଅନେକ କଥା ନିର୍ଭର କରେ।

ଟେକ୍‌ନୋଲୋଜିର ବ୍ୟବହାର ଉପରେ ମଧ୍ୟ ଅନେକ ସମୟରେ ସଫଳତା, ବିଫଳତା ନିର୍ଭର କରେ। ଭାରତରେ ଆର୍ଥିକ କ୍ଷେତ୍ରରେ ଅଭିନବତା ଏହା ଉପରେ ଅଧିକ ନିର୍ଭରଶୀଳ। ପ୍ରଧାନମନ୍ତ୍ରୀ ଧନଜନ ଯୋଜନାଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଏପରିକି ଜିଏସ୍‌ଟି ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ ହେଉଛି। ଏହି ପ୍ରଯୁକ୍ତି ବିଦ୍ୟା ବା ଟେକ୍‌ନୋଲୋଜିର ସଫଳତା ଓ ସାମର୍ଥ୍ୟ ଉପରେ ଆମ ଅଭିନବତାର ଭାଗ୍ୟ ଓ ଭବିଷ୍ୟତ ନିର୍ଭରଶୀଳ। ଏହି ଟେକ୍‌ନୋଲୋଜି ସରଳ, ସହଜ, ସୁଲଭ ହେବାର ଆବଶ୍ୟକତା ରହିଛି। ତା' ନହେଲେ ଏହା ସର୍ବସାଧାରଣଙ୍କ କାର୍ଯ୍ୟରେ ଲାଗିବ ନାହିଁ, କିମ୍ବା ସରକାର ଏହା ଦ୍ୱାରା ନିଜର ଲକ୍ଷ୍ୟ ହାସଲ କରିପାରିବେ ନାହିଁ। ସୁଖର କଥା ଏଭଳି ଅଧିକାଂଶ ଇନୋଭେସନ ଲକ୍ଷ୍ୟ ମୁତାବକ ହେଉଛି ଏବଂ ଉଭୟ ସରକାର ଓ ଜନତାଙ୍କ କାମରେ ଲାଗୁଛି। ସରକାର ଯେଉଁସବୁ ବଡ଼ ବଡ଼ ଯୋଜନା / କାର୍ଯ୍ୟକ୍ରମ ଜନକଲ୍ୟାଣ ଉଦ୍ଦେଶ୍ୟରେ ଆରମ୍ଭ କରୁଛନ୍ତି ତାହାର କାର୍ଯ୍ୟକାରିତା ପାଇଁ ଉପଯୁକ୍ତ ଅଭିନବ ପ୍ରୟାସ ବାହାର କରାଯାଉଛି। ବିତ୍ତୀୟ ଓ ବ୍ୟାଙ୍କ ଉଦ୍ୟୋଗରେ ନିକଟ ଅତୀତରେ କାର୍ଯ୍ୟକାରୀ ହୋଇଥିବା ଏଭଳି କିଛି ଅଭିନବତା ସମ୍ପର୍କରେ ଆସନ୍ତୁ ନିମ୍ନମତେ ଆଲୋଚନା କରିବା।

**ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡିୱାଇ):**

ଏହି ଯୋଜନା ୨୦୧୪ ଅଗଷ୍ଟ ୨୮ରେ ଆରମ୍ଭ ହୋଇଥିଲା। ୨୦୧୮ ସେପ୍ଟେମ୍ବର ୫ରେ ଏଥିରେ କେତେକ ପରିବର୍ତ୍ତନ କରାଯାଇ ଏହାକୁ ଉନ୍ନତ କରାଗଲା। ଏହାର ଉଦ୍ଦେଶ୍ୟ ଥିଲା ଦେଶର ସମସ୍ତ ନାଗରିକଙ୍କୁ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରି ଏ କ୍ଷେତ୍ରରେ ଏକ ସମାବେଶୀ ଅଧ୍ୟାୟ ଆରମ୍ଭ କରିବା। ତେଣୁ ବ୍ୟାଙ୍କରେ ଜମାଖାତା ନ ଥିବା ସବୁ ଲୋକଙ୍କୁ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ସୁଯୋଗ



ଦିଆଗଲା ଏବଂ ବ୍ୟାଙ୍କରେ ଟଙ୍କା ଜମାରଖିବା ଏପରିକି ସର୍ବନିମ୍ନରାଶୀ ରହିବାର ଆବଶ୍ୟକତା ବାଧ୍ୟତାମୂଳକ ହେଲା ନାହିଁ। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଦ୍ୱାରା ସମସ୍ତଙ୍କୁ ଆବଶ୍ୟକ ସ୍ଥଳେ କ୍ରେଡିଟ (ଋଣ) ଯୋଗାଣ, ଟଙ୍କା ଦେଣନେଣ, ବୀମା ଓ ବଞ୍ଚିତବର୍ଗଙ୍କୁ ପେନ୍‌ସନ୍ ପ୍ରଦାନର ସୁବିଧା ସୁଯୋଗ ମିଳିଲା। ସ୍ଥାୟୀ ରୋଜଗାର ନ ଥିବା ତଥା ବିଶେଷ କରି ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକେ ଏହି ଆନୁଷ୍ଠାନିକ ଆର୍ଥିକ ସମାବେଶୀ ପ୍ରକ୍ରିୟା ଦ୍ୱାରା ଅଧିକ ସଂଖ୍ୟାରେ ଉପକୃତ ହୋଇଛନ୍ତି। ସଫଳ ଟେକ୍‌ନୋଲୋଜିର ପ୍ରୟୋଗ ଫଳରେ ଏହି ଯୋଜନା ବିଶେଷ ଭାବେ ଆଦୃତି ଲାଭ କରିଛି। ପ୍ରାରମ୍ଭିକ ଭାବେ ଗ୍ରାମାଞ୍ଚଳର ଛ'କୋଟି ଓ ସହରାଞ୍ଚଳର ୧.୫ କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଥିଲା। ପରେ ଏହି ଲକ୍ଷ୍ୟକୁ ବଦଳାଇ ଦେଶରେ ବ୍ୟାଙ୍କ ଖାତା ନ ଥିବା ସବୁ ସାବାଳକଙ୍କୁ ଜନଧନ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା।

ଏହି ସ୍କିମ୍‌ଟି ପୂର୍ବ ପ୍ରଚଳିତ 'ସ୍ୱାଭିମାନ' କାର୍ଯ୍ୟକ୍ରମର ଏକ ଅଭିନବ ରୂପ ଯାହା ମୋଦୀ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏକ ପୁରୁଣା ପ୍ରଚଳିତ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଯାଇ ଏହାକୁ ଅଧିକ ବାସ୍ତବବାଦୀ କରାଯାଇଛି। ଜନଧନ ଯୋଜନାରେ ପ୍ରତ୍ୟେକ ଗୃହସ୍ଥିଙ୍କୁ ସମ୍ପୃକ୍ତ କରାଯାଇଥିବାବେଳେ ସ୍ୱାଭିମାନ ଯୋଜନାରେ ଗାଁସବୁକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଧନଜନ ଯୋଜନା ଉଭୟ ଗ୍ରାମ ଓ ସହରାଞ୍ଚଳର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ପୂର୍ବଯୋଜନାଟିରେ କେବଳ ୨୦୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁକୁ ସାମିଲ କରାଯାଇଥିଲା। ଜନଧନ ଯୋଜନାରେ ସାରା ଦେଶର ଲୋକଙ୍କୁ ବ୍ୟାଙ୍କ ସୁବିଧା ଯୋଗାଇବାର ବ୍ୟବସ୍ଥା କରାଯାଇଛି ଏବଂ ୧୦୦୦-୧୫୦୦ଲୋକ ବସବାସ କରୁଥିବା ଗାଁକୁ ପାଞ୍ଚ କିମି ମଧ୍ୟରେ ବ୍ୟାଙ୍କ ଉପସେବା ଯୋଗାଣର ବ୍ୟବସ୍ଥା ରହିଛି।

ବ୍ୟାଙ୍କ କଥା ଉଠିଲେ ସାଧାରଣତଃ ଏକ ଇଟା ସିମେଣ୍ଟ ଘରର ଚିତ୍ର ମନକୁ ଆସେ ଯେଉଁଠି ବ୍ୟାଙ୍କ ଚାଲେ। ତେବେ ଜନଧନ ବ୍ୟବସ୍ଥାରେ ବ୍ୟାଙ୍କକୁ କେବଳ ଦପ୍ତର ଭିତ୍ତିକ ଢାଞ୍ଚାରେ ସୀମିତ ରଖାଯାଇନାହିଁ। ଏହାକୁ ମେସିନକୁ ସଂପ୍ରସାରିତ କରାଯାଇଛି। ଏହି ସ୍କିମ୍‌ରେ କାଗଜ ମୁଦ୍ରା ପରିବର୍ତ୍ତେ ପ୍ଲାଷ୍ଟିକ ମୁଦ୍ରାର ପ୍ରଚଳନ କରାଯାଇଛି ଯାହା ରୁପେକାର୍ଡ ନାମରେ ପରିଚିତ। ରୁପେକାର୍ଡଧାରୀ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅବଦାନ ଯୋଗାଉଛନ୍ତି। ଏହି ସ୍କିମ୍‌ରେ ସବୁ ସରକାରୀ ସୁବିଧା ପ୍ରତ୍ୟକ୍ଷ ଲାଭ (ଡିବିଟି) ଯୋଜନାରେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଡିବିଟି ଯୋଜନା ଉଭୟ କେନ୍ଦ୍ର ସରକାର ଓ ସାଧାରଣ ଲୋକ ବା ହିତାଧିକାରୀ ଉଭୟଙ୍କ ପାଇଁ ଲାଭଦାୟକ ହୋଇଛି। ଏଥିରେ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ, ସୁବିଧା ବା ଲାଭ ବାଟମାରଣା ନ'ହୋଇ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଉଥିବାବେଳେ ସରକାର ବାଟମାରଣା ଯୋଗୁଁ ଯେଉଁ ବିପୁଳ ଅର୍ଥ ହରାଉଥିଲେ ସେ ସମ୍ଭାବନା ଆଉ ନାହିଁ। ଏ କ୍ଷେତ୍ରରେ ଚାଲିଥିବା ନକଲି କାରବାର, ଅପଚୟ, ବାଟମାରଣା ଓ ଜାଲିଆତି ବନ୍ଦ ହୋଇଛି। ଡିବିଟି ପ୍ରଚଳନ ହେବା ପରଠାରୁ କେନ୍ଦ୍ର ସରକାର ୯୦ହଜାର କୋଟିରୁ ଅଧିକ ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଛନ୍ତି।

ଜନଧନ ଯୋଜନାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ସହଜରେ ବ୍ୟାଙ୍କରେ ଖାତା ଖୋଲିବା ବ୍ୟବସ୍ଥା। ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୧୪ ଅଗଷ୍ଟ ୨୬ରେ ଜାରି କରିଥିବା ପ୍ରେସ୍ ଇସ୍ତାହାର ଅନୁସାରେ ଯେଉଁମାନଙ୍କର କୌଣସି ବୈଧ କାଗଜପତ୍ର ବା ସରକାରୀ ପ୍ରମାଣପତ୍ର ନ ଥିବ ସେମାନେ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ନିଜେ ନିଜର ଫଟୋ ଉପରେ ଦସ୍ତଖତ କରି କିମ୍ବା ଟିପଚିହ୍ନ ଦେଇ ବ୍ୟାଙ୍କ ଖାତା ଖୋଲିପାରିବେ। ଏହି ବ୍ୟବସ୍ଥାରେ ଛୋଟ ଆକାଉଣ୍ଟ ଖୋଲିବାର ବ୍ୟବସ୍ଥା କରାଯାଇଛି। ଏସବୁ ଆକାଉଣ୍ଟରେ ବାର୍ଷିକ ଏକ ଲକ୍ଷ ଟଙ୍କାରୁ ଅଧିକ ଜମା କରାଯାଇପାରିବ ନାହିଁ। ଏହି ଆକାଉଣ୍ଟ ସାଧାରଣତଃ ୧୨ମାସ ପାଇଁ ବୈଧ ରହିବ। ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ୧୨ମାସ ମଧ୍ୟରେ ଜମାକାରୀ ଯଦି କୌଣସି ବୈଧ ନଥିପତ୍ର ପାଇଁ ଆବେଦନ କରିଥାନ୍ତି ତେବେ ତାଙ୍କୁ ଆଉ ୧୨ମାସ ଯାଏ ଏହି ଅକାଉଣ୍ଟ ଚଳାଇବାକୁ ଅନୁମତି ମିଳିବ।

୨୦୧୮ ସେପ୍ଟେମ୍ବର ୫ରେ ସରକାର ନିଷ୍ପତ୍ତି ନେଇଥିଲେ ଯେ ଜନଧନ ଯୋଜନାକୁ ୨୦୧୮ ଅଗଷ୍ଟ ୧୪ ପରେ ମଧ୍ୟ କାର୍ଯ୍ୟକାରୀ କରାଯିବ। ଏଥିସହିତ ଏ କ୍ଷେତ୍ରରେ ଆଉ କିଛି ନୂଆ ନିଷ୍ପତ୍ତି

ଟେକ୍‌ନୋଲୋଜିର ବ୍ୟବହାର ଉପରେ ମଧ୍ୟ ଅନେକ ସମୟରେ ସଫଳତା, ବିଫଳତା ନିର୍ଭର କରେ। ଭାରତରେ ଆର୍ଥିକ କ୍ଷେତ୍ରରେ ଅଭିନବତା ଏହା ଉପରେ ଅଧିକ ନିର୍ଭରଶୀଳ। ପ୍ରଧାନମନ୍ତ୍ରୀ ଧନଜନ ଯୋଜନାଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଏପରିକି ଜିଏସ୍‌ଟି ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ ହେଉଛି। ଏହି ପ୍ରଯୁକ୍ତି ବିଦ୍ୟା ବା ଟେକ୍‌ନୋଲୋଜିର ସଫଳତା ଓ ସାମର୍ଥ୍ୟ ଉପରେ ଆମ ଅଭିନବତାର ଭାଗ୍ୟ ଓ ଭବିଷ୍ୟତ ନିର୍ଭରଶୀଳ। ଏହି ଟେକ୍‌ନୋଲୋଜି ସରଳ, ସହଜ, ସୁଲଭ ହେବାର ଆବଶ୍ୟକତା ରହିଛି। ତା' ନହେଲେ ଏହା ସର୍ବସାଧାରଣଙ୍କ କାର୍ଯ୍ୟରେ ଲାଗିବ ନାହିଁ, କିମ୍ବା ସରକାର ଏହା ଦ୍ୱାରା ନିଜର ଲକ୍ଷ୍ୟ ହାସଲ କରିପାରିବେ ନାହିଁ। ସୁଖର କଥା ଏଭଳି ଅଧିକାଂଶ ଇନୋଭେସନ ଲକ୍ଷ୍ୟ ମୁତାବକ ହେଉଛି ଏବଂ ଉଭୟ ସରକାର ଓ ଜନତାଙ୍କ କାମରେ ଲାଗୁଛି। ସରକାର ଯେଉଁସବୁ ବଡ଼ ବଡ଼ ଯୋଜନା / କାର୍ଯ୍ୟକ୍ରମ ଜନକଲ୍ୟାଣ ଉଦ୍ଦେଶ୍ୟରେ ଆରମ୍ଭ କରୁଛନ୍ତି ତାହାର କାର୍ଯ୍ୟକାରିତା ପାଇଁ ଉପଯୁକ୍ତ ଅଭିନବ ପ୍ରୟାସ ବାହାର କରାଯାଉଛି।

ଗ୍ରହଣ କରାଯାଇଥିଲା। ଏବେ ଜନଧନ ଯୋଜନାରେ ଓଭରଡ୍ରାଫ୍ଟସ୍ ସୁବିଧା ପାଞ୍ଚହଜାରରୁ ୧୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାତା ଖୋଲିବାର ଛ'ମାସ ପରେ ଜନଧନ ଆକାଉଣ୍ଟଧାରୀଙ୍କ ସନ୍ତୋଷଜନକ ଆଚରଣ ଭିତ୍ତିରେ ପ୍ରତି ଆକାଉଣ୍ଟଧାରୀଙ୍କୁ ଓଭରଡ୍ରାଫ୍ଟ ଦେଇହେବ। ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧାଯୋଗାଣ କ୍ଷେତ୍ରରେ କୌଣସି ସର୍ତ୍ତ ରହିବ ନାହିଁ। ଏ ଜନଧନ ସୁବିଧା ପାଇବା ପାଇଁ ବୟସସୀମାକୁ ସଂଶୋଧିତ କରାଯାଇ ୧୮ରୁ ୬୫ ବର୍ଷ କରାଯାଇଛି। ଆଗରୁ ଏହା ୬୦ବର୍ଷ ଯାଏ ଥିଲା। ସେହିଭଳି ନୂଆ 'ରୁପେ କାର୍ଡ'ଧାରୀଙ୍କ ଦୁର୍ଘଟଣା ବୀମା ରାଶୀ ପରିମାଣକୁ ଏକ ଲକ୍ଷରୁ ୨ଲକ୍ଷ ଟଙ୍କା କରାଯାଇଛି। ଯେଉଁମାନେ ୨୮ଅଗଷ୍ଟ ୨୦୧୮ ପରେ ଜନଧନ ଯୋଜନାରେ ଖାତା ଖୋଲିଛନ୍ତି ସେମାନେ ଏହି ସୁବିଧା ପାଇପାରିବେ। ସବିଶେଷ ତଥ୍ୟ ଅନୁସାରେ ଦେଶରେ ଏଯାଏ ୩୩କୋଟି ୪ଲକ୍ଷ ଜନଧନ ଆକାଉଣ୍ଟ ଖୋଲିଛି ଏବଂ ଏଥିରେ ୮୪,୮୦୦କୋଟି ଟଙ୍କା ଜମା ଅଛି। ଏହି ଆକାଉଣ୍ଟଧାରୀଙ୍କ ମଧ୍ୟରୁ ୫୩ ଶତାଂଶ ମହିଳା ଓ ୫୯ ଶତାଂଶ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳର ବାସିନ୍ଦା। ସେହିଭଳି ୮୩ ଶତାଂଶରୁ ଅଧିକ ଜନଧନ ଜମାଖାତା ଆଧାର ସହ ସଂପୃକ୍ତ।

**ସାମାଜିକ ନିରାପତ୍ତା ପାଇଁ ବୀମା ଓ ପେନ୍ସନ ଯୋଜନା:**

ସାମାଜିକ ସୁରକ୍ଷା କ୍ଷେତ୍ରରେ ପେନ୍ସନ ଓ ବୀମାର ଆବଶ୍ୟକତା ସର୍ବଜନବିଦିତ। ଏହା ମଧ୍ୟ ଏକ ସମସ୍ୟାବହୁଳ କ୍ଷେତ୍ର। ଏ କ୍ଷେତ୍ରରେ ସୁଧାର ଆଣିବା ପାଇଁ ମୋଦୀ ସରକାର ତିନିଟି ଅଭିନବ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଥିରୁ ଦୁଇଟି ବୀମା ଓ ଅନ୍ୟଟି ପେନ୍ସନ୍ ପାଇଁ ଉଦ୍ଦିଷ୍ଟ। ଏହି ତିନିଟି ସ୍କିମ୍ ୨୦୧୫ ମଇ ୯ରେ ଜନଧନ ଯୋଜନା ପ୍ରବର୍ତ୍ତନର ଆଠମାସ ପରେ କାର୍ଯ୍ୟକାରୀ ହୋଇଥିଲା। ତେବେ ଏସବୁ ଯୋଜନା ନିର୍ଦ୍ଦିଷ୍ଟ ଭାବେ ଗରିବ ଓ ବଞ୍ଚିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ଏସବୁ ଯୋଜନାଗୁଡ଼ିକ ହେଲା ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ପେନ୍ସନ୍ ଯୋଜନା।

**(୧) ଜୀବନବୀମା ଯୋଜନା:** ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଏକ ବର୍ଷିକିଆ ବୀମା ବ୍ୟବସ୍ଥା ଯାହାକୁ ବର୍ଷକୁ ବର୍ଷ ନବୀକରଣ କରିହେବ। ଯେକୌଣସି କାରଣ ପାଇଁ ୧୮ରୁ୫୦ବର୍ଷ ବୟସର ବୀମାଧାରୀଙ୍କର ଯଦି ମୃତ୍ୟୁ ଘଟେ ସେମାନଙ୍କୁ ଦୁଇ ଲକ୍ଷ ଟଙ୍କାର ରାଶି ମିଳିବ। ଏଥିପାଇଁ ଲାଇଫ କଭରେଜ ବୟସ ସୀମା ୫୫ବର୍ଷ। ଏଲଆଇସି ଏହାର ପରିଚାଳନା ଦାୟିତ୍ୱରେ ଅଛି ଓ ବୀମାକାରୀ କିପରି ଉପକୃତ ହେବେ ତାହାର ବିଭିନ୍ନ ପ୍ରକାର ବ୍ୟବସ୍ଥା ଓ ନୀତି ପ୍ରସ୍ତୁତ କରାଯାଇଛି। ବ୍ୟାଙ୍କ ଆକାଉଣ୍ଟ ଥିବା ଯେକୌଣସି ହିତାଧିକାରୀ ଚାହିଁଲେ ଘରୋଇ ବୀମା ସଂସ୍ଥା ମାଧ୍ୟମରେ ମଧ୍ୟ ଏହି ଯୋଜନାରେ ସାମିଲ ହୋଇପାରିବେ।

**(୨) ଅଣ ଜୀବନବୀମା ଯୋଜନାରେ ମୃତ୍ୟୁ ଓ ଦୁର୍ଘଟଣା ବାବଦ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା:** ଏହା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାର ଅନ୍ତର୍ଭୁକ୍ତ। ଯେଉଁମାନେ ବୀମାଭୁକ୍ତ ହୋଇନାହାନ୍ତି ସେମାନେ ମାସିକ ଏକ ଟଙ୍କା ବା ବାର୍ଷିକ ୧୨ଟଙ୍କାର ପ୍ରିମିୟମ ଦାଖଲ କରି ଏଥିରେ ବୀମାଭୁକ୍ତ ହୋଇପାରିବେ। ଅଠରରୁ ୭୦ବର୍ଷ ବୟସ ମଧ୍ୟରେ ଥିବା ଲୋକ ଏହି ଯୋଜନାର ଲାଭ ଉଠାଇପାରିବେ। ଯେଉଁମାନଙ୍କର ବ୍ୟାଙ୍କ ଖାତା ଥିବ ସେମାନେ ଏହି ଯୋଜନାର ଅନ୍ତର୍ଭୁକ୍ତ ହେଲେ ତାଙ୍କ ଆକାଉଣ୍ଟରୁ ଆପଣାଛାଏଁ ପ୍ରିମିୟମ କଟିବ। ଦୁର୍ଘଟଣା ମୃତ୍ୟୁ ଓ ସମ୍ପୂର୍ଣ୍ଣ ଅକ୍ଷମତା ପାଇଁ ସର୍ବାଧିକ ଦୁଇ ଲକ୍ଷ ଓ ଆଂଶିକ ଅକର୍ମଣ୍ୟତା ପାଇଁ ଏକ ଲକ୍ଷ ଟଙ୍କାର ବୀମା ସୁବିଧା ରହିଛି। ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ ଜିଆଇସି ଏହାର ପରିଚାଳନା କରୁଛି। ଏଥିରେ ବୀମା ଅର୍ଥ ପାଇବା ଅତି ସରଳ। ଶିଳ୍ପସଂସ୍ଥାଠାରୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ପାଇଁ ଏହା ଏକ ଉତ୍ତମ ବ୍ୟବସ୍ଥା। ଏସବୁ ଯୋଜନାରେ ବୀମାକାରୀଙ୍କୁ ବିଭିନ୍ନ ସୂଚନା ପ୍ରଦାନ ତଥା ବୀମା ସଂକ୍ରାନ୍ତ ତଥ୍ୟ ଦେବାକୁ ଅତ୍ୟାଧୁନିକ ଖାଉଟି ବ୍ୟବସ୍ଥା କରାଯାଇଛି। ଏହା ଫଳରେ ସମାଜର ଦୁର୍ବଳବର୍ଗ ଦୁର୍ଘଟଣା ଜନିତ କାରଣରୁ ମୃତାହତ ହେଲେ ଆର୍ଥିକ ସହାୟତା ପାଇପାରୁଛନ୍ତି।

**(୩) ପେନ୍ସନ୍ ଯୋଜନା:** ଅଟଳ ପେନ୍ସନ୍ ଯୋଜନା ସବୁ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ପାଇଁ ମୁକ୍ତ।






ତେବେ ଏ କ୍ଷେତ୍ରରେ କେନ୍ଦ୍ର ସରକାର ମୋଟ୍ ଦେୟର ଅଧା ୧୦୦୦ଟଙ୍କା ବା ସବୁଠୁ କମ୍ ବାର୍ଷିକ ଭିତ୍ତିରେ ପାଞ୍ଚବର୍ଷ ପାଇଁ ପ୍ରଦାନ କରିଥାନ୍ତି। ୨୦୧୫-୧୬ରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସରକାର ଏହି ଦେୟ ଯୋଗାଇଦେବାର ବ୍ୟବସ୍ଥା ରହିଛି। ଯେଉଁମାନେ ଏହି ସ୍କିମ୍‌ରେ ୨୦୧୫ ଡିସେମ୍ବର ୩୧ପୂର୍ବରୁ ସାମିଲ ହୋଇଥିବେ, ସେମାନେ ଆୟକରଦାତା ହୋଇ ନ ଥିବେ ତେବେ ଯାଇ ଏବଂ କୌଣସି ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇ ନ ଥିବେ ସେମାନେ ଏହାର ଲାଭ ନେଇପାରିବେ। ଏଭଳି ଉଦ୍ୟମ ଅସଂଗଠିତ କ୍ଷେତ୍ରରେ ପେନ୍‌ସନ୍ ସଂସ୍କୃତିର ପ୍ରସାରରେ ସହାୟକ ହେବ। ଅଠର ବର୍ଷ ବୟସରେ ମାସିକ ୧୦୦୦ଟଙ୍କା ପେନ୍‌ସନ୍ ପାଇବା ବ୍ୟବସ୍ଥାରେ ଏହି ଯୋଜନାରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ପ୍ରତି ମାସରେ ୪୨ଟଙ୍କା ଦେୟ ଦେବାକୁ ପଡ଼ିବ। ତେବେ କେହି ଯଦି ୪୦ବର୍ଷ ବୟସରେ ଏହି ଯୋଜନାରେ ଯୋଗ ଦିଅନ୍ତି ତେବେ ତାଙ୍କୁ ପ୍ରତି ମାସରେ ୨୯୧ଟଙ୍କା ଦେୟ ଦେବାକୁ ହେବ। ସେହିଭଳି ମାସିକ ୫୦୦୦ଟଙ୍କା ପେନ୍‌ସନ୍ ପାଇବା ବର୍ଗରେ ୧୮ବର୍ଷ ବୟସରେ କେହି ସାମିଲ ହେଲେ ତାଙ୍କୁ ମାସିକ ୨୧୦ ଟଙ୍କା ଏବଂ ୪୦ବର୍ଷ ବୟସରେ ସାମିଲ ହେଉଥିବା ବ୍ୟକ୍ତିଙ୍କୁ ମାସିକ ୧୪୫୪ ଟଙ୍କା ଦେବାକୁ ପଡ଼ିବ। ନିର୍ଦ୍ଧାରିତ ସମୟ ପରେ ଯୋଜନାଭୁକ୍ତ ବ୍ୟକ୍ତିଙ୍କୁ ପେନ୍‌ସନ୍ ମିଳିବ ଏବଂ ତାଙ୍କ ମୃତ୍ୟୁରେ ତାଙ୍କର ପତି/ପତ୍ନୀ ଏହା ପାଇବେ। ଏ କ୍ଷେତ୍ରରେ ପେନ୍‌ସନ୍ ପାଇବାର ବୟସ ୬୦ବର୍ଷ ଧାର୍ଯ୍ୟ କରାଯାଇଛି।

ସବିଶେଷ ତଥ୍ୟ ଅନୁସାରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୫.୪୭ କୋଟିରୁ ଅଧିକ ସଦସ୍ୟ ରହିଛନ୍ତି ଓ କ୍ଲେମ୍/ ପ୍ରାପ୍ୟ ବାବଦରେ ୧.୧୦ ଲକ୍ଷ ଲୋକଙ୍କୁ ୨୨୦୬.୨୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏସବୁ ଯୋଜନାର ସଫଳତା କ୍ଷେତ୍ରରେ ରହିଛି 'ଜାମ୍' ଇନୋଭେସନ୍। ଜନଧନ-ଆଧାର ଓ ମୋବାଇଲ ଏଇ ତିନିଟିର ସମନ୍ୱୟରେ ଏ କ୍ଷେତ୍ରରେ କେବଳ କ୍ରାନ୍ତି ଆସିନାହିଁ ବରଂ ଏକ ସୁରକ୍ଷିତ, ବୀମାଭୁକ୍ତ ଡିଜିଟାଇଜଡ୍ ଓ ଆର୍ଥିକ ସମାବେଶୀ ସମାଜ ଗଠନ ସମ୍ଭବ ହୋଇଛି।

**ମୁଦ୍ରା:** ମୁଦ୍ରା ଯୋଜନା ମଧ୍ୟ ଆର୍ଥିକ କ୍ଷେତ୍ରରେ ଆଉ ଏକ ଇନୋଭେସନ ବା ଅଭିନବତା। ଏହା ମାଧ୍ୟମରେ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅର୍ଥାଭାବ ଦୂର କରାଯାଇ ସଂଘର୍ଷରତ କ୍ଷୁଦ୍ର ଉଦ୍ୟୋଗୁଡ଼ିକର ବିକାଶ ସମ୍ଭବ ହୋଇଛି। କ୍ଷୁଦ୍ରକ୍ଷୁଦ୍ର ବ୍ୟବସାୟୀ, ବୁଲାବେପାରୀଙ୍କୁ ମଧ୍ୟ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯାଇପାରୁଛି। ଏହି ଋଣ ଯୋଗାଣ ବ୍ୟବସ୍ଥାକୁ ସରଳ, ସୁସଂହତ ଓ ସମାବେଶୀ କରିବାରେ ଟେକ୍‌ନୋଲୋଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ମୁଦ୍ରା ଯୋଜନାରେ ୨୦୧୮ଡିସେମ୍ବର ୭ ସୁଦ୍ଧା ମୋଟ୍ ୨.୮୧ କୋଟି ଋଣ ଆବେଦନ ମଞ୍ଜୁର କରାଯାଇଛି ଯାହାର ଆର୍ଥିକ ପରିମାଣ ୧.୪୮ ଲକ୍ଷ କୋଟି ଟଙ୍କା। ସେଥି ମଧ୍ୟରୁ ୧.୪୨ ଲକ୍ଷ କୋଟି ଟଙ୍କା ଇତିମଧ୍ୟରେ ହିତାଧିକାରୀଙ୍କୁ ଦିଆସରିଛି।

**ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ:** ଏହି ଯୋଜନାଟି ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କୁ ଶିଳ୍ପ ଓ ଉଦ୍ୟୋଗ ସ୍ଥାପନ ପାଇଁ ପ୍ରୋତ୍ସାହିତ କରିବାକୁ ଉଦ୍ଦିଷ୍ଟ। ଏହି ବର୍ଗର ଉଦ୍ୟୋଗୀ ଓ ଉଦ୍ୟୋଗ ଆଶାୟୀଙ୍କୁ ଆର୍ଥିକ ଦୃଷ୍ଟିରୁ ସହାୟତା କରିବା ପାଇଁ ବିଭିନ୍ନ ପ୍ରକାର ଋଣ ଯୋଗାଣର ବ୍ୟବସ୍ଥା ହୋଇଛି। ଏ କ୍ଷେତ୍ରରେ ମଧ୍ୟ ଟେକ୍‌ନୋଲୋଜିର ହସ୍ତକ୍ଷେପ ବେଶ୍ ଉତ୍ସାହଜନକ ରହିଛି। ବଡ଼କଥା ହେଉଛି ଅର୍ଥାଭାବରୁ ଏହି ବର୍ଗର ଉଦ୍ୟୋଗୀ ବା ବ୍ୟବସାୟ ଆଶାୟୀ ପଛରେ ପଡ଼ିଯାଇନାହାନ୍ତି। ୨୦୧୮ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ ୫୧,୮୮୮ ହିତାଧିକାରୀଙ୍କୁ ଋଣ ଯୋଗାଇଦେଇଛନ୍ତି।

ଆର୍ଥିକ କ୍ଷେତ୍ରରେ ଏସବୁ ଅଭିନବତା ସମାଜର ଏକ ବୃହତ୍ତର ବର୍ଗର ଜୀବନକୁ ସହଜ, ସରସ ଓ ଅର୍ଥପୂର୍ଣ୍ଣ କରିପାରିଛି। ବଡ଼ କଥା ହେଉଛି ଏସବୁ କ୍ଷେତ୍ରରେ କ୍ଷେତ୍ର ଅନୁଭୂତ ଭିତ୍ତିରେ ବିଭିନ୍ନ ଯୋଜନା ପ୍ରସ୍ତୁତ ହେଉଛି ଓ ପ୍ରଚଳିତ ଯୋଜନାରେ ଆବଶ୍ୟକ ପରିବର୍ତ୍ତନ କରାଯାଉଛି। ଫଳରେ ଯୋଜନାଗୁଡ଼ିକ ଅଧିକ ସଫଳ ହେଉଛି।

**ଲେଖକ ହେଉଛନ୍ତି ଜଣେ ବରିଷ୍ଠ ସାମ୍ବାଦିକ। Email id- hblshishir@gmail.com**

# ନବୋନ୍ମେଷ ଓ ଓଡିଶାରେ ଏହାର ସମ୍ଭାବନା

କମଳାକାନ୍ତ ଜେନା

ଭାବନା, କାର୍ଯ୍ୟ ଓ ପ୍ରୟୋଗର ନୂତନ ଧାରାକୁ ନବୋନ୍ମେଷ (ଇନୋଭେସନ୍) କୁହାଯାଏ । ଏହା ନୂତନ ଧାରଣା, ନୂତନ ଭାବନା ଓ ନୂତନ ପ୍ରକ୍ରିୟା ସହିତ ଜଡିତ । ଏହାକୁ ମଧ୍ୟ ନୂତନତ୍ୱ ବା ନବ ଭାବର ପ୍ରବର୍ତ୍ତନ ବୋଲି କୁହାଯାଇ ପାରିବ । ଅନେକ ସମୟରେ ଆମର କାର୍ଯ୍ୟ ପ୍ରଣାଳୀରେ ଅଥବା ଯନ୍ତ୍ରପାତି ରୂପରେ ଏହି ସୃଜନଶକ୍ତି ସଂପନ୍ନ ଓ ଉଦ୍ଭାବନକ୍ଷମ ଚିନ୍ତାଧାରାର ପ୍ରୟୋଗ ଦେଖିବାକୁ ମିଳିଥାଏ । ଅର୍ଥାତ୍, ନବୋନ୍ମେଷର ସ୍ୱରୂପ କେବଳ ଧାରଣା ବା ଭାବନାରେ ସୀମିତ ନୁହେଁ । ସେଥିପାଇଁ ନବୋନ୍ମେଷ ବା ସୃଜନଶୀଳତା ଅନେକ ସମୟରେ ଅନେକ ସମସ୍ୟାର ସହଜ ସମାଧାନ ଦେଇଥାଏ, ଯାହାକି ଆମର ବିଭିନ୍ନ ଆବଶ୍ୟକତାକୁ ସହଜରେ ପୂରଣ କରିପାରେ । କେବଳ ସେତିକି ନୁହେଁ, ପ୍ରଚଳିତ ପ୍ରଣାଳୀ, ଯନ୍ତ୍ରପାତି, ଜ୍ଞାନକୌଶଳ ଓ ସୂତ୍ରରେ ଏଭଳି ନୂତନତ୍ୱର ପ୍ରୟୋଗ ଆମର ଜୀବନଶୈଳୀକୁ ନିଃସନ୍ଦେହ ସହଜ ଓ ସରସ କରିପାରିବ । ଏଥିରୁ ସହଜରେ ଅନୁମେୟ, ନବୋନ୍ମେଷ ସମାଜରେ ଅନେକ ବିପ୍ଲବ ସୃଷ୍ଟି କରିପାରିବ । ବିଶେଷକରି ଆମ ଓଡିଶା ପରି ଗ୍ରାମବହୁଳ ପ୍ରଦେଶରେ ଅଭିନବ ଧାରଣାର ପ୍ରବର୍ତନର ବହୁଳ ଆବଶ୍ୟକତା ରହିଛି ।

ପୃଥିବୀର ପୃଷ୍ଠତଳ ଉପରେ ୧,୫୫,୭୦୭ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଭୂଇଁରେ ଆମର ଓଡିଶା ରାଜ୍ୟ ବିଛେଇ ହୋଇ ରହିଛି, ଯାହାକି ଆମ ଦେଶର କ୍ଷେତ୍ରଫଳର ୨୦ ଭାଗରୁ ପ୍ରାୟ ଏକ ଭାଗ ହେବ । ସେଥିରୁ ଅଧିକାଂଶ ହେଉଛି ଗ୍ରାମାଂଚଳ । ଗତ ୨୦୧୧ ମସିହାର ଜନଗଣନାରେ ଓଡିଶାର ଲୋକସଂଖ୍ୟା ୪୧,୯୪୭,୩୫୮ (୪.୧୯ କୋଟି) ଥିଲା, ଯାହାକି ୨୦୦୧ ମସିହାରେ ୩୬,୮୦୪,୬୬୦ ଥିଲା । ଓଡିଶାର ଜନସଂଖ୍ୟା ବୃଦ୍ଧିପାଇ ୨୦୧୩ ରେ ୪.୩୧ କୋଟି, ୨୦୧୪ ରେ ୪.୩୭ କୋଟି, ୨୦୧୫ ରେ ୪.୪୩ କୋଟି, ୨୦୧୬ ରେ ୪.୪୯ କୋଟି ଓ ୨୦୧୭ ରେ ୪.୫୩ କୋଟିରେ ପହଂଚିଥିଲା । ୨୦୧୮ ମସିହାରେ ଓଡିଶାର ଜନସଂଖ୍ୟା ପ୍ରାୟ ୪.୬ କୋଟି ହେବ ବୋଲି ଅନୁମାନ କରାଯାଉଛି । ୨୦୦୧ ମସିହାରେ ଓଡିଶାର ଏକ ବର୍ଗ କିଲୋମିଟର ଅଂଚଳରେ ହାରାହାରି ୨୩୦ ଜଣ ଲୋକ ବାସ କରୁଥିଲେ । ୨୦୧୧ ମସିହାରେ ଏହି ସଂଖ୍ୟା ବର୍ଗ କିଲୋମିଟର ପ୍ରତି ୨୬୯ରେ ପହଂଚିଥିଲା । ଜନସଂଖ୍ୟାର ପ୍ରବଳତା ଦୃଷ୍ଟିକୋଣରୁ ବିଚାର କଲେ ଓଡିଶା ହେଉଛି ଭାରତର ୯ମ ରାଜ୍ୟ । ୨୦୧୧ ମସିହାର ଗଣନା ଅନୁସାରେ ସମୁଦାୟ ଜନସଂଖ୍ୟାର ୧୬.୬୯ ପ୍ରତିଶତ (୭,୦୦୩,୬୫୬) ଲୋକ ସହରରେ ଓ ୮୩.୩୧ ପ୍ରତିଶତ (୩୪,୯୭୦,୫୬୨) ଲୋକ ଗ୍ରାମାଂଚଳରେ ବାସକରନ୍ତି । ଏହାର ଅର୍ଥ ସମୁଦାୟ ଜନସଂଖ୍ୟାର ପ୍ରାୟ ୬ ଭାଗରୁ ୫ ଭାଗ ଲୋକ ଗ୍ରାମାଂଚଳରେ ବାସକରନ୍ତି । ତେଣୁ ଓଡିଶାର ମୁଖ୍ୟ ପରିବେଶ ହେଉଛି ଗ୍ରାମାଂଚଳ ପରିବେଶ । ଏଭଳି ଏକ ଗ୍ରାମବହୁଳ ରାଜ୍ୟରେ ଲୋକମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଆଣିବା ପାଇଁ ଏବଂ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ନବ ଉନ୍ମେଷର ଆବଶ୍ୟକତା ରହିଛି ।

ହିମାଚଳ ପ୍ରଦେଶର କଥା । ଜଣେ ଚାଷୀଙ୍କର ସେଓ ବଗିଚାରେ କିଛି ବର୍ଷ ଧରି ଉତ୍ପାଦନ କମିବାକୁ ଲାଗିଲା । ତେଣୁ ସେ ଚିନ୍ତାରେ ରହିଲେ । ବାପାଙ୍କର ସମସ୍ୟା ରହିଛି ବୋଲି ସ୍କୁଲରେ ପଢୁଥିବା ଛୋଟ ତାଙ୍କର ଝିଅଟି ଜାଣିପାରିଲା । ସେ ବାପାଙ୍କୁ ତାଙ୍କର ସମସ୍ୟା କଥା କହିବାକୁ କହିଲା । ବାପା ଦୁଃଖରେ ନିଜ ସେଓ ବଗିଚାର ଉତ୍ପାଦନ କମିଯିବା କଥା ଝିଅକୁ କହିଲେ । ବାପା କହିଲେ, ସେଓ ଗଛରେ ଫୁଲ କଷି ଆସୁଛି । ମାତ୍ର ଫଳ ଧରୁନାହିଁ । ଝିଅଟି ସବୁ ଶୁଣି ଚୁପ୍ ରହିଲା । ଦୁଇ ଦିନ ପରେ ବାପାଙ୍କୁ କହିଲା, ବାପା, ସେଓ ବଗିଚା ପାଖରେ ଥିବା କ୍ଷେତରେ ସୋରିଷ ବୁଣି ଦିଅ । ବାପା କହିଲେ, ଠିକ୍ ଅଛି, ସୋରିଷ ବୁଣିବି । କିନ୍ତୁ, ସେଓ ଫଳିବା ସହିତ ସୋରିଷର କଅଣ ସଂପର୍କ ରହିଛି । ହେଲେ ଝିଅଟି କହିଲା, ବାପା, ମୁଁ କେବଳ ଏହି ନୂଆ କଥାଟି ଭାବିଲି ଓ ତୁମକୁ କହିଲି । ହେଲେ ଏଇଟା ଠିକ୍ କାମ ଦେବ କି ଦେବ ନାହିଁ, ସେକଥା ମୁଁ ଜାଣି ପାରୁନାହିଁ । ତଥାପି ତୁମେ ସୋରିଷ ବୁଣିଦିଅ । ଏହାର କାରଣ ମୁଁ ତୁମକୁ ପରେ କହିବି । ବାପା ଝିଅର କଥା ମାନି ସେଓ ବଗିଚା ପାଖରେ ଥିବା କ୍ଷେତରେ ସୋରିଷ ବୁଣି ଦେଲେ ।

ଆଶ୍ଚର୍ଯ୍ୟର କଥା, ସେବର୍ଷ ପ୍ରଚୁର ପରିମାଣରେ ସେଓ ଫଳିଲା । ଝିଅଟି ବାପାର ମୁହଁରେ ହସ ଦେଖିପାରିଲା । ବାପା ହସି ହସି କହିଲେ, ଆରେ ତୋ କଥାରେ ମୁଁ ସୋରିଷ ବୁଣିଦେଲି । ଆଉ ପ୍ରଚୁର ସେଓ ବି ପାଇଲି । ଏବେ ତ କହ, ସୋରିଷ ସହିତ ସେଓର କଅଣ ସଂପର୍କ । ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅଟି ବୁଝେଇଦେଲା, ସେଓ ଗଛରେ ଫୁଲ ଆସି ଫଳ ନହେବାର କାରଣ ପରାଗ ସଂଗମ ହୋଇପାରୁ ନଥିଲା । କାହିଁକି ନା ସେଠାକୁ ପ୍ରଜାପତି ଓ ଭଅଁର ଆସୁ ନଥିଲେ । କିନ୍ତୁ ସୋରିଷ ଗଛର ହଳଦିଆ ରଙ୍ଗ ସେମାନଙ୍କୁ ଆକର୍ଷିତ କରିପାରିଲା । ସେମାନେ ସୋରିଷ ଫୁଲରେ ବସିବା ସହିତ ଆଖପାଖରେ ଥିବା ସେଓ ଫୁଲରେ ମଧ୍ୟ ବସିଲେ । ତେଣୁ ସେଓ ଫୁଲରେ ପରାଗ ସଂଗମ ହୋଇପାରିଲା ଓ ଫଳ ରହିଲା । ଝିଅର କଥା ବାପାଙ୍କ ମନକୁ ପାଇଲା । ଏତେ ଦିନ ଚାଷ କରଥିଲେ ବି ଏମିତି ନୂଆ ଧାରଣା ବାପାଙ୍କ ମୁଣ୍ଡ ଭିତରକୁ କେବେ ପଶି ନଥିଲା । ଝିଅର ଅଭିନବ ଧାରଣା ବାପାଙ୍କର ଏକ ବିରାଟ ସମସ୍ୟାର ସମାଧାନ କରିପାରିଲା । ଆମ ଓଡିଶାରେ ସେଓ ଚାଷ ହୋଇ ନପାରେ । କିନ୍ତୁ ଆତ (ଶିତାଫଳ) ଚାଷ ହୁଏ । ଏବେ ଏହାର ମୂଲ୍ୟ କିଲୋପ୍ରତି ପାଖାପାଖି ୧୦୦ ଟଙ୍କା ରହୁଛି । ତେଣୁ ଏହାକୁ ଏକ ଲାଭଜନକ ଫସଲ ବୋଲି କହିପାରିବା । ଏଥିରେ ବି ବେଶୀ ପରିଶ୍ରମ ନାହିଁ । ଏହାର ଉତ୍ପାଦନ ହ୍ରାସ ପାଇଲେ ହୁଏତ ସୋରିଷ ଚାଷ ବା ଅନ୍ୟ ଉପାୟରେ ପରାଗ ସଂଗମ ପରି ଧାରଣାର ପ୍ରୟୋଗ କରାଯାଇ ପାରିବ ।

ଓଡିଶା ଏକ ନଦୀବହୁଳ ରାଜ୍ୟ । ଓଡିଶାରେ ଅନେକ ନଦୀ ରହିଛି । ଓଡିଶାର ଅନେକ ଲୋକ ନଦୀର ଜଳ ଉପରେ ନିର୍ଭର କରି ଚଳନ୍ତି । ଏପରିକି ନଦୀର ଜଳ ଉପରେ ସେମାନଙ୍କର ଜୀବିକା ନିର୍ଭର କରେ । କିନ୍ତୁ ଆଜିକାଲି ବର୍ଷା ଋତୁ ପରେ ପରେ ଖୁବ୍ ଶୀଘ୍ର ନଦୀଗୁଡିକରେ ପାଣି ଶୁଖିଯାଉଛି । ଖରା ଦିନେ ପାଣି ମିଳୁନାହିଁ । ତେଣୁ ନଦୀ ଜଳ ଉପରେ ନିର୍ଭର କରି ଚଳୁଥିବା ଲୋକେ ପାଣି ନପାଇ ଅସୁବିଧାରେ ପଡିବା ସ୍ୱାଭାବିକ କଥା । ନଦୀ ଶୁଖିଯିବା ପରେ ନଦୀ ପାର୍ଶ୍ୱରେ ଥିବା ଜମିଗୁଡିକରେ ଚାଷ ବି ହେବା କଥା ନୁହେଁ । କିନ୍ତୁ, ନିଜର ସୃଜନଶକ୍ତି ସଂପନ୍ନ ବୁଦ୍ଧି ବଳରେ ସ୍ଥାନୀୟ ଲୋକମାନେ ସେଭଳି ପରିସ୍ଥିତିର କିଛିଟା ମୁକାବିଲା କରିପାରୁଛନ୍ତି । ସେମାନେ ନଦୀ ଶୁଖିଗଲା ପରେ ନଦୀ-ଧାରରେ ରହିଥିବା ଶୁଖିଲା ବାଲିରେ ଗଭୀର ଗାତ ଖୋଳିଦିଅନ୍ତି । ଆଶ୍ଚର୍ଯ୍ୟର କଥା, ନଦୀରେ ଆଦୌ ପାଣି ନଥିଲେ ବି ବାଲି ଭିତରେ ଚାରିଆଡୁ ପାଣି ଝରିଆସି ସେହି ଗାତରେ ଜମାହୁଏ । ପ୍ରତିଦିନ ଗାତରେ ଜମାହେଉଥିବା ପାଣିକୁ ନିଜର ବ୍ୟବହାରରେ ଲଗେଇ ପାରନ୍ତି । ସେହି ପାଣିକୁ ବ୍ୟବହାର କରି ଖରାଦିନେ ଚଳିଲା ଭଳି ଅନେକ ପ୍ରକାର ଚାଷ କରିପାରନ୍ତି । ପରେ ପରେ ବର୍ଷା ଋତୁ ଆସିଯାଏ । ନଦୀରେ ପାଣି ଭରିଯାଏ ଓ ସେହି ଗର୍ତ୍ତ ବାଲିରେ ପୂରିଯାଏ । ପୁଣି ଖରାଦିନ ଆସିଲେ ସ୍ଥାନୀୟ ଲୋକ ପାଣିର ସୁବିଧା ପାଇଁ ସେମିତି ଗାତ ଖୋଳନ୍ତି । ଏହା ହେଉଛି ସେମାନଙ୍କର ସୃଜନଶକ୍ତି ସଂପନ୍ନ ବୁଦ୍ଧିର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଉଦାହରଣ । ଏହି ନବୋନ୍ମେଷ ସେମାନଙ୍କ ସମସ୍ୟାର ସହଜ ସମାଧାନ କରିପାରେ । ଏଭଳି ବାଲିରେ ଗାତ କରି ପାଣି ପାଇବା ପର୍ବ ପଛରେ ଯେ ବୈଜ୍ଞାନିକ କାରଣ ରହିଛି, ସେକଥା ସେମାନଙ୍କୁ ହୁଏତ ଜଣା ନଥାଏ । କିନ୍ତୁ ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗକରି ସମସ୍ୟାର ସମାଧାନ କରିପାରନ୍ତି ।

ନଦୀବାଲିରେ ଗାତ ଖୋଳିଲେ କାହିଁକି ପାଣି ବାହାରେ, ତାହାର ବୈଜ୍ଞାନିକ କାରଣ ବିଷୟରେ ଆଲୋଚନା କରିବା । ଏହି କାରଣ ଜାଣିଲେ ହୁଏତ ସେହି ଜ୍ଞାନକୌଶଳ ପ୍ରୟୋଗ କରି ଆଉ କୋଉଠି ସମସ୍ୟାର ସମାଧାନ କରାଯାଇ ପାରିବ । ଟାଣମାଟି ଉପରେ ପାଣି ଢାଳିଲେ ସଂଗେ ସଂଗେ ସେହି ପାଣିକୁ ମାଟି ଶୋଷିନିଏ । ପୁଣି ଖରା ପଡିଲେ ସେଇ ମାଟି ଶୁଖି ଟାଣ ହୋଇଯାଏ । କାରଣ ମାଟିର ତଳ ଭାଗରୁ ଉପର ପୃଷ୍ଠତଳ ପର୍ଯ୍ୟନ୍ତ ନଳୀସଦୃଶ ଅତି ସରୁ ସରୁ ପଥ ରହିଥାଏ । ଏହାକୁ କୈଶିକନଳି (କ୍ୟାପିଲେରି ଟ୍ୟୁବ୍) କୁହାଯାଏ । ମାଟିର କ୍ଷୁଦ୍ର କଣିକାଗୁଡିକ ଗୋଟିଏ ଉପରେ ଆଉ ଗୋଟିଏ ରହି ରହି ସ୍ତମ୍ଭ ସୃଷ୍ଟି କରନ୍ତି । ଦୁଇଟା ସ୍ତମ୍ଭ ପାଖାପାଖି ରହିଲେ ମଝିରେ ଅତି ସରୁ ନାଳି ସୃଷ୍ଟି ହୁଏ । ସେହି ନାଳିଗୁଡିକ କୌଶିକନଳି ପରି କାମକରନ୍ତି । ମାଟି ତଳେ ଥିବା ପାଣି ଏହି ସବୁ କୌଶିକନଳି ଦେଇ ଭୂଇଁ ଉପରକୁ ଉଠିଆସେ । ଉପରକୁ ପହଂଚିଲା ପରେ ବାଷ୍ପ ହୋଇ ଉପରକୁ ଉଠିଯାଏ । ଏହିପରି ବାଷ୍ପୀକରଣ ଜାରି ରହିଲେ ମାଟି ତଳେ ଥିବା ପାଣି ଧୀରେ ଧୀରେ ଶୁଖିଯାଏ । ମାଟିରୁ ପାଣି ଶୁଖିଗଲେ ତାହା ଟାଣ ହୋଇଯାଏ । ସେପରି ଶୁଖିଲା ମାଟିକୁ କୋଦାଳରେ ହାଣିଲେ ବି ଶୁଣେ ନାହିଁ । କିନ୍ତୁ ନଦୀବାଲିରେ ଗୋଟିଏ ଉପରେ ଆଉ ଗୋଟିଏ ବାଲିକଣିକା ହାଲୁକା ଭାବରେ ରହିଥାଏ । ତେଣୁ ଉପଯୁକ୍ତ ଶକ୍ତ ସ୍ତମ୍ଭ ସୃଷ୍ଟି ହୋଇପାରେ ନାହିଁ କିମ୍ବା ସରୁ ନାଳି (କୌଶିକନଳି) ତିଆରି ହୋଇପାରେ ନାହିଁ । ତେଣୁ ବାଲି ତଳେ ଥିବା ପାଣି ଉପରକୁ ଆସିପାରେ ନାହିଁ । କିନ୍ତୁ, ଉପରୁ ବାଲି ଶୁଖିଲା ଦିଶୁଥିଲେ ବି ତଳେ ପାଣି ଜମିରହିଥାଏ । ଗାତ ଖୋଳିଲେ ସେହି ପାଣି ଚାରିଆଡୁ ଝରିଆସି ଗାତରେ ଜମାହୁଏ । ତେଣୁ ନଦୀରେ ପାଣି ନଥିଲେ ବି ଲୋକମାନେ ନଈବାଲିରେ ଗାତ ଖୋଳି ପାଣି ପାଇପାରନ୍ତି । ବାଲିରେ ଗାତ ଖୋଳି ପାଣି ପାଇବା ଏକ ଚମତ୍କାର ଧାରଣା ।

ଏବେ ତ ବିଜ୍ଞାନର ଯୁଗ । ସମାଜର ଉନ୍ନତି ସାଧନ ପାଇଁ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଚାଲିଛି । ଗବେଷଣାରେ ନିଃସନ୍ଦେହ ସାମାଜିକ ସମସ୍ୟାର ସମାଧାନକୁ ପ୍ରାଧାନ୍ୟ ଦିଆଯାଉଛି । ଚାଷୀ ଓ ଚାଷ ସଂପର୍କିତ ବିଷୟକୁ ଚିନ୍ତା କରି ଗବେଷଣାର ବିଷୟବସ୍ତୁ ସ୍ଥିର କରାଯାଉଛି । କିନ୍ତୁ ସରକାରୀ ସ୍ତରରେ ହେଉ କି ବେସରକାରୀ ସ୍ତରରେ ହେଉ, ଗ୍ରାମାଂଚଳର ସମସ୍ତ ସମସ୍ୟାକୁ ନଜର ଦେବା ସମ୍ଭବ ନୁହେଁ । ଏଥିରେ ଲୋକମାନଙ୍କର ଏକାଧିକ ବ୍ୟକ୍ତିଗତ ସମସ୍ୟା ମଧ୍ୟ ରହିଛି । ସେହି ପରିସ୍ଥିତିରେ ଲୋକମାନେ ନିଜର ବ୍ୟକ୍ତିଗତ ଓ ସ୍ଥାନୀୟ ସମସ୍ୟାର ସମାଧାନ ସକାଶେ ନିଜେ ଚିନ୍ତା କରିବା ଜରୁରୀ । ଲୋକମାନେ ନିଜର ହାତପାଆନ୍ତାରେ ରହିଥିବା

ଉପକରଣ ଓ ଦ୍ରବ୍ୟକୁ ନେଇ ନିଜ ସମସ୍ୟାର ସମାଧାନ ବିଷୟରେ ଚିନ୍ତା କରିପାରିବେ । ନିଜର ସମସ୍ୟାକୁ ନେଇ ନିୟମିତ ଆଲୋଚନା କରିପାରିବେ । ତାହେଲେ ଯାଇ ସମାଧାନର କୌଣସି ନା କୌଣସି ବାଟ ବାହାରିପାରିବ ।ଏଇ ସବୁ ଆଲୋଚନା ଓ ତର୍ଜମାକୁ ଗୁରୁତର ଭାବରେ ଚିନ୍ତାକଲେ ହୁଏତ କୋଉ ମୁହୂର୍ତ୍ତରେ ପୂର୍ବରୁ ଜଣାନଥିବା ନୂତନ ଧାରଣାର ସୃଷ୍ଟି ହୋଇପାରେ । ସେଇ ନବୋନ୍ମେଷ ପରବର୍ତ୍ତୀ ସୋପାନରେ ସେଇ ଅଂଚଳର ଅନେକ ସମସ୍ୟାର ସହଜ ସମାଧାନ କରିପାରିବ । ଏଠାରେ ସେମିତି ଦୁଇ ତିନିଟା ନବୋନ୍ମେଷ ଧାରଣା ବିଷୟକ ଆଲୋଚନା କରାଯାଇଛି । ତାହା ଓଡିଶାର ଗ୍ରାମାଂଚଳ ପରିବେଶରେ ମଧ୍ୟ ଅନେକ ସମସ୍ୟାର ସମାଧାନ ଦିଗରେ ସହାୟତା କରିବ ଏବଂ ସେଭଳି ଆହୁରି ଅଭିନବ ଧାରଣା ସୃଷ୍ଟି ଦିଗରେ ସାଧାରଣ ଲୋକଙ୍କୁ ଉତ୍ସାହିତ କରିପାରିବ ।

କୁହାଯାଏ ଅଭାବ ଓ ଅନାଟନ ହିଁ ଉଦ୍ଭାବନର ବାଟ ଦେଖାଏ । ଏହା ପୂରା ଠିକ୍ କଥା । ଅଭାବ ନଥିଲେ କିଛି ପାଇବାର ଆଶା ରହିବନାହିଁ । ପାଇବାର ଆଶା ନ ରହିଲେ କଷ୍ଟ ସହି ଉପାୟ ଖୋଜିବା ଦରକାର ପଡିବନାହିଁ । ଆମ ଦେଶରେ ୩ ଭାଗରୁ ୨ ଭାଗ ଲୋକ ଗାଆଁରେ ରହୁଛନ୍ତି । ସେମାନଙ୍କର ଅନେକ ଅଭାବ ଅସୁବିଧା ରହିଛି । ଆଜି ମଧ୍ୟ ଅନେକ ଅଂଚଳରେ ଲୋକଙ୍କ ପାଇଁ ପିଇବା ପାଣିର ସୁବିଧା ନାହିଁ । ସେଠାରେ ସମସ୍ତଙ୍କ ପାଇଁ ବିଜୁଳିବତିର ବି ସୁବିଧା ନାହିଁ । ସେମାନେ ଏସବୁ ପାଇବା ସକାଶେ ଅନ୍ୟ ଉପରେ ନିର୍ଭର କରିବାଠାରୁ ନିଜେ ନିଜର ସମାଧାନର ବାଟ ଖୋଜିବା ଦରକାର, ଯାହାକି ସେମାନଙ୍କ ସମସ୍ୟାର ସମାଧାନ କରିପାରିବ । କେବଳ ସେତିକି ନୁହେଁ, ସେମାନଙ୍କର ଆବିଷ୍କାର ଓ ଉଦ୍ଭାବନ ଆମ ଦେଶର ଅନ୍ୟ ଅଂଚଳର ସମସ୍ୟାକୁ ମଧ୍ୟ ସମାଧାନ କରିବା ଦିଗରେ ସହାୟକ ହୋଇପାରିବ । ଗ୍ରାମାଂଚଳରେ ସେମିତି ଏକ ସମସ୍ୟାର ସହଜ ସମାଧାନ କରିପାରିଥିଲେ ମଧ୍ୟପ୍ରଦେଶର ଚାଷୀଭାଇମାନେ । ସେମାନେ କ୍ଷେତରେ ହଳ କରିବା ପାଇଁ ଟ୍ରାକ୍ଟର ବ୍ୟବହାର କରନ୍ତି । ସେହି ଟ୍ରାକ୍ଟରଗୁଡିକ ସାଧାରଣତଃ ହାଲୁକା ହୋଇଥିବାରୁ ସେଗୁଡିକର ମୂଲ୍ୟ ସେତେ ବେଶୀ ନୁହେଁ । ବଡ ଓ ଓଜନିଆ ଟ୍ରାକ୍ଟର କିଣିବାକୁ ହେଲେ ଅଧିକ ପଇସା ଦରକାର । କିନ୍ତୁ ହାଲୁକା ଟ୍ରାକ୍ଟରରେ କ୍ଷେତରେ ହଳ କରିବା ସବୁବେଳେ ସହଜ ହେଉ ନଥିଲା । ଅତି ଟାଣ ଭୂଇଁକୁ ହାଲୁକା ଟ୍ରାକ୍ଟରରେ ହଳ କରିବା କଷ୍ଟ ହେଉଥିଲା । ଟାଣ ଭୂଇଁକୁ ହଳ କରିବା ସକାଶେ ଓଜନିଆ ଟ୍ରାକ୍ଟର ଦରକାର ପଡୁଥିଲା । ଏହାର ସହଜ ଓ ସରଳ ସମାଧାନ ଦିଗରେ ଚାଷୀଭାଇମାନେ ଚିନ୍ତା କଲେ । ପରସ୍ପର ମଧ୍ୟରେ ଆଲୋଚନା କଲେ । ଶେଷରେ ବିନା ଖର୍ଚ୍ଚରେ ଓ ଅତି ସହଜରେ ଏହାର ସମାଧାନ ବାହାର କରିପାରିଲେ, ଯାହାକୁ ଶୁଣିଲେ ସମସ୍ତେ ଆଶ୍ଚର୍ଯ୍ୟ ହେବେ ଏବଂ ପ୍ରଶଂସା ବି କରିବେ । ସେମାନେ ଟ୍ରାକ୍ଟରର ଚକରେ ପବନ ବଦଳରେ ପାଣି ଭରିଦେଲେ । ବାସ୍, ବିନା ଖର୍ଚ୍ଚରେ ସେମାନଙ୍କର ହାଲୁକା ଟ୍ରାକ୍ଟର ଓଜନିଆ ହୋଇଗଲା । ସେହି ଟ୍ରାକ୍ଟର ଦ୍ୱାରା ଟାଣ କ୍ଷେତକୁ ସେମାନେ ସହଜରେ କର୍ଷଣ କରିପାରିଲେ । ଏହାଠାରୁ ଆଉ ସହଜ ସମାଧାନ ବୋଧହୁଏ ଜଗତରେ କେହି ଭାବି ପାରିବ ନାହିଁ । ଏହା ଥିଲା ସେହି ଚାଷୀଭାଇମାନଙ୍କର ସୃଜନଶୀଳତା ତଥା ନବୋନ୍ମେଷ । ସେମାନଙ୍କର ସୃଜନଶୀଳ ସଂପନ୍ନ ଧାରଣା ସମସ୍ତଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । ଏହା କେବଳ ମଧ୍ୟପ୍ରଦେଶରେ ନୁହେଁ, ସାରା ଭାରତର ଚାଷୀଭାଇମାନଙ୍କର କାମରେ ଆସିଲା । ସେମାନେ ଅତି ସହଜରେ ଜମିରେ ହଳ କରିପାରିଲେ । ଗୋଟିଏ ଅଂଚଳର ନୂତନ ଧାରଣା ସାରା ଦେଶର ସମସ୍ୟାକୁ ସମାଧାନ କରିପାରିଲା । ଏହି ଉଦ୍ଭାବନ ଆମ ରାଜ୍ୟରେ ମଧ୍ୟ ଚାଷୀଭାଇମାନଙ୍କର କାମରେ ଲାଗିପାରିବ ।

ଓଡିଶାରେ ନଦୀ ଅଛି ଓ ସମୁଦ୍ର ବି ଏହି ରାଜ୍ୟକୁ ଛୁଇଁଛି । ବାଲେଶ୍ୱରରୁ ଗଂଜାମ ପର୍ଯ୍ୟନ୍ତ ୪୩୦ କିଲୋମିଟର ବ୍ୟାପୀ ସମୁଦ୍ର କୂଳ ରହିଛି । ସମୁଦ୍ର ଉପକୂଳରେ ଓଡିଶାର ଅନେକ ସହର ଗଢିଉଠିଛି । ଉପକୂଳ ଅଂଚଳରେ ନଡିଆ ଏକ ଲାଭକାରୀ ଫସଲ । ଆମେ ଜାଣିଛୁ ଓଡିଶାର ପୁରୀ, ସାକ୍ଷୀଗୋପାଳ, ଚନ୍ଦନପୁର, କୋଣାର୍କ, ବାଲେଶ୍ୱର ଓ ଜଳେଶ୍ୱର ଇତ୍ୟାଦି ଅଂଚଳରେ ପ୍ରଚୁର ନଡିଆ ଫଳେ । ଏବେ ବଜାରରେ ଗୋଟେ ପଇଡର ମୂଲ୍ୟ ଅତି କମ୍‌ରେ ୨୦ ଟଙ୍କା ଓ ଗୋଟିଏ ନଡିଆର ମୂଲ୍ୟ ୨୫ ଟଙ୍କା । ଗୋଟିଏ ସୁସ୍ଥ ନଡିଆ ଗଛରୁ ବର୍ଷକୁ ୭୫ଟି ଫଳ ମିଳିପାରିବ । ଗଛରୁ ନଡିଆ ପାରିବା ଓ ଗଛ ଉପରେ କୀଟନାଶକ ଔଷଧ ରଖିବା ଇତ୍ୟାଦି କାମ

ପୃଥିବୀର ପୃଷ୍ଠତଳ ଉପରେ ୧,୫୫,୭୦୭ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଭୂଇଁରେ ଆମର ଓଡିଶା ରାଜ୍ୟ ବିଛେଇ ହୋଇ ରହିଛି, ଯାହାକି ଆମ ଦେଶର କ୍ଷେତ୍ରଫଳର ୨୦ ଭାଗରୁ ପ୍ରାୟ ଏକ ଭାଗ ହେବ । ସେଥିରୁ ଅଧିକାଂଶ ହେଉଛି ଗ୍ରାମାଂଚଳ । ଗତ ୨୦୧୧ ମସିହାର ଜନଗଣନାରେ ଓଡିଶାର ଲୋକସଂଖ୍ୟା ୪୧,୯୪୭,୩୫୮ (୪.୧୯ କୋଟି) ଥିଲା, ଯାହାକି ୨୦୦୧ ମସିହାରେ ୩୬,୮୦୪,୬୬୦ ଥିଲା । ଓଡିଶାର ଜନସଂଖ୍ୟା ବୃଦ୍ଧିପାଇ ୨୦୧୩ ରେ ୪.୩୧ କୋଟି, ୨୦୧୪ ରେ ୪.୩୭ କୋଟି, ୨୦୧୫ ରେ ୪.୪୩ କୋଟି, ୨୦୧୬ ରେ ୪.୪୯ କୋଟି ଓ ୨୦୧୭ ରେ ୪.୫୩ କୋଟିରେ ପହଂଚିଥିଲା । ୨୦୧୮ ମସିହାରେ ଓଡିଶାର ଜନସଂଖ୍ୟା ପ୍ରାୟ ୪.୬ କୋଟି ହେବ ବୋଲି ଅନୁମାନ କରାଯାଉଛି । ୨୦୦୧ ମସିହାରେ ଓଡିଶାର ଏକ ବର୍ଗ କିଲୋମିଟର ଅଂଚଳରେ ହାରାହାରି ୨୩୦ ଜଣ ଲୋକ ବାସ କରୁଥିଲେ । ୨୦୧୧ ମସିହାରେ ଏହି ସଂଖ୍ୟା ବର୍ଗ କିଲୋମିଟର ପ୍ରତି ୨୬୯ରେ ପହଂଚିଥିଲା । ଜନସଂଖ୍ୟାର ପ୍ରବଳତା ଦୃଷ୍ଟିକୋଣରୁ ବିଚାର କଲେ ଓଡିଶା ହେଉଛି ଭାରତର ୯ମ ରାଜ୍ୟ ।

କରିବା ପାଇଁ ଆମକୁ ଶାଖାବିହୀନ ନଡିଆ ଗଛରେ ଚଢିବାକୁ ପଡିବ । ଶାଖାବିହୀନ ଗଛରେ ଚଢିବା କଥା କହିଲେ ଆମକୁ ଆଶ୍ଚର୍ଯ୍ୟ ଲାଗୁଛି । କିନ୍ତୁ ନିୟମିତ ଗଛରେ ଚଢି ନଡିଆ ତୋଳୁଥିବା କୁଶଳୀ ଭାଇମାନେ ମାତ୍ର ଦୁଇଟା ଦଉଡି ସାହାଯ୍ୟରେ କିପରି ଦ୍ରୁତ ଗତିରେ ଏତେ ବଡ ବଡ ଗଛକୁ ଚଢିପାରନ୍ତି, ଆମେ ସମସ୍ତେ ଦେଖିଛୁ । କୁଶଳୀ ବ୍ୟକ୍ତି ସବୁବେଳେ ଚମତ୍କାରିତା ପ୍ରଦର୍ଶନ କରିପାରିବ । କିନ୍ତୁ ସାଧାରଣ ବ୍ୟକ୍ତିଟିଏ ସହଜରେ ଓ ନିର୍ଭୟରେ ନଡିଆ ଗଛକୁ କେମିତି ଚଢିପାରିବ, ସେକଥା ଚିନ୍ତା କରିବା ଜରୁରୀ । ଏହି ଦିଗରେ ଗଭୀର ଚିନ୍ତା କରିଥିଲେ ଏମ୍. ଜେ. ଜୋସେଫ୍ । ତାଙ୍କ ବାପାଙ୍କ ସହିତ ମିଶି ସେ ଏମିତି ସହଜ ଯ ନ୍ତ୍ରଟିଏ ତିଆରି କଲେ, ଯାହା ସାହାଯ୍ୟରେ ତାଳଗଛ, ନଡିଆଗଛ, ଗୁଆଗଛ ତଥା ଅନ୍ୟାନ୍ୟ ଲମ୍ୱା ଲମ୍ୱା ଗଛକୁ ସହଜରେ ଜଣେ ଚଢିପାରିବ । ଏହି ଗଛଚଢା ଉପକରଣରେ ଦୁଇଟା ଲୁହାର ବଳୟ ଥାଏ, ଯାହାକି ଗଛ ଚଢୁଥିବା ଲୋକର ଗୋଡକୁ ଗଛ ସହିତ ଧରି ରଖିବ । ତା ସହିତ ଦୁଇ ହାତରେ ଧରିବା ପାଇଁ ଦୁଇଟା ହ୍ୟାଣ୍ଡଲ ଥାଏ ଓ ଦୁଇଟା ପାଦ ରଖିବା ପାଇଁ ଦୁଇଟା ପ୍ୟାଡେଲ ଥାଏ । ଚଢୁଥିବା ଲୋକ ଏକା ସହିତ ପାଦ ଓ ହାତକୁ ଉପରକୁ ଉପରକୁ ଉଠେଇ ଉଠେଇ ଗଛ ଚଢିପାରିବ । ସବୁଠାରୁ ବଡକଥା, ଏଥରେ ଜଣେ ସାଧାରଣ ବ୍ୟକ୍ତି ମଧ୍ୟ ଉଚ୍ଚ ଉଚ୍ଚ ନଡିଆଗଛ ଓ ତାଳଗଛକୁ ଚଢିଯାଇ ପାରିବ । ବିନା କଷ୍ଟରେ ତଳକୁ ବି ଓହ୍ଲେଇ ପାରିବ ।

ଜୋସେଫ୍ଙ୍କର ଧାରଣା ସଂପୂର୍ଣ୍ଣ ନୂଆ ନଥିଲା । କାରଣ ଆଗରୁ ଦୁଇଖଣ୍ଡ ଦଉଡିରେ ଲୋକମାନେ ନଡିଆଗଛ ଚଢିପାରୁଥିଲେ । କିନ୍ତୁ ତାଙ୍କ ଉପକରଣରେ ଯାହା ନୂଆକଥା ଥିଲା, ତାହା ହେଉଛି ଯେ କେହି ସେହି ଉପକରଣ ବ୍ୟବହାର କରି ଉଚ୍ଚ ଗଛକୁ ଚଢିପାରିବ । ପୁଣି ବିନା କଷ୍ଟରେ ସହଜରେ

ଓଡିଶା ଏକ ନଦୀବହୁଳ ରାଜ୍ୟ । ଓଡିଶାରେ ଅନେକ ନଦୀ ରହିଛି । ଓଡିଶାର ଅନେକ ଲୋକ ନଦୀର ଜଳ ଉପରେ ନିର୍ଭର କରି ଚଳନ୍ତି । ଏପରିକି ନଦୀର ଜଳ ଉପରେ ସେମାନଙ୍କର ଜୀବିକା ନିର୍ଭର କରେ । କିନ୍ତୁ ଆଜିକାଲି ବର୍ଷା ଋତୁ ପରେ ପରେ ଖୁବ୍ ଶୀଘ୍ର ନଦୀଗୁଡିକରେ ପାଣି ଶୁଖିଯାଉଛି । ଖରା ଦିନେ ପାଣି ମିଳୁନାହିଁ । ତେଣୁ ନଦୀ ଜଳ ଉପରେ ନିର୍ଭର କରି ଚଳୁଥିବା ଲୋକେ ପାଣି ନପାଇ ଅସୁବିଧାରେ ପଡିବା ସ୍ୱାଭାବିକ କଥା । ନଦୀ ଶୁଖିଯିବା ପରେ ନଦୀ ପାର୍ଶ୍ୱରେ ଥିବା ଜମିଗୁଡିକରେ ଚାଷ ବି ହେବା କଥା ନୁହେଁ । କିନ୍ତୁ, ନିଜର ସୃଜନଶକ୍ତି ସଂପନ୍ନ ବୁଦ୍ଧି ବଳରେ ସ୍ଥାନୀୟ ଲୋକମାନେ ସେଭଳି ପରିସ୍ଥିତିର କିଛିଟା ମୁକାବିଲା କରିପାରୁଛନ୍ତି ।

ଚଢିପାରିବ । ଅର୍ଥାତ୍ ସେ ପୂର୍ବ ପ୍ରଚଳିତ ଏକ ସହଜ ଧାରଣାକୁ ଆହୁରି ସହଜ କରିଦେଲେ । ଏଇଟା ବି ସୃଜନଶୀଳ ସଂପନ୍ନ ଧାରଣାର ଆଉ ଏକ ଜୀବନ୍ତ ଉଦାହରଣ । ଆମର ନ୍ୟାସନାଲ ଇନ୍ନୋଭେସନ୍ ଫାଉଣ୍ଡେସନ୍ ସଂସ୍ଥା ଏହାକୁ ଖାଲି ଭାରତରେ ନୁହେଁ ଭାରତ ବାହାରେ ଅନେକ ଦେଶରେ ଆଦୃତ କରାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲା । ଆମେରିକା, ମାଲଦ୍ୱିପ, ଅଷ୍ଟ୍ରେଲିଆ, ମେକ୍ସିକୋ ଓ ବ୍ରାଜିଲ ଇତ୍ୟାଦି ଭୂଖଣ୍ଡରେ ଏହାର ଲୋକପ୍ରିୟତା ବଢେଇବା ତଥା ବିକ୍ରି କରାଇବାରେ ଏହି ସଂସ୍ଥା ଯଥେଷ୍ଟ ସହାୟତା କରିଥିଲା । ଆମ ଓଡିଶାରେ ଯେହେତୁ ପ୍ରଚୁର ନଡିଆ ଚାଷ ହେଉଛି, ତେଣୁ ସହଜ ଗଛଚଢିବା ଯନ୍ତ୍ରର ବିଶେଷ ଉପଯୋଗିତା ରହିଛି । ଆମ ଓଡିଶାର ଲୋକମାନେ ମଧ୍ୟ ସେହି ଯନ୍ତ୍ରକୁ ଭଲଭାବରେ ଦେଖି ଓ ବ୍ୟବହାର କରିବା ପରେ ସେଥିରେ ଆଉ କଅଣ ପରିବର୍ତ୍ତନ ଅଣାଯାଇ ପାରିବ, ସେକଥା ଚିନ୍ତା କରିବା ଜରୁରୀ । ଗୁରୁତ୍ୱର ଭାବରେ ଚିନ୍ତା କଲେ ନିଶ୍ଚୟ ଗୋଟିଏ ନୂତନ ଧାରଣା ମିଳିପାରିବ ।

ସୃଜନଶୀଳତା ସଂପର୍କିତ ଏତେ ସବୁ କଥା କହିବାର ଉଦ୍ଦେଶ୍ୟ ହେଉଛି, ଯଦି ଜଣଙ୍କର ଧାରଣାରେ ନୂତନତ୍ୱ ରହିବ ଓ ଉଦ୍ଭାବନରେ ମୌଳିକତା ରହିବ, ତେବେ ଅର୍ଥର ଅଭାବ ରହିବ ନାହିଁ । ଅଧିକାଂଶ ସମୟରେ ସାଧାରଣ ଲୋକଟିଏ ନିଜ ଭିତରେ ଆସିଥିବା ନୂତନ ଧାରଣାର ପ୍ରୟୋଗ କରିବା ସକାଶେ ସମ୍ବଳ ପାଏ ନାହିଁ । ତେଣୁ ତାହାର ଧାରଣା ସେଇ ଭାବନାରେ ରହିଯାଏ । କାମରେ ଲାଗିପାରେ ନାହିଁ । କିନ୍ତୁ, ସେହି ବ୍ୟକ୍ତି ନିଜର ଧାରଣା ବିଷୟରେ ଅନ୍ୟ ସହିତ ମିଶି ଆଲୋଚନା କରିବା ଦରକାର । ଦଶଜଣଙ୍କୁ କହିଲେ ସିନା ଆଉ ଗୋଟେ ପାଦ ଆଗକୁ ଯାଇପାରିବ । ନଚେତ୍ ଦୁନିଆର ଆଲୋକ ଦେଖିବା ପୂର୍ବରୁ ଧାରଣା ସେଇ ଧାରଣାରେ ସୀମିତ ରହିଯିବ । ଧାରଣାର ସଫଳ ରୂପାୟନ ବି ଜରୁରୀ । ଏବେ ସାଧାରଣ ବ୍ୟକ୍ତିର ଅସାଧାରଣ ଧାରଣାକୁ ମାନବ ସେବାରେ ନିୟୋଜନ କରିବା ସକାଶେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଉଛି । ଯଦି ନିଜ ଭିତରେ ସେମିତି କିଛି ନୂତନ ଧାରଣା ରହିଛି, ତେବେ ସେହି ଧାରଣା ସ୍କୁଲସ୍ତରରେ ହେଉଥିବା ପ୍ରକଳ୍ପ ମାଧ୍ୟମରେ ଲୋକଲୋଚନକୁ ଆଣିବା ଦରକାର । ସେହି ପ୍ରକଳ୍ପରେ ନୂତନତ୍ୱ ରହିଥିଲେ, ତାହା ନିଃସନ୍ଦେହ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରକୁ, ଜିଲ୍ଲାରୁ ରାଜ୍ୟ ଏବଂ ରାଜ୍ୟରୁ ଜାତୀୟସ୍ତରକୁ ଯାଇପାରିବ । ଶେଷରେ ଅନ୍ତର୍ଜାତୀୟ ସ୍ତରରେ ଖାତିଲାଭ କରିପାରିବ ।

**ଓଡିଶା ଶିକ୍ଷା ସେବା-୧, ସହକାରୀ ପ୍ରଫେସର, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ ।**

# ବୈଷୟିକ ଜ୍ଞାନକୌଶଳ ସମୃଦ୍ଧ ଓଡ଼ିଶା

ଡକ୍ଟର ପ୍ରମୋଦ କୁମାର ମହାପାତ୍ର

ଆମେ ସବୁ ପୃଥିବୀବାସୀ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର ଶେଷଭାଗରେ ଉପନୀତ । ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ ଓ ଏବେ ଜ୍ଞାନ ହିଁ ଶକ୍ତି । ବିପୁଳ ମାନବସମ୍ବଳ, ପ୍ରାକୃତିକ ବିଭବ ରହିଥିଲେ ହୁଏତ ଏହାର କିଛି ମୂଲ୍ୟ ନାହିଁ ଯଦି ଏହାର ଉପଯୋଗ ପାଇଁ ଆବଶ୍ୟକ ଜ୍ଞାନ ସମୃଦ୍ଧି ଆମ ପାଖରେ ନାହିଁ । ତେବେ ଖୁସିର କଥା ଏବେ ପୃଥିବୀର ଅନ୍ୟ ଦେଶମାନଙ୍କ ସହିତ ତାଳଦେଇ ଆମେ ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ଜ୍ଞାନସମୃଦ୍ଧ ହେବାରେ ଲାଗିଛୁ । କୃଷି, ମହାକାଶ ବିଜ୍ଞାନ, ଯାନ୍ତ୍ରିକ ବିଜ୍ଞାନ, ମୋବାଇଲ ସ୍ମାର୍ଟ ଫୋନ, ଇଣ୍ଟରନେଟ ଆଦି ଯୋଗାଯୋଗ କ୍ଷେତ୍ର, ପରିବହନ, ରେଳବିଭାଗ ଇତ୍ୟାଦି କ୍ଷେତ୍ରରେ ଆମେ ବିକାଶ କରି ଚାଲିଛୁ । ଏ କ୍ଷେତ୍ରରେ ଘଟିଥିବା ନୂତନ ଆବିଷ୍କାରକୁ କାମରେ ଲଗାଇବା ହିଁ ଆମକୁ ନୂଆ ଅଭିଜ୍ଞତା ଆଣି ଦେଇପାରିଛି । ଦେଶ ଅତୀତକୁ ପଛରେ ପକାଇ ଆଧୁନିକତାର ସ୍ପର୍ଶରେ ଆଗେଇ ଚାଲିଛି । ଏକ୍ଷେତ୍ରରେ ଆମ ରାଜ୍ୟ ଓଡ଼ିଶା ମଧ୍ୟ ପଛରେ ନାହିଁ। ଗାଁ ଗହଳିର ଅଧିକାଂଶ ଲୋକଙ୍କ ହାତରେ ଏବେ ମୋବାଇଲ ଫୋନ । ଛୋଟ ଛୋଟ ସ୍କୁଲ ପିଲାଏ ମଧ୍ୟ ମୋବାଇଲ ଫୋନ ବ୍ୟବହାର କରିବାରେ ସିଦ୍ଧହସ୍ତ । କ୍ରମେ କମ୍ପ୍ୟୁଟରର ବିକାଶ ଓ କାର୍ଯ୍ୟକାରିତା ମଧ୍ୟ ଆମକୁ ଛୁଇଁଲାଣି । ବ୍ୟାଙ୍କରୁ ଏବେ କ୍ୟାସଲେସ ବ୍ୟବସ୍ଥାର ପ୍ରଚଳନ ସହିତ ଏଥିରେ ଅନେକ ଲୋକ ଅଭ୍ୟସ୍ତ ହେଲେଣି । କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଟିଏ ମଧ୍ୟ ଏବେ ଗୁଗୁଲ ସର୍ଚ୍ଚ କରିବା ଶିଖିଲାଣି, ମୋବାଇଲକୁ ଆସୁଥିବା ବିଭିନ୍ନ ବାର୍ତ୍ତା ସହିତ ପରିଚିତ ହେଲାଣି । ଏସବୁ ବ୍ୟବସ୍ଥା ଏବେ ସାରା ପୃଥିବୀକୁ ଏକ କ୍ଷୁଦ୍ର ଗ୍ରାମରେ ପରିଣତ କରି ଦେଇଥିବାବେଳେ କ୍ଷୁଦ୍ର ବ୍ୟବସାୟୀଟିଏ ମଧ୍ୟ ପୂର୍ବ ପ୍ରଥାରେ ଏବେ ବ୍ୟବସାୟ ନକରି ନେଟ ବ୍ୟବସାୟ ବ୍ୟବସ୍ଥା ସହିତ ଅଭ୍ୟସ୍ତ ହେବା ଆନନ୍ଦର ବିଷୟ । ଆମ ରାଜ୍ୟର ଗର୍ବ କଟକର ତାରକସୀ କାମ, ପିପିଲିର ଚାନ୍ଦୁଆ ଏବେ ନେଟ ମାଧ୍ୟମରେ ଦେଖି ହେଉଛି ଓ 'ଆମାଜନ୍', 'ଫ୍ଲିପକାର୍ଟ' ବ୍ୟବସ୍ଥାରେ ବୁକ କରି ଦେଶର ଯେ କୌଣସି ସ୍ଥାନରେ ବସି ଲୋକଟି, ଅନଲାଇନରେ ଏସବୁ ପଦାର୍ଥ ମଗାଇ ପାରୁଛି । ଏହା ମାଧ୍ୟମରେ ରାଜ୍ୟର କଳା, ସଂସ୍କୃତିକୁ ଆମେ ଘରେ ବସି ପ୍ରଚାର ପ୍ରସାର କରିବା ସହିତ ଏ କ୍ଷେତ୍ରର ବ୍ୟବସାୟୀମାନେ ଭଲ ବ୍ୟବସାୟ କରିପାରୁଛନ୍ତି । ସମ୍ବଲପୁରୀ, ସୋନପୁରର ପାଟବସ୍ତ୍ର ଓ ରାଜ୍ୟର ଅନ୍ୟ ଅଞ୍ଚଳର ଅନେକ ଆକର୍ଷଣୀୟ ପଦାର୍ଥ ମଧ୍ୟ କ୍ରମେ ଏହିଭଳି ବ୍ୟବସ୍ଥା ମାଧ୍ୟମରେ ଉପଲବ୍ଧ, ଯାହା ସାଧାରଣ ଲୋକେ କିଭଳି କ୍ରମେ ନୂତନ ବୈଜ୍ଞାନିକ ଆବିଷ୍କାରକୁ ଆଗ୍ରହର ସହିତ ଗ୍ରହଣ କରିନେଇ ନିଜର ତଥା ରାଜ୍ୟର ପ୍ରଗତିରେ ସହଭାଗୀ ହେଉଛନ୍ତି ତାହା ପ୍ରମାଣିତ କରିଥାଏ । ଦିନେ ଅପହଞ୍ଚ ଥିବା କଳାହାଣ୍ଡି, କୋରାପୁଟ, ମାଲକାନଗିରିର ପିଲାଏ ଏବେ ଆମେରିକାରେ ଉଚ୍ଚ ପଦବୀରେ ଅଧିଷ୍ଠିତ । ଏହା ସମ୍ଭବ ହୋଇଛି ସେମାନଙ୍କର ଯୋଗାଯୋଗ ତଥା ବିକଶିତ ହେଉଥିବା ବୈଷୟିକ ବ୍ୟବସ୍ଥା ସହିତ ଘନିଷ୍ଠ ସମ୍ପର୍କର ଅଭିବୃଦ୍ଧି ଯୋଗୁଁ ବୋଲି କୁହାଯାଇପାରେ । ମାଇକ୍ରୋଫାଇନାନ୍ସ ବ୍ୟବସ୍ଥାର ପ୍ରଚଳନ ଯୋଗୁଁ ସାଧାରଣ ଗାଁ ଗହଳିର ଗରିବ, ଅଶିକ୍ଷିତ ଲୋକଟିଏ ଏବେ ହଇରାଣ ହେବା ବା ଠକାମିର ଶିକାର ହେବାର ସମ୍ଭାବନା କମିଛି । ଯୋଗାଯୋଗ କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଯୋଗୁଁ ଆମେ ଏବେ ପୃଥିବୀର ଯେକୌଣସି ସ୍ଥାନରେ ଯାହାଘଟିଲେ ତାହା ତତ୍‌କ୍ଷଣାତ୍ ଜାଣିବାରେ ସମର୍ଥ ହୋଇପାରିଛୁ । ମୋବାଇଲ ଫୋନରେ ବିଭିନ୍ନ ସମ୍ବାଦ ଚ୍ୟାନେଲର ସଂଯୋଗ ଯୋଗୁଁ ଆମେ ଯେଉଁଠି ଥାଉ, ଯେଉଁ ପରିସ୍ଥିତିରେ ରହିଥାଉ କିମ୍ବା କେଉଁ ସମୟ ହୋଇଥାଉ ନା କାହିଁକି ସମସ୍ତ ଖବର, ମନୋରଞ୍ଜନ ଓ ତଥ୍ୟ ରାଶି ସଙ୍ଗେ ସଙ୍ଗେ ଜାଣିପାରୁଛୁ । ଏ କ୍ଷେତ୍ରରେ ଆମ ରାଜ୍ୟବାସୀ ମଧ୍ୟ ଏବେ ପଛରେ ନାହାନ୍ତି । ସ୍ମାର୍ଟଫୋନ ଏବେ କୃଷକମାନଙ୍କୁ ସରକାର ଯୋଗାଇଦେବାର ବ୍ୟବସ୍ଥା କରିବା ଫଳରେ ସେମାନେ ଏହାକୁ ସଞ୍ଚାଳନ କରି କୃଷି ସମ୍ବାଦ, ପାଣିପାଗ ତଥା କୃଷି ସମ୍ବନ୍ଧୀୟ ତଥ୍ୟ ଜାଣିପାରୁଛନ୍ତି । ସ୍ମାର୍ଟ ଫୋନ ଏବେ ଆମକୁ ନିଜର ହାତ ପାହାନ୍ତାରେ ତଥ୍ୟରାଶି ପହଞ୍ଚାଇପାରିଛି ଓ ଖୁସିର କଥା ହେଉଛି ଏହାର ଉପଯୋଗ କରିବା ଏବେ ଆମର ସାଧାରଣ ଲୋକ କ୍ରମେ ଶିଖିଲେଣି ।

କୃଷି ହିଁ ଭାରତୀୟ ସାହିତ୍ୟ, ସଂସ୍କୃତି ସହିତ କେବଳ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ତାହା ନୁହେଁ ପରନ୍ତୁ

ଏହା ହେଉଛି ପ୍ରତ୍ୟେକ ମାନବ ସଭ୍ୟତାର ଜୈବିକ ସ୍ଥିତି ଓ ବିକାଶ ପାଇଁ ଜରୁରୀ । କୃଷି ଦ୍ୱାରା ଆମେ ନିଜ ପାଇଁ ଖାଦ୍ୟ, ବସ୍ତ୍ର ଓ ଜାଳେଣି ସୃଷ୍ଟି କରିଥାଉ। ଏବେ ଦ୍ରୁତ ଗତିରେ ଜନସଂଖ୍ୟା ବଢ଼ି ଚାଲିଥିବା ବେଳେ ଏଥିସହିତ ତାଳଦେଇ କୃଷି ଉତ୍ପାଦନ ବୃଦ୍ଧି ନପାଇଲେ ଆମେ ବିକାଶର ସ୍ୱାଦ ଚାଖିପାରିବା ନାହିଁ। କାରଣ ଭୋକିଲା ଲୋକ କୌଣସି ଉନ୍ନତ ଚିନ୍ତା କରିପାରେ ନାହିଁ । ଆମ ରାଜ୍ୟରେ ଧାନ ହିଁ ଅଧିକାଂଶ ଲୋକଙ୍କର ପ୍ରମୁଖ ଖାଦ୍ୟଶସ୍ୟ ହୋଇଥିବାବେଳେ ଏବେ ଉନ୍ନତ ବିହନ, କୃଷି ପ୍ରଣାଳୀର ଅଭାବ, ପୁରୁଣାକାଳିଆ ପଦ୍ଧତିର ଅବଲମ୍ବନ ତଥା ବନ୍ୟା, ବାତ୍ୟା ଭଳି ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଆମେ ଫସଲ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରୁନାହୁଁ । ତେବେ ଏ ସମସ୍ୟାରୁ ସୁଧୁରିବା ପାଇଁ ଏବେ ଅତ୍ୟାଧୁନିକ ଚାଷ ପ୍ରଣାଳୀ ଆମ ରାଜ୍ୟର କୃଷକମାନଙ୍କୁ ସହାୟକ ହୋଇପାରିଛି । ଆମ ରାଜ୍ୟରେ ୪୪ଲକ୍ଷ ହେକ୍ଟର ଜମିରେ ଧାନଚାଷ କରାଯାଏ । ଏଥି ମଧ୍ୟରୁ ୪୧ଲକ୍ଷ ହେକ୍ଟର ଜମିରେ ବର୍ଷାଦିନେ ଓ ୩ଲକ୍ଷ ହେକ୍ଟର ଜମିରେ ଖରାଦିନେ ସାଧାରଣତଃ ଧାନ ଚାଷ କରାଯାଇଥାଏ । ତେବେ ଧାନଚାଷ ପାଇଁ ଅନିୟମିତ ବର୍ଷା, ଅନାବୃଷ୍ଟି, ଅତିବୃଷ୍ଟି, ମହାବାତ୍ୟା, ବନ୍ୟା, ଭଳି ପ୍ରାକୃତିକ ବିପର୍ଯ୍ୟୟ ବାଧକ ହୋଇଥାଏ । ଯାହା ଏବେ କେବଳ ଆମ ରାଜ୍ୟ ନୁହେଁ ପରନ୍ତୁ ଜଳବାୟୁ ପରିବର୍ତ୍ତନ ପାଇଁ ଧାନ ଉତ୍ପାଦିତ ହେଉଥିବା ଭାରତ ସମେତ ଅଧିକାଂଶ ଦେଶରେ ଏହା ଚାଷୀମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ତେବେ ଖୁସିର କଥା ହେଉଛି କୃଷି ବୈଜ୍ଞାନିକମାନେ ଚାଷୀଙ୍କ ସମସ୍ୟାକୁ ଦୂର କରି ଏବେ ମରୁଡ଼ି ସହିପାରୁଥିବା ୧୫/୨୦ ଦିନ ବନ୍ୟାଜଳରେ ବୁଡ଼ି ରହି ମଧ୍ୟ କ୍ଷତିଗ୍ରସ୍ତ ନହୋଇ ଅଧିକ ଅମଳ ଦେଉଥିବା ଧାନବିହନ ସୃଷ୍ଟି କରି ଏକ୍ଷେତ୍ରରେ ବୈପ୍ଳବିକ ବିକାଶ ସୃଷ୍ଟିରେ ସହାୟକ ହୋଇପାରିଛନ୍ତି।

ଆମ ରାଜ୍ୟର ଚାଷୀମାନେ ବିଶେଷ ଭାବେ ଭାଗ୍ୟବାନ ଯେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଭଳି ଏକ କେବଳ ଧାନ ଉପରେ ଉନ୍ନତ ଗବେଷଣା କରୁଥିବା ଅନୁଷ୍ଠାନ ଆମ ରାଜ୍ୟର କଟକଠାରେ ରହିଛି। ଏଠାକାର କୃଷି ବୈଜ୍ଞାନିକମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଉନ୍ନତମାନର, ଅଧିକ ଅମଳକ୍ଷମ ଧାନ ଚାଷ କରି ଆମ ରାଜ୍ୟର ଚାଷୀମାନେ ଏବେ ଲାଭବାନ ହେଉଛନ୍ତି । ଧାନ ସାଧାରଣତଃ ଆମ ଦେଶରେ ବିଭିନ୍ନ ପ୍ରକାର ପରିବେଶ, ମାଟି ଓ ଜଳବାୟୁରେ ଚାଷ କରାଯାଏ । ତେବେ ଧାନଚାଷରେ ଏବେ ପ୍ରମୁଖ ବାଧା ଉପଜାଉଛି ଜଳବାୟୁ ପରିବର୍ତ୍ତନ । ଗତ ୧୦୦ବର୍ଷ ଭିତରେ ପୃଥିବୀର ବାୟୁମଣ୍ଡଳର ତାପମାତ୍ରା ୦.୬ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଥିବାବେଳେ କେବଳ ଗତ ୩୦ବର୍ଷ ଭିତରେ ଏହା ୦.୪୪ଡିଗ୍ରୀ ସେଲ୍‌ସିୟସ ବଢ଼ିଛି । ଆଶଙ୍କା କରାଯାଉଛି ଯେ ଏହି ଶତାବ୍ଦୀ ଶେଷବେଳକୁ ପୃଥିବୀର ତାପମାତ୍ରା ୧.୧ ଡିଗ୍ରୀରୁ ୬.୪ ଡିଗ୍ରୀ ସେଲ୍‌ସିୟସ ଯାଏ ବୃଦ୍ଧି ପାଇବ । ଏହା ହିଁ ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଦେଖା ଦେଇଥିବା ଅଧିକାଂଶ ଅଞ୍ଚଳର ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ । ଇତିମଧ୍ୟରେ କଟକସ୍ଥିତ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକମାନେ ବେଶି ଦିନ ବଢ଼ିପାଣି ସହିପାରୁଥିବା ସ୍ୱର୍ଣ୍ଣ ଧାନ ନାମରେ ଏକ ନୂତନ ଧାନ ସୃଷ୍ଟି କରିପାରିଛନ୍ତି । ୧୫ଦିନ ଯାଏ ଏହି ଧାନଗଛ ବଢ଼ିପାଣିରେ ବୁଡ଼ିରହିଲେ ମଧ୍ୟ ଏହା ପଚେନାହିଁ । ପୁଣି ସାଧାରଣ ଧାନ ଠାରୁ ଏହାର ଉତ୍ପାଦନ ଅଧିକ। ଏହା ଆମ ରାଜ୍ୟର ଚାଷୀଙ୍କ ନିକଟରେ ଧଳା ମଶୁରୀ ଧାନ ରୂପେ ପରିଚିତ । ଏହି ଧାନ ୧୪୦-୧୪୫ ଦିନ ମଧ୍ୟରେ ଅମଳ ହୋଇଥାଏ ଓ ୩/୪ ବର୍ଷ ଧରି ଏହି ଧାନ କଟକ ଓ ପୁରୀ ଜିଲ୍ଲାର ବନ୍ୟାପ୍ଲାବିତ ଖୋର୍ଦ୍ଧା, ନିମାପଡ଼ା, ବାଲିଅନ୍ତା, ବାଲିପାଟଣା ତଥା ନିଆଳି ଅଞ୍ଚଳରେ ଅନେକ ଚାଷୀଙ୍କ ବିଲରେ ପରୀକ୍ଷା ମୂଳକ ଭାବେ ଚାଷ କରାଯାଇ ଏଥିରୁ ସଫଳତା ମିଳିବା ପରେ ଏହି ଧାନ ଏବେ ଏ ଅଞ୍ଚଳରେ ସର୍ବାଧିକ ଭାବେ ଚାଷ କରାଯାଉଥିବା ଧାନର ମାନ୍ୟତା ଲାଭ କରିଛି । ବୈଜ୍ଞାନିକମାନେ ଚାଷୀମାନଙ୍କୁ କୃଷି କ୍ଷେତ୍ରରେ ଚାଷ ପ୍ରଣାଳୀ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ସାଧାରଣ ଚାଷୀଙ୍କୁ ଏଥିପ୍ରତି ଆକୃଷ୍ଟ କରିପାରିଛନ୍ତି । ଏକ୍ଷେତ୍ରରେ ସର୍ବାଧିକ ଉନ୍ନତ ଧାନ ହେଉଛି ସ୍ୱର୍ଣ୍ଣଧାନ-୧ । ଏହାର ହେକ୍ଟର ପ୍ରତି ଉତ୍ପାଦନ ହେଉଛି ୪ଟନରୁ ଅଧିକ । ଓଡ଼ିଶାର ଚାଷୀ ଏବେ ଏହି ଧାନ ଉତ୍ପାଦନ ପାଇଁ ଆଗ୍ରହୀ ହୋଇ ନୂତନ ବୈଜ୍ଞାନିକ ପଦ୍ଧତି ଆଦରି



ନେଇ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିପାରିଛନ୍ତି । କ୍ରମେ ଚାଷୀଙ୍କ ମଧ୍ୟରେ ନୂତନ ଉତ୍ସାହ ଦେଖାଦେବା ହିଁ ଆନନ୍ଦର ବିଷୟ ହୋଇଛି । ଏବେ ଅଧିକ ମରୁଡି ସହିପାରୁଥିବା ଓ ଲୁଣା ପାଣି ସହିପାରୁଥିବା କେତେକ ଧାନ ବିହନ ସୃଷ୍ଟି କରାଯାଇଥିବାବେଳେ ଏହା ଉପରେ ଅଧିକ ଗବେଷଣା ଚାଲୁ ରହିଛି ।

କେବଳ ଏତିକି ନୁହେଁ ଓଡ଼ିଶାର ଉପକୂଳ ଅଞ୍ଚଳରେ ବହୁଳ ଭାବେ ହିଁ ଚାଷ କରାଯାଉଥିବା ନଡିଆକୁ ଧାନ ଜମିରେ ଧାନ ସହିତ କିଭଳି ଚାଷ କରାଯାଇ ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ ସେଥିନେଇ ନିକଟ ଅତୀତରେ (ନଡିଆ ଗଛର ବନ୍ଧୁ "ଫ୍ରେଣ୍ଡସ ଅଫ କକୋନଟ ଟ୍ରି") କାର୍ଯ୍ୟକ୍ରମ କରାଯାଇ ବହୁ ସଂଖ୍ୟକ ଯୁବ ନଡିଆ ଚାଷୀ ତଥା ସାଧାରଣ ଚାଷୀଙ୍କୁ ଏଭଳି କୃଷିର ଅତ୍ୟାଧୁନିକ ପଦ୍ଧତି ବିଶେଷଭାବେ ନଡ଼ିଆ ଗଛକୁ ସୁରକ୍ଷିତ ଭାବେ ଯନ୍ତ୍ର ଦ୍ୱାରା ଆରୋହଣ କରିବାର ପଦ୍ଧତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଲୋକେ ନଡ଼ିଆ ଗଛକୁ ଚଢ଼ିବା ପାଇଁ ବାହାରିଥିବା ଅତ୍ୟାଧୁନିକ ଯନ୍ତ୍ରକୁ ଦେଖି ଆଗ୍ରହୀ ହୋଇ ଏହାର ବ୍ୟବହାର ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ ଓ କାର୍ଯ୍ୟରେ ଲଗାଇଥିଲେ।

କେବଳ ଧାନ ନୁହେଁ ପରନ୍ତୁ କୃଷିର ପ୍ରତ୍ୟେକ ଖାଦ୍ୟଶସ୍ୟ, ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଏବେ ବୈଜ୍ଞାନିକ ପଦ୍ଧତିରେ ନୂତନ ଚାଷ ବ୍ୟବସ୍ଥାକୁ କ୍ରମେ ଆମ ରାଜ୍ୟର ଚାଷୀ ଆଦରି ନେଇ କାର୍ଯ୍ୟ କରିବା ହିଁ ଉଲ୍ଲେଖନୀୟ । ଆଧୁନିକକାଳ କୌଶଳ ସ୍ପର୍ଶରେ ଆମର ସାମାଜିକ ବ୍ୟବସ୍ଥା ଏବେ ଉନ୍ନତି ପଥରେ । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ସ୍ମାର୍ଟ ସିଟିର ମାନ୍ୟତା ଲାଭ କରିବା ସହିତ ହକି ବିଶ୍ୱକପ ଆୟୋଜନ କରି ଆନ୍ତର୍ଜାତିକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଉଲ୍ଲେଖଯୋଗ୍ୟ । ଏହି ସମାରୋହର ଉଦ୍‌ଘାଟନ ଉତ୍ସବରେ ଏକ ରୋବଟ ମହିଳା ମୁଖ୍ୟଅତିଥିଙ୍କୁ ସ୍ୱାଗତ କରିବା ମାଧ୍ୟମରେ ଆମେ ଯେ ଆଧୁନିକ ଜ୍ଞାନକୌଶଳକୁ ଆଦରି ନେବାକୁ ଆଗ୍ରହୀ ତାହା ପ୍ରତିପାଦିତ ହୋଇପାରିଛି ।

ଆଲେକ୍ସାର ଓଡ଼ିଶା ପ୍ରବେଶ : ଦେଶର ବୃହତ୍ତ ସହର ଦିଲ୍ଲୀ, ମୁମ୍ବଇ, ଚେନ୍ନଇ, କୋଲକତା ତଥା ଅନ୍ୟ କେତେକ ସହରରେ ଲୋକପ୍ରିୟ ହୋଇଥିବା ଯାନ୍ତ୍ରିକ ବ୍ୟବସ୍ଥା ଆଲେକ୍ସା ଏବେ ଆମେ ରାଜ୍ୟର ରାଜଧାନୀ ତଥା ଅନ୍ୟାନ୍ୟ ସହରରେ ବ୍ୟବହୃତ ହେବା ଆମ ପାଇଁ ଏକ ନୂତନ ସମ୍ଭାବନା ଆଣିଛି । ଆଲେକ୍ସା ଯନ୍ତ୍ର ହେଉଛି ଏକ ଛୋଟ ଯାନ୍ତ୍ରିକ ମେସିନ, ଯିଏ ଗୃହକର୍ତ୍ତା ଓ ଗୃହର ଅନ୍ୟ ସଦସ୍ୟ, ସଦସ୍ୟାଙ୍କ କଣ୍ଠ ସ୍ୱରକୁ ଚିହ୍ନେ, ସେମାନଙ୍କ ଆଦେଶ ମାନି ତତ୍‌କ୍ଷଣାତ୍ କାର୍ଯ୍ୟ କରେ, ଘରର ଟିକିନିଖି ତଥ୍ୟ ତା ନିକଟରେ ଥାଏ। ଗୃହକର୍ତ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଓ ନମ୍ବର ତା ନିକଟରେ ଥିବା ସହିତ ସେ ନିର୍ଦ୍ଦେଶ ପାଇବା ମାତ୍ରେ ଏହାକୁ ସଞ୍ଚାଳନ କରିଥାଏ । ଗୃହକର୍ତ୍ତା ଘରେ ବସି ଏହି ଯନ୍ତ୍ରକୁ ଦୂରରୁ "ଆଲେକ୍ସ ! ମୋତେ ଏବେ ଅମୁକ କଣ୍ଠଶିଳ୍ପୀ ଗାଇଥିବା ଏକ ଭଜନ ଶୁଣାଅ, ଅବା ଏହି ସିନେମା ଗୀତ ଶୁଣାଅ କହିବା ମାତ୍ରେ ସେ ତତ୍‌କ୍ଷଣାତ୍ ତାହା ଶୁଣାଏ । ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା କେଉଁଠି ଅଛି ପଚାରିଲେ ଉତ୍ତର ଦିଏ । ହୋଟେଲକୁ ଖବର ଦେଇ ଗୃହକର୍ତ୍ତାଙ୍କ ପାଇଁ ଖାଦ୍ୟ ମଗାଏ ଏପରିକି ନିର୍ଦ୍ଦେଶ ମୁତାବକ ଏକ ବିଶ୍ୱସ୍ତ ଭୃତ୍ୟ ପରି ସବୁ କାମ କରିଥାଏ । ବ୍ୟସ୍ତ ମଣିଷ ମାନଙ୍କର ସାଥୀ ଏବେ ଏହି ଯାନ୍ତ୍ରିକ ମେସିନ ପାଲଟିଛି ।

ଭୁବନେଶ୍ୱରରେ ଏବେ ଅନେକ ବ୍ୟକ୍ତି ଏହି ଯାନ୍ତ୍ରିକ ବ୍ୟବସ୍ଥାକୁ ବ୍ୟବହାର କଲେଣି ଓ ଏହାର ଉପଯୋଗିତା କ୍ରମେ ଆମ ରାଜ୍ୟରେ ବଢ଼ିବାରେ ଲାଗିଛି । ଉପରୋକ୍ତ ଆଲୋଚନାରୁ ଗୋଟିଏ କଥା ନିଶ୍ଚିତ ହୁଏ ଯେ ବଦଳୁଥିବା ସମାଜ ତଥା ଯାନ୍ତ୍ରିକ ବ୍ୟବସ୍ଥା ସହ ଆମେ ରାଜ୍ୟବାସୀ ଏବେ ଅଗ୍ରସର ହେବାରେ ପାଦ ଥାପିଛୁ । ଓଡ଼ିଶାବାସୀ ଏ କ୍ଷେତ୍ରରେ ବେଶୀ ପଛରେ ଯେ ନାହାନ୍ତି ଏହା ହିଁ ସତ୍ୟ । ତେବେ "ଅତି ସର୍ବତ୍ର ଗ୍ରହିତଂ" ନୀତିରେ ଶତକଡା ଶହେଭାଗ ଯନ୍ତ୍ର ଉପରେ ନିର୍ଭର କରିବା ଠିକ୍ ନୁହେଁ। ଏଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଉଚିତ।

ଆମ ରାଜ୍ୟର ଚାଷୀମାନେ ବିଶେଷ ଭାବେ ଭାଗ୍ୟବାନ ଯେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଭଳି ଏକ କେବଳ ଧାନ ଉପରେ ଉନ୍ନତ ଗବେଷଣା କରୁଥିବା ଅନୁଷ୍ଠାନ ଆମ ରାଜ୍ୟର କଟକଠାରେ ରହିଛି। ଏଠାକାର କୃଷି ବୈଜ୍ଞାନିକମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଉନ୍ନତମାନର, ଅଧିକ ଅମଳକ୍ଷମ ଧାନ ଚାଷ କରି ଆମ ରାଜ୍ୟର ଚାଷୀମାନେ ଏବେ ଲାଭବାନ ହେଉଛନ୍ତି । ଧାନ ସାଧାରଣତଃ ଆମ ଦେଶରେ ବିଭିନ୍ନ ପ୍ରକାର ପରିବେଶ, ମାଟି ଓ ଜଳବାୟୁରେ ଚାଷ କରାଯାଏ । ତେବେ ଧାନଚାଷରେ ଏବେ ପ୍ରମୁଖ ବାଧା ଉପଜାଉଛି ଜଳବାୟୁ ପରିବର୍ତ୍ତନ । ଗତ ୧୦୦ବର୍ଷ ଭିତରେ ପୃଥିବୀର ବାୟୁମଣ୍ଡଳର ତାପମାତ୍ରା ୦.୬ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଥିବାବେଳେ କେବଳ ଗତ ୩୦ବର୍ଷ ଭିତରେ ଏହା ୦.୪୪ଡିଗ୍ରୀ ସେଲ୍‌ସିୟସ ବଢ଼ିଛି । ଆଶଙ୍କା କରାଯାଉଛି ଯେ ଏହି ଶତାବ୍ଦୀ ଶେଷବେଳକୁ ପୃଥିବୀର ତାପମାତ୍ରା ୧.୧ ଡିଗ୍ରୀରୁ ୬.୪ ଡିଗ୍ରୀ ସେଲ୍‌ସିୟସ ଯାଏ ବୃଦ୍ଧି ପାଇବ।

ପ୍ରାକ୍ତନ ସମ୍ପାଦକ 'ସମାଜ', ସାମ୍ବାଦିକ କଲୋନୀ, ମଧୁସୂଦନ ନଗର, ତୁଳସୀପୁର, କଟକ।

## ଆପଣ ଜାଣନ୍ତି କି ?

# ନାନୋ ମିଶନ

ନାନୋ ମିଶନ ହେଉଛି ନାନୋ ଟେକ୍ନୋଲୋଜି କ୍ଷେତ୍ରରେ ଅଧ୍ୟୟନ, ଅନୁସନ୍ଧାନ ଏବଂ ନବ ଉନ୍ମେଷ ମାଧ୍ୟମରେ ସମଗ୍ର ଦେଶର ବିକାଶ ପାଇଁ ଭାରତ ସରକାରଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ବିଶେଷତଃ ନାନୋ ଟେକ୍ନୋଲୋଜି ଚିକିତ୍ସା, ଅନ୍ତରୀକ୍ଷ, ଦୂରସଞ୍ଚାର, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପର୍ଯ୍ୟାବରଣ ସଂରକ୍ଷଣର ବିଭିନ୍ନ ଦିଗରେ କାର୍ଯ୍ୟ କରିଥାଏ। ଏହାର ବହୁଳ ସମ୍ଭାବନାକୁ ସ୍ୱୀକାର କରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏକ ନୂଆ କାର୍ଯ୍ୟକ୍ରମ ୨୦୦୧ ମସିହାରୁ କାର୍ଯ୍ୟ ଆରମ୍ଭ କରୁଛି, ଯାହାକୁ ନାନୋ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଇନିସିଏଟିଭ୍ (ଏନ୍ଆଇଏସ୍ଟି) ଭାବେ ପରିଚିତ। ନାନୋ ମିଶନ ଏହି କାର୍ଯ୍ୟକ୍ରମର ଉତ୍ତରାଧିକାରୀ ଭାରତ ସରକାର ୨୦୦୭ ମସିହାରେ ୧୦୦୦ କୋଟି ଟଙ୍କା ସହାୟତାରେ ପ୍ରାରମ୍ଭିକ ଭାବେ ନାନୋ ମିଶନକୁ ମଞ୍ଜୁରୀ ଦେଇଥିଲେ।

ନାନୋ ମିଶନକୁ ଏକ ଭିନ୍ନ କାର୍ଯ୍ୟ ପ୍ରଣାଳୀ ରୂପେ ସଂରଞ୍ଚନା କରାଯାଇଛି। ଯଦ୍ଦ୍ୱାରା ନାନୋ ବିଜ୍ଞାନର ଅଧିନରେ ରହୁଥିବା ଭିନ୍ନ ଭିନ୍ନ ସଂସ୍ଥା ବା ଅନୁଷ୍ଠାନକୁ ରାଷ୍ଟ୍ରୀୟ ଅନୁସନ୍ଧାନ ମଧ୍ୟରେ ସଠିକ୍ ତାଳମେଳ ରହିପାରିବା ସହ ଏହି କାର୍ଯ୍ୟଧାରା ପ୍ରଣାଳୀରେ ନୂତନ କାର୍ଯ୍ୟକ୍ରମ ହୋଇପାରିବ।

ବିଜ୍ଞାନ ସମ୍ପର୍କିତ ଲେଖା ପ୍ରକାଶନରେ ଭାରତ ବର୍ତ୍ତମାନ ବିଶ୍ୱର ଷଷ୍ଠ ସ୍ଥାନ ଅଧିକାର କରିଛି। ଏହାବ୍ୟତୀତ କିଛି ରୋଚକ ତଥ୍ୟ/ ଉଦ୍ଭାବନ ମଧ୍ୟ ଲୋକଲୋଚନକୁ ଆସିପାରିଛି।

**ନାନୋ ମିଶନର ଉଦ୍ଦେଶ୍ୟ:**

ମୌଳିକ ଅନୁସନ୍ଧାନର ଅଗ୍ରାଧିକାରୀ- ବ୍ୟକ୍ତିଗତ କିମ୍ବା ଦଳଗତ ଭାବେ ମୌଳିକ ବିଜ୍ଞାନର ଗବେଷଣାରତ ବୈଜ୍ଞାନିକଙ୍କୁ ବିତ୍ତୀୟ ସହାୟତା ପ୍ରଦାନ କରିବା। ଏହି କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଗବେଷଣା ନିମନ୍ତେ





# ନାନୋ ମିଶନ

ଅଧିକ ଉତ୍କର୍ଷତା କେନ୍ଦ୍ର ସ୍ଥାପନ କରିବା।

ନାନୋ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଗବେଷଣା ନିମନ୍ତେ ମୌଳିକ ଢାଞ୍ଚାର ବିକାଶ- ବ୍ୟୟବହୁଳ ଓ ଅତ୍ୟାଧୁନିକ ଉପଯୋଗୀ କେନ୍ଦ୍ରକୁ ସର୍ବାଧିକ କାର୍ଯ୍ୟକାରୀ କରିବା ନିମନ୍ତେ ସମଗ୍ର ଦେଶରେ ଏକ ଶୃଙ୍ଖଳ (ଚେନ୍) ସ୍ଥାପନା କରିବାକୁ ପ୍ରସ୍ତାବ ରହିଛି।

ନାନୋ ଅନୁପ୍ରୟୋଗ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ କାର୍ଯ୍ୟକ୍ରମ- ଉନ୍ମୁକ୍ତ ପ୍ରୟୋଗଶାଳା, ଗବେଷଣା ଓ ବିକାଶ ପରିଯୋଜନାର ପ୍ରସ୍ତାବ, ନାନୋ ଅନୁପ୍ରୟୋଗ ଓ ପ୍ରଯୁକ୍ତିବିଦ୍ୟାର ବିକାଶ କେନ୍ଦ୍ର ସ୍ଥାପନ ଏବଂ ନାନୋ ଟେକ୍ନୋଲୋଜି ବିଜ୍‌ନେସ ଇନ୍‌କ୍ୟୁବ୍‌ଲେଟର ପ୍ରଭୃତିକୁ ଉତ୍ସାହିତ କରିବା ଏହି ମିଶନର ଉଦ୍ଦେଶ୍ୟ। ନାନୋ ଟେକ୍ନୋଲୋଜିର ବିକାଶ ଓ ଗବେଷଣା ପାଇଁ ଶିଳ୍ପ ଉଦ୍ୟୋଗୀ ପକ୍ଷରୁ ପ୍ରତ୍ୟକ୍ଷ ସହାୟତା କିମ୍ବା ପିପିପି ମୋଡ୍‌ର ଭାଗିଦାରୀ ଉଦ୍ୟମରେ ସ୍ୱତନ୍ତ୍ର ପ୍ରୟାସ ଜାରି ରଖିବାକୁ ଉଦ୍ୟମ ରହିବା ଉଚିତ୍।

ମାନବ ସଂସାଧନ ବିକାଶ- ଏହି ମିଶନ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗବେଷଣାକାରୀ ଏବଂ ପେଷାଦାରମାନଙ୍କୁ ପ୍ରଭାବକାରୀ ଉଚ୍ଚଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହାର ପ୍ରମୁଖ ଯୋଜନା ହେଉଛି ବିଶ୍ୱବିଦ୍ୟାଳୟମାନଙ୍କରେ ଏମ୍‌ଏସ୍‌ସି/ଏମ୍‌ଟେକ୍ ପାଠ୍ୟକ୍ରମର ଆରମ୍ଭ ଏବଂ ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରର ଫେଲୋସିପ୍ ପ୍ରଦାନ କରିବା ସହିତ ତତ୍ ସଂଲଗ୍ନ ଚେୟାର ସୃଷ୍ଟି କରିବା ଯୋଜନା ରହିଛି।

**ଅନ୍ତରାଷ୍ଟ୍ରୀୟ ସହଯୋଗ**

ଅଧିକ ଗବେଷଣା ପାଇଁ ବୈଜ୍ଞାନିକଙ୍କ ବିଦେଶ ଗସ୍ତ, ଅନୁମତି, ସଂଯୁକ୍ତ କର୍ମଶାଳା ଓ ସମ୍ମିଳନୀ ଏବଂ ସଂଯୁକ୍ତ ଗବେଷଣା ପାଇଁ ପରିଯୋଜନା କରିବା। ଏହାବ୍ୟତୀତ ବିଦେଶରେ ଗବେଷଣାକାରୀଙ୍କ ପାଇଁ ପ୍ରତିଷ୍ଠିତ କେନ୍ଦ୍ରରେ ସୁନିଶ୍ଚିତ କରିବା ସହ ଉତ୍କୃଷ୍ଟମାନର କେନ୍ଦ୍ର ସ୍ଥାପନ ପାଇଁ ଏକାଡେମିସିଆନ୍ ଓ ଉଦ୍ୟୋଗ ଜଗତ ମଧ୍ୟରେ ସହମତି ଭିତ୍ତିରେ ସହଯୋଗ କରିବା ଲକ୍ଷ୍ୟ।

## ସାମ୍ପ୍ରତୀକି

# ୬ କୋଟିତମ ଉଜ୍ଜଳା ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ କଲେ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ



ଦେଶର ୬ କୋଟି ତମ ପ୍ରଧାନମନ୍ତ୍ରୀ ଉଜ୍ଜଳା ଗ୍ୟାସ ହିତାଧିକାରୀଙ୍କୁ ଉଜ୍ଜଳା ଗ୍ୟାସ ବଣ୍ଟନ କରିଛନ୍ତି ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ। ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦିଲ୍ଲୀର ଖାନପୁର, ଶିବପାର୍କ ଅଞ୍ଚଳର ଜସ୍ମିନା ଖାତୁନଙ୍କୁ ଏହି ଗ୍ୟାସ ବଣ୍ଟନ କରିଥିଲେ। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଦେଶର ଜଣେ ହେଲେ ଗରିବ ମହିଳାଙ୍କୁ ଉଜ୍ଜଳାରୁ ବଞ୍ଚିତ କରାଯିବା ନାହିଁ। ଗ୍ୟାସ ନେଉଥିବା ମହିଳା ମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୮୦ ପ୍ରତିଶତ ହିତାଧିକାରୀ ରିଫିଲିଙ୍ଗ କରିସାରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାତ୍ର ୩୨ ମାସ ମଧ୍ୟରେ ୬ କୋଟି ଉଜ୍ଜଳା ହିତାଧିକାରୀଙ୍କ ଘରେ ଏଲପିଜି ଗ୍ୟାସ ପହଁଚିପାରିଛି। ୧୯୫୫ ରୁ ୨୦୧୪ ମସିହା ୬୦ ବର୍ଷ ମଧ୍ୟରେ ମାତ୍ର ୧୩ କୋଟି ଘରେ ଏଲ୍‌ପିଜି ଥିବା ବେଳେ ମୋଦି ସରକାରଙ୍କୁ ୫ ବର୍ଷ ପୁରିବାରୁ ଆହୁରି ୪ ମାସ ବାକିଥିବା ବେଳେ କେବଳ ଉଜ୍ଜଳା ଯୋଜନାରେ ୬ କୋଟି ଗ୍ୟାସ ସଂଯୋଗ ନେଇପାରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଆଜି ହେଉଛି ଦେଶ ପାଇଁ ଏକ ସ୍ମରଣୀୟ ଦିନ। ୨୦୧୬ ମେ ମାସ ୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ପ୍ରଥମ ଉଜ୍ଜଳା ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ ହୋଇଥିବା ବେଳେ ଆଜି ୬ କୋଟି ତମ ହିତାଧିକାରୀଙ୍କୁ ଉଜ୍ଜଳା ଗ୍ୟାସ ବଂଟନ କରାଯାଇଛି। ଉଜ୍ଜଳା ଗ୍ୟାସ ଗରିବଙ୍କ ସାମାଜିକ, ଅର୍ଥନୈତିକ ବିକାଶ ସହ ମହିଳା ସଶକ୍ତିକରଣର ଆଜି ମୁଖ୍ୟ ମାଧ୍ୟମ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାପରେ ଗରିବଙ୍କ ପାଇଁ ତାଙ୍କ ସରକାର ସମର୍ପିତ ବୋଲି କହିଥିଲେ। ସମସ୍ତଙ୍କୁ ସାଥିରେ ନେଇ କାମ କରିବାର ଯେଉଁ ଦୃଢୋକ୍ତି ପ୍ରକାଶ କରିଥିଲେ ତାହା କାମରେ ପୂରଣ କରି ଦେଖାଇଛନ୍ତି । ପ୍ରଧାନମନ୍ତ୍ରୀ ଯାହା କହିଥିଲେ ତାହା କରି ଦେଖାଇଲେ। ୬ କୋଟି ପରିବାରରେ ଉଜ୍ଜଳା ଗ୍ୟାସ ପହଁଚାଇବା ତାର ବଡ ଉଦାହରଣ ବୋଲି କହିଛନ୍ତି ଶ୍ରୀ ପ୍ରଧାନ।

## ସାମ୍ପ୍ରତୀକି

### ୨୬ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ

# ଓଡ଼ିଶା ହେଉଛି ବିଜ୍ଞାନର ରାଜ୍ୟ: କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ବିଜ୍ଞାନ ଜୀବନର ଏକ ଅଂଶ। ବିଶ୍ୱର କଲ୍ୟାଣ ଯିଏ ଚିନ୍ତା କରେ ତାହା ହେଉଛି ବିଜ୍ଞାନ। ବିଶ୍ୱର ମାନବଙ୍କ କଥା ଚିନ୍ତା କରୁଥିବା ବ୍ୟକ୍ତି ବୈଜ୍ଞାନିକ। ଆଗାମୀ ଦିନରେ ବୈଜ୍ଞାନିକମାନେ ନୂଆ ଭାରତର ସଂକଳ୍ପ ନିଅନ୍ତୁ ବୋଲି ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୨୬ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶା ହେଉଛି ବିଜ୍ଞାନର ରାଜ୍ୟ। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ପାଇଁ ସେ ଗର୍ବିତ। ଗତ ହଜାର ବର୍ଷ ପୂର୍ବେ ସେ ସମୟର ଜଣେ ଶିଶୁ ବୈଜ୍ଞାନିକ ଧର୍ମପଦ କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ। କୋଣାର୍କ ମନ୍ଦିର ନିର୍ମାଣ କରିବା ପାଇଁ ୧୨୦୦ କାରିଗର ଲାଗିଥିଲେ ଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନଥିଲା। ସୂର୍ଯ୍ୟଙ୍କ ନାମରେ ନିର୍ମିତ କୋଣାର୍କ ମନ୍ଦିରକୁ ସେ ସମୟରେ ବିଶୁ ମହାରଣାଙ୍କ ପୁଅ ଧର୍ମପଦ ନିଜ ଜୀବନ ଦେଇ କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରିଥିଲା। ଅନ୍ତିମ ସ୍ପର୍ଶ ଦେବାରୁ କୋଣାର୍କର ମନ୍ଦିର କାମ ସମ୍ପୂର୍ଣ୍ଣ ହୋଇପାରିଥିଲା ବୋଲି ସେ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପାଣି, ପବନ ପରେ ଉର୍ଜାର ଆବଶ୍ୟକତା ଅଧିକ। ଭାରତ ବର୍ଷକୁ ବିଦେଶରୁ ପ୍ରତିବର୍ଷ ୫ରୁ ୯ ଲକ୍ଷ କୋଟି ଟଙ୍କାର ଉର୍ଜା ଆସୁଛି। ଶିଶୁ ବୈଜ୍ଞାନିକ ଗବେଷଣା କରି ଏହି ସମସ୍ୟା ସମାଧାନ କରିବା ପାଇଁ ବିକଳ୍ପ ବ୍ୟବସ୍ଥା ବାହାର କରିବା ଏବେ ସେମାନଙ୍କ ପାଇଁ ବଡ଼ ଚାଲେଞ୍ଜ। ଆମେରିକା, ଚାଇନା ପରେ ଭାରତ ହେଉଛି ଉର୍ଜା ବ୍ୟବହାରରେ ତୃତୀୟ ଦେଶ। ତେଣୁ ଘର, ବାହାର, କୃଷି ବର୍ଜ୍ୟବସ୍ତୁରୁ କିପରି ଉର୍ଜା ବାହାର କରାଯାଇ ଏହି ସମସ୍ୟା ସମାଧାନ କରାଯାଇପାରିବ ତାହା ଦେଶ ଆଗରେ ବଡ଼ ଚାଲେଞ୍ଜ।

ଶ୍ରୀ ପ୍ରଧାନ କହିଛନ୍ତି, ଭାରତର ସରକାର ଶକ୍ତି ଓ ଯୁବଶକ୍ତିଙ୍କ କ୍ଷେତ୍ରରେ ଦକ୍ଷତା ବିକାଶର କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଭାରତ ଯେଉଁ ସମସ୍ୟା ଦେଇ ଗତି କରୁଛି, ଏହାର ସମାଧାନ ଏହି କାର୍ଯ୍ୟକ୍ରମକୁ ଆସିଥିବା ଶିଶୁଙ୍କ ହାତରେ ଅଛି ବୋଲି ବିଶ୍ୱାସ। ଦୁନିଆରେ ଜଳ, ବାୟୁ ଓ ଖାଦ୍ୟ ଯେପରି ଜୀବନର ମୌଳିକ ଆବଶ୍ୟକତା ରହିଛି, ସେହିପରି ଆଜିର ଆଧୁନିକ ଯୁଗରେ ଶକ୍ତି, ଇନ୍ଧନ ଓ ବିଦ୍ୟୁତ୍ ବିନା ଚଳିବା ଅସମ୍ଭବ। ବର୍ତ୍ତମାନ ବିଶ୍ୱରେ ଏହା ସବୁଠୁ ବଡ଼ ଚାଲେଞ୍ଜ। ଭାରତ ଶକ୍ତି ସଂଗ୍ରହ କରିବା ଦିଗରେ ଚାଇନା, ଆମେରିକା ପରେ ତୃତୀୟ ସ୍ଥାନରେ ରହିଛି। ଆଗାମୀ ଦିନରେ ଯୁବ ବୈଜ୍ଞାନିକଙ୍କ ଦ୍ୱାରା ୨୦୪୦ରେ ଭାରତ ଶକ୍ତିରେ ସାରା ବିଶ୍ୱରେ ପ୍ରଥମ ସ୍ଥାନରେ ରହିପାରିବ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଭାରତର ୪ କୋଟି ଘରେ ସବୁ ଘରକୁ ବିଜୁଳି ସଂଯୋଗ ଦିଆଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନା ଆରମ୍ଭ ହୋଇଛି। ଘରେ ଘରେ ସ୍ୱଚ୍ଛ ଇନ୍ଧନ ପହଞ୍ଚିଛି। ପ୍ରତିବର୍ଷ ଘରେ ଧୂଆଁ କାରଣରୁ ୫ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ଉଜ୍ଜ୍ୱଳା ଗ୍ୟାସ୍ ଏହି ସମସ୍ୟାର ସମାଧାନ କରିପାରିଛି।

୫ ଲକ୍ଷରୁ ୯ ଲକ୍ଷ କୋଟି ଟଙ୍କାର ତୈଳ ବିଦେଶରୁ ଉତ୍ପାଦନ କରାଯାଉଛି। ଇରାନ, ଇରାକ, ସାଉଦି ଆରବ, ଭେନିଜୁଆଲାରେ ତୈଳଦର ବୃଦ୍ଧି ପାଇଲେ ଭାରତ ଉପରେ ପ୍ରଭାବ ପଡୁଛି। ବୈଜ୍ଞାନିକ ପ୍ରମାଣିତ କରିଛନ୍ତି ବୃକ୍ଷ, ଲତା, ଭୂମି ସବୁଠାରେ ଶକ୍ତି ରହିଛି। ଯଦି ଆମେ ବିଦେଶକୁ ଦେଉଥିବା ୫ ଲକ୍ଷରୁ ୯ ଲକ୍ଷ କୋଟି ଟଙ୍କାକୁ ବିନିଯୋଗ କରି ଜଙ୍ଗଲରୁ ମିଳୁଥିବା ବର୍ଜ୍ୟବସ୍ତୁକୁ ବୈଜ୍ଞାନିକ ପ୍ରଣାଳୀରେ ଶକ୍ତି ସଂଗ୍ରହ କରିପାରିବା ତେବେ ଭାରତ ନିଜ ପ୍ରଚେଷ୍ଟାରେ ଅଧିକ ଶକ୍ତି ସଂଗ୍ରହ କରିପାରିବ।

ଶ୍ରୀ ପ୍ରଧାନ କହିଛନ୍ତି, ପ୍ରତିବର୍ଷ ୨ କୋଟି ୪୦ ଲକ୍ଷ ଶିଶୁ ଭାରତରେ ୧୫ ବର୍ଷ ପରେ କେତେକ ସ୍କୁଲ୍ ଓ ଅନ୍ୟକେତେକ ଘରେ କିମ୍ବା ବାହାରେ ରହି କାମ କରିଥାନ୍ତି। ବର୍ତ୍ତମାନ ଶିଳ୍ପ ବିପ୍ଳବ ୪.୦ ମାସ ଆଧୁନିକୀକରଣ, ମାସ୍ ରେପ୍ଲିକେସନ୍‌କୁ ବଢ଼ାଇଛି। ବିଶ୍ୱ କଲ୍ୟାଣର ଚିନ୍ତା ଯିଏ କରେ, ତାହା ହେଉଛି ବିଜ୍ଞାନ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ସୂଚନା ଓ ପ୍ରସାରଣ ମନ୍ତ୍ରୀ ‘ୱିମେନ୍ ଇନ୍ ଇଣ୍ଡିଆନ୍ ସିନେମା’ ପୁସ୍ତକକୁ ଉନ୍ମୋଚିତ କଲେ




ସୂଚନା ଓ ପ୍ରସାରଣ ତଥା ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ରାଠୋର୍ ନିକଟରେ ଗୋଆରେ ଆୟୋଜିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ-୨୦୧୮) ଅବସରରେ ‘ୱିମେନ୍ ଇନ୍ ଇଣ୍ଡିଆନ୍ ସିନେମା’ ନାମକ ପୁସ୍ତକର ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକ ଭାରତୀୟ ରାଷ୍ଟ୍ରୀୟ ଚଳଚ୍ଚିତ୍ର ଅଭିଲେଖାଗାର, ପୁନେ ସହଭାଗିତାରେ ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ହୋଇଛି।

ପୁସ୍ତକର ପ୍ରାକ୍ କଥନରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଲେଖିଛନ୍ତି ଯେ, “ଭାରତୀୟ ସିନେମାରେ ନାରୀ ଚରିତ୍ରର ଏକ ଚାକ୍ଷୁସ ପ୍ରମାଣ ଉପରେ ଏହି ପୁସ୍ତକ ପର୍ଯ୍ୟବେସିତ। ଏଥିରେ ମହିଳାମାନଙ୍କ କାହାଣୀ ସେମାନଙ୍କ ଆଶା, ଆକାଂକ୍ଷା, ସଂଘର୍ଷ ଆଦି ବିଷୟରେ ଆଲୋକପାତ କରାଯାଇଛି। ଆଉ ମଧ୍ୟ ଏଥିରେ ନାରୀତ୍ୱର ବିଭିନ୍ନ ଦିଗନ୍ତ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି।”

ଭାରତର ପ୍ରତି ପ୍ରାନ୍ତରେ ଚଳଚ୍ଚିତ୍ର ମାଧ୍ୟମରେ ସାମାଜିକ ଓ ଆର୍ଥିକ ଅବସ୍ଥାର ବାସ୍ତବ ଚିତ୍ର ପ୍ରତିଫଳିତ ହେଉଛି। ଏହାସହିତ ନାରୀ ଚରିତ୍ର ଭୂମିକାରେ ମଧ୍ୟ ପରିବର୍ତ୍ତନ ଘଟୁଛି। ଏହି ପୁସ୍ତକରେ ବଦଳୁଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଇବାକୁ ପ୍ରୟାସ କରାଯାଇଛି।

ଏହି ପୁସ୍ତକରେ ଭାରତୀୟ ସିନେମା ଜରିଆରେ ନାରୀ ଏବଂ ତାଙ୍କର ପରିବର୍ତ୍ତନଶୀଳ ଭୂମିକାର କାହାଣୀକୁ ଦର୍ଶାଯାଇଛି। ଏହାସହ ଭାରତରେ କିପରି ଭିନ୍ନ ଭିନ୍ନ ଭାବରେ ନାରୀର ଭୂମିକାକୁ ଚଳଚ୍ଚିତ୍ର ଜରିଆରେ ପ୍ରଦର୍ଶିତ କରାଯାଇଛି ତାହାକୁ ମଧ୍ୟ ବର୍ଣ୍ଣନା କରାଯାଇଛି।

ପୁସ୍ତକରେ ରହିଥିବା ଅଧ୍ୟାୟ ହେଉଛି, ମିଥ୍ ବିଙ୍ଗ୍ ରିଟୋଲ୍ଡ, ଦ ସୋସିଆଲ୍ ମେସେଞ୍ଜର, ଆନ୍ ଓଡ୍ ଟୁ ଦ କ୍ରିଏଟର, ମେନି ବ୍ୟାଟେଲ୍ସ ଟୁ ବି ଓନ୍, ଫେମିନାଇନ୍ ଅନ୍ ଦ ଡିସ୍ଗାଇଜ୍ ପ୍ରମୁଖ। ଏହି ପୁସ୍ତକରେ ନାରୀର ବିଭିନ୍ନ ଭୂମିକା ସମ୍ପର୍କରେ ମଧ୍ୟ ଅନୁଶୀଳନ ହୋଇଛି।




ଏହି ପୁସ୍ତକ ବୁକ୍ ଗ୍ୟାଲେରୀ, ପ୍ରକାଶନ ବିଭାଗ, ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ନୂଆଦିଲ୍ଲୀରେ ଉପଲବ୍ଧ ଏବଂ businesswng @gmail.comରେ ମଧ୍ୟ ଅନ୍ଲାଇନ୍‌ରେ ଏହି ପୁସ୍ତକ ମିଳିପାରିବ।

# ଭାରତର ସଞ୍ଚାର ଉପଗ୍ରହ ଜିସାଟ୍-୧୧ର ସଫଳ ଉତ୍କ୍ଷେପଣ

ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥା (ଇସ୍ରୋ) ସବୁଠାରୁ ଓଜନଦାର ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସଞ୍ଚାର ଉପଗ୍ରହ ଜିସାଟ୍-୧୧କୁ ଗତ ଡିସେମ୍ବର ୫, ୨୦୧୮ରେ ପ୍ରାତଃ କାଳରେ ଫ୍ରେଞ୍ଚଗୋଏନା ଅନ୍ତରୀକ୍ଷଣ କେନ୍ଦ୍ରରୁ ସଫଳ ଉତ୍କ୍ଷେପଣ କରିଛି।




ପ୍ରାୟ ୫୮୫୪ କେଜି ଭାରି ଜିସାଟ୍-୧୧ ଉପଗ୍ରହ କ୍ୟୁ-ବ୍ୟାଣ୍ଡର ୩୨ ୟୁଜର୍ ବିମ୍ ଏବଂ କେ-ବ୍ୟାଣ୍ଡର ୮-ହବ୍ ବିମ୍ ସହଯୋଗରେ ଭାରତ ଓ ଦ୍ୱୀପପୁଞ୍ଜ ମଧ୍ୟରେ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଉପଲବ୍ଧ ହୋଇପାରିବ।

ଇସ୍ରୋ ଅଧ୍ୟକ୍ଷ ଡକ୍ଟର କେ. ଶିବନ କହିଛନ୍ତି, ଜିସାଟ୍-୧୧ ଦେଶର ଗ୍ରାମୀଣ ଏବଂ ଦୂରଦୂରାନ୍ତ ଗ୍ରାମପଞ୍ଚାୟତରେ 'ଭାରତ ନେଟ୍ ପରିଯୋଜନା' ପରିପ୍ରେକ୍ଷୀରେ ବ୍ରଡ୍‌ବ୍ୟାଣ୍ଡ ସେବା ଦ୍ରୁତଗତିରେ ଅଗ୍ରସର ହୋଇପାରିବ। ଏହା ଡିଜିଟାଲ୍ ଇଣ୍ଡିଆର ଏକ ପ୍ରମୁଖ କାର୍ଯ୍ୟକ୍ରମ। ଶ୍ରୀ ଶିବନ କହିଥିଲେ ଯେ ଭାରତ ନେଟ୍ ପରିଯୋଜନାର ଉଦ୍ଦେଶ୍ୟ ହେଉଛି ଇ-ବ୍ୟାଙ୍କିଙ୍ଗ୍, ଇ-ହେଲ୍‌ଥ ଏବଂ ଇ-ଗଭର୍ଣ୍ଣାନ୍ସ ପରି ଜନକଲ୍ୟାଣ ଯୋଜନାକୁ ସଶକ୍ତ କରିବା। ଆହୁରି ମଧ୍ୟ ସୂଚାଇଥିଲେ ଯେ ଜିସାଟ୍-୧୧ ଭବିଷ୍ୟତରେ ସମସ୍ତ ପ୍ରକାର ସଞ୍ଚାର ଉପଗ୍ରହର ଏକ ଅତୁଳନୀୟ ଅଗ୍ରଦୂତ ହୋଇପାରିବ।



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି
@narendramodi

ଜିସାଟ୍-୧୧ର ସଫଳ ଉତ୍କ୍ଷେପଣ ପାଇଁ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥାକୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରିଥିଲେ ଯେ, 'ଏହା ଆମ ଅନ୍ତରୀକ୍ଷ କାର୍ଯ୍ୟକ୍ରମ ପାଇଁ ଏକ ମାଇଲଖୁଣ୍ଟ ସଦୃଶ। ଯାହା ଦୂରଦୂରାନ୍ତ କ୍ଷେତ୍ରକୁ ଯୋଡ଼ିବା ସହ କୋଟିଏ ଭାରତୀୟଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବ। ଭାରତରେ ସବୁଠାରୁ ଓଜନଦାର, ବଡ଼ ଏବଂ ଅତ୍ୟାଧୁନିକ ସଞ୍ଚାର ଉପଗ୍ରହ ଜିସାଟ୍-୧୧ର ସଫଳ ଉତକ୍ଷେପଣ ପାଇଁ ଇସ୍ରୋକୁ ଧନ୍ୟବାଦ।'

ପ୍ରତିଦିନ ନୂତନ ଉଦ୍ଭାବନ କରୁଥିବା ଏବଂ ଉଚ୍ଚ ବୈଜ୍ଞାନିକ ମାନଦଣ୍ଡ ସ୍ଥାପନ କରୁଥିବା ବୈଜ୍ଞାନିକଙ୍କ ନିମନ୍ତେ ଦେଶ ଗର୍ବିତ। ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପ୍ରତ୍ୟେକ ଭାରତୀୟଙ୍କ ନିମନ୍ତେ ପ୍ରେରଣାଦାୟୀ।

# ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ 'ଦ ରିପବ୍ଲିକାନ୍ ଏଥିକ୍' ଏବଂ 'ଲୋକ୍‌ତନ୍ତ୍ର କେ ସ୍ୱର'ର ପ୍ରଥମ ପ୍ରତିଲିପି ପ୍ରଦାନ

ସୂଚନା ଓ ପ୍ରସାରଣ ତଥା ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ରାଠୋର୍ ଗତ ୨୦୧୮ ମସିହା ଡିସେମ୍ବର ୮ ତାରିଖରେ ରାଷ୍ଟ୍ରପତି ଭବନଠାରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ସହ ସାକ୍ଷାତ କରି ତାଙ୍କୁ 'ରିପବ୍ଲିକାନ୍ ଏଥିକ୍' ଏବଂ 'ଲୋକ୍‌ତନ୍ତ୍ର କେ ସ୍ୱର' ପୁସ୍ତକଦ୍ୱୟର ପ୍ରଥମ ସଂସ୍କରଣ ପ୍ରଦାନ କରିଥିଲେ। ଏହି ଅବସରରେ ତାଙ୍କ ସହିତ ସୂଚନା ଓ ପ୍ରସାରଣ ସଚିବ ଶ୍ରୀ ଅମିତ୍ ଖାରେ, ପ୍ରକାଶନ ବିଭାଗର ମହାନିର୍ଦ୍ଦେଶିକା ଏବଂ ଉଭୟ ପୁସ୍ତକର ସମ୍ପାଦକୀୟ ଓ ଡିଜାଇନିଂ ଟିମ୍ ଉପସ୍ଥିତ ଥିଲେ।

ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ଏହି ପୁସ୍ତକର ଆକର୍ଷଣୀୟ ସାଜସଜ୍ଜା ସହିତ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରସ୍ତୁତ ହୋଇଥିବାରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରକାଶନ ବିଭାଗକୁ ପ୍ରଶଂସା କରିଥିଲେ। କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ରାଠୋର୍ ସୂଚନା ଦେଇ ରାଷ୍ଟ୍ରପତିଙ୍କୁ ଜଣାଇଥିଲେ ଯେ, ଏହି ପୁସ୍ତକଗୁଡ଼ିକ ଉଭୟ ପ୍ରିଣ୍ଟ୍ ଓ ଇଲେକ୍‌ଟ୍ରୋନିକ୍ସ ମିଡିଆରେ ଉପଲବ୍ଧ ହେବ। ଏହାବ୍ୟତୀତ ଏହି ପୁସ୍ତକଦ୍ୱୟ କିପରି ବ୍ୟାପକ ଭାବରେ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେ ସମ୍ପର୍କରେ ଶ୍ରୀ ରାଠୋର୍ ଜଣାଇଥିଲେ।



ମାନନୀୟ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କୁ 'ଦ ରିପବ୍ଲିକାନ୍ ଏଥିକ୍' ଏବଂ 'ଲୋକ୍‌ତନ୍ତ୍ର କେ ସ୍ୱର' ପୁସ୍ତକର ପ୍ରଥମ ପ୍ରତିଲିପି ପ୍ରଦାନ ଅବସରରେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ତଥା ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ରାଠୋର୍ ଏବଂ ସୂଚନା ଓ ପ୍ରସାରଣ ସଚିବ ଶ୍ରୀ ଅମିତ୍ ଖାରେ।




'ଦ ରିପବ୍ଲିକାନ୍ ଏଥିକ୍' ନାମକ ପୁସ୍ତକକୁ ୮ ଭାଗରେ ବିଭକ୍ତ କରାଯାଇଛି। ଏହି ପୁସ୍ତକରେ ରାଷ୍ଟ୍ରକୁ ସମ୍ବୋଧନ, ଭାରତର ବିବିଧତା, ବିଶ୍ୱ ପାଇଁ ଝରକା, ଭାରତକୁ ସାକ୍ଷର କରିବା: ସାଧନ ସମ୍ପନ୍ନ କରିବା, ସାର୍ବଜନୀନ ସେବାର ଧର୍ମ, ପ୍ରହରୀଙ୍କୁ ସମ୍ମାନ, ସ୍ପିରିଟ୍ ଅଫ୍ ଲ' ଏବଂ ଆକ୍ନୋନଲେଜିଂ ଏକ୍ସିଲେନ୍ସି ପ୍ରଭୃତି ଅଧ୍ୟାୟ ସାମିଲ୍ ରହିଛି।




ପୁସ୍ତକ 'ଲୋକ୍‌ତନ୍ତ୍ର କେ ସ୍ୱର' ହେଉଛି, ରାଷ୍ଟ୍ରପତିଙ୍କ ହିନ୍ଦୀ ଭାଷଣର କିଛି ବଛା ବଛା ସଂଗ୍ରହ। ଏହି ସଂଗୃହୀତ ଭାଷଣକୁ ୧୦ ଅଧ୍ୟାୟରେ ବିଭକ୍ତ କରାଯାଇଛି। ଯେଉଁଥିରେ କି, ବିଶ୍ୱର ବୃହତ୍ତର ଗଣତନ୍ତ୍ର, ଭାରତ ପରିପ୍ରେକ୍ଷୀରେ ବହୁମୁଖୀ ସୂକ୍ଷ୍ମଦର୍ଶୀ ରଚନା କରାଯାଇଛି। ଏହି ପୁସ୍ତକଦ୍ୱୟରେ ବହୁତ ସୁନ୍ଦର ଭାବେ ସାଧାରଣ ମଣିଷର ଚିନ୍ତା ଓ ଚେତନା ସମ୍ପର୍କରେ ଚିତ୍ରଣ କରାଯାଇଛି। ଯାହାକି ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କର ପ୍ରମୁଖ ଭାଷଣର ସଂକଳନ। ଏହି ପୁସ୍ତକଦ୍ୱୟ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ବୌଦ୍ଧିକ ଚିନ୍ତାଧାରାକୁ ଦର୍ଶାଉଛି।

ଇଂରାଜୀ ଓ ହିନ୍ଦୀ ଭାଷାରେ ଉପଲବ୍ଧ ହେଉଥିବା ଭାଷଣ ହେଉଛି ଭାରତର କାହାଣୀ, ଯାହା ବିଶ୍ୱ ଦରବାରରେ ଏକ ରାଷ୍ଟ୍ର ଭାବେ ପରିଚିତ ହେବାସହ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଏକ ଝଲକ ଏଥିରେ ଲିପିବଦ୍ଧ ହୋଇଛି। ଏହି ପୁସ୍ତକର ସ୍ୱତନ୍ତ୍ରତା ହେଉଛି, ସମାନତା, ସମତାବାଦ ଏବଂ ଶିକ୍ଷା ଉପରେ ଆଧାରିତ। ଏହି ପୁସ୍ତକଦ୍ୱୟ ଏପରି ପ୍ରସ୍ତୁତ ହୋଇଛି, ପାଠକମାନେ ରାଷ୍ଟ୍ରପତିଙ୍କ ଚିନ୍ତା ଓ ବିଚାରଧାରାକୁ ସହଜରେ ଗ୍ରହଣ କରିପାରିବେ। ବିଶେଷକରି ନାଗରିକଙ୍କ ରାଷ୍ଟ୍ର ପ୍ରତି ଥିବା ଦୃଷ୍ଟିକୋଣ ଏବଂ ଦେଶ ପ୍ରତି ଥିବା ଦାୟିତ୍ୱବୋଧ ସମ୍ପର୍କରେ ରାଷ୍ଟ୍ରପତିଙ୍କ ଚିନ୍ତାଧାରା ଲିପିବଦ୍ଧ ହୋଇଛି।

*ଏହି ପୁସ୍ତକଦ୍ୱୟ ବୁକ୍ ଗ୍ୟାଲେରୀ, ପ୍ରକାଶନ ବିଭାଗ, ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ନୂଆଦିଲ୍ଲୀରେ ଉପଲବ୍ଧ।*
*ଏହି ପୁସ୍ତକ ଅନ୍‌ଲାଇନ୍‌ରେ www.bharatkosh.gov.in ଏବଂ ଇ-ଭର୍ସନ୍ ଆମାଜନ୍ ଓ ଗୁଗଲ୍ ପ୍ଲେ'ରେ ଉପଲବ୍ଧ।*

**YOJANA (Odia) : Monthly** **January 2019** **RNI No. 57203/93**

**ISSN 0971-8346** **Total Number of Pages (56)**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍

# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

## ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା

## "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

## ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi"**

**Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020**

**Editor : Dr. Girish Chandra Dash**